R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୩୦
ତିଥି : ଦ୍ୱିତୀୟା
୨୮ ମେ' ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 230
28 May 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମୁଣ୍ଡ ନୁଆଁଇଲା ପାକ୍

# ଭାରତ ସହ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ : ସରିଫ୍

ନୂଆଦିଲ୍ଲୀ, ୨୭।୫ : ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ଉଭୟେ ସାମରିକ ଓ ମାନସିକ ସ୍ତରରେ ଦୋହଲି ଯାଇଛି । ଭାରତ ସହ ଶାନ୍ତି ଆଲୋଚନା ଲାଗି ପ୍ରସ୍ତୁତ ବୋଲି ପାକ୍ ପ୍ରଧାନମନ୍ତ୍ରୀ ସେହେବାଜ୍ ସରିଫ୍ ତାଙ୍କ ଇରାନ୍ ଗସ୍ତ ସମୟରେ କହିଛନ୍ତି ।

ସରିଫ କହିଛନ୍ତି ଯେ ଭାରତ ସହ ଶାନ୍ତି ଆଲୋଚନା ଲାଗି ଆମେ ପ୍ରସ୍ତୁତ। ସବୁ ପ୍ରସଙ୍ଗରେ ଆଲୋଚନା ହେଉ । କାଶ୍ମୀର ପ୍ରସଙ୍ଗ ହେଉ, ଜଳ ସମସ୍ୟା, ଆତଙ୍କବାଦ୍, ବାଣିଜ୍ୟ ଆଦି ସବୁ ପ୍ରସଙ୍ଗରେ ବୁଝାମଣା ପାଇଁ ଆମେ ରାଜି ଅଛୁ।



ଏହାଛଡା ପଡୋଶୀ ସହ ବାଣିଜ୍ୟ ଓ ଆତଙ୍କବାଦର ମୁକାବିଲା ଲାଗି କଥା ହେବାକୁ ଆମେ ପ୍ରସ୍ତୁତ। ତେହେରାନ୍‌ରେ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ ଅବସରରେ ସେ ଏହା କହିଛନ୍ତି । ସରିଫ କରିଛନ୍ତି ଯେ ଆମେ ଶାନ୍ତିର ପ୍ରସ୍ତାବ ଦେଉଛୁ। ଏହାକୁ ଗ୍ରହଣ କରାଗଲେ ଆମେ ପ୍ରକୃତରେ ବାସ୍ତବ ଚାହୁଁଛୁ ତାହା ପ୍ରଦର୍ଶନ କରିବୁ। ଆମେ ଗୁରୁତ୍ୱର ସହ ଏହାକୁ ଗ୍ରହଣ କରିଛୁ। ତେବେ ନିକଟରେ ଭାରତ ପକ୍ଷରୁ କୁହାଯାଇଥିଲା ଯେ ପାକିସ୍ତାନ ସହିତ ଏବଂ ସୀମାପାର ଆତଙ୍କବାଦ ବିରୋଧରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବେ। ତେବେ ସରିଫ୍ କହିଛନ୍ତି ଯେ ଭାରତ ସହ ବିବାଦ ଥିବା ସତ୍ତ୍ୱେ ସେମାନେ ଆଲୋଚନା ପାଇଁ

- କାଶ୍ମୀର, ଆତଙ୍କବାଦ ସମସ୍ୟାରେ ଆଲୋଚନା ଲାଗି ପ୍ରସ୍ତୁତ
- ଜଳ ବିବାଦ, ବାଣିଜ୍ୟ ସମ୍ପର୍କରେ ଆଲୋଚନା ହେଉ
- ବାସ୍ତବ ପକ୍ଷେ ପାକିସ୍ତାନ ଶାନ୍ତି ଚାହୁଁଛି

ସେତେବେଳେ କଥାବାର୍ତ୍ତା ହେବ ଯେତେବେଳେ ସେମାନେ ପାକ୍ ଅଧିକୃତ କାଶ୍ମୀରକୁ ଫେରାଇବେ ରାଜି। ଇରାନ୍‌ର ସିପ୍ରିମ୍ ନେତା ଆୟତୁଲ୍ଲା ସୟଦ ଅଲ୍ଲି ଖାମନେଇ ଏହି ସାମ୍ବାଦିକ (୯ ପୃଷ୍ଠାରେ)

# ଆଜିଠୁ ୧ ଯାଏଁ ବର୍ଷିବ

ଭୁବନେଶ୍ୱର, ୨୭।୫ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ । ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି । ଆସନ୍ତା ୧ ତାରିଖ ଯାଏଁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ନଜରରେ ରଖି ସତର୍କ କରାଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) । ସେହିପରି ମୌସୁମୀ ଆଗକୁ ବଢ଼ିବାକୁ ସହାୟକ ହେବ ଲଘୁଚାପ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଓଡ଼ିଶାକୁ ପ୍ରବେଶ କରିପାରେ ମୌସୁମୀ ।

ପାଣିପାଗ ବିଭାଗର କହିବାନୁସାରେ, ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା ଉପକୂଳ ନିକଟରେ ରହିଛି । ଏହି ଲଘୁଚାପ ଧୀରେ ଧୀରେ ଉତ୍ତର ଦିଗକୁ ଗତି କରିବା ସହି ଅଧିକ ଘନୀଭୂତ ହେବ । ପରବର୍ତ୍ତୀ ୪୮ ଘଣ୍ଟାରେ ଏହାର ସ୍ପଷ୍ଟ ଚିତ୍ର ଜଣାପଡ଼ିବ । ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ନଜରରେ ସମସ୍ତ ଜିଲ୍ଲାପାଳମାନଙ୍କୁ ଏସ୍ଆରସି ଚିଠି ଲେଖି ସତର୍କ କରାଇଛନ୍ତି । ଏହାସହ ବଜ୍ରପାତ ଅଘଟଣ ଏଡ଼ାଇବାକୁ ଲୋକଙ୍କୁ ସଚେତନ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି । କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ମଧ୍ୟ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି ।

- ଲଘୁଚାପ ଅଧିକ ଘନୀଭୂତ ହେବ
- ୪୮ ଘଣ୍ଟାରେ ଓଡ଼ିଶା ଛୁଇଁବ ମୌସୁମୀ
- ଜିଲ୍ଲାପାଳଙ୍କୁ ସତର୍କ କଲେ ଏସଆରସି

ଲଘୁଚାପ ପ୍ରଭାବରେ ୨୯ରୁ ଜୁନ ୧ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ଏହି ବର୍ଷା ମୌସୁମୀ ଅଗ୍ରସରକୁ ଆହୁରି ସକ୍ରିୟ କରିବ । ସକ୍ରିୟ ରହିଲେ ଓଡ଼ିଶାରେ ମୌସୁମୀ (୯ ପୃଷ୍ଠାରେ)

# ବିସ୍ଫୋରକ ବୋଝେଇ ଗାଡ଼ି ଲୁଟିଲେ ମାଓବାଦୀ

ସୁନ୍ଦରଗଡ଼, ୨୭।୫ (ସବ୍ୟୁ ): ସୁନ୍ଦରଗଡ଼ ଜିଲ୍ଲା କେବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିକୁ ସୁନ୍ଦରଗଡ଼ ବଡ଼ଗାଁରୁ ଆସୁଥିବା ବିସ୍ଫୋରକ ବୋଝେଇ ଗାଡ଼ି ମାଓବାଦୀ ଲୁଟ୍ କରିଛନ୍ତି । ଗାଡ଼ି ସହ ଲୁଟ୍ ହୋଇଥିବା ପ୍ରାୟ ୪ ଟନ୍ ବିସ୍ଫୋରକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଗାଡ଼ିକୁ ଅଜ୍ଞାତ ୩୦ରୁ ୪୦ ଜଣ ମୁଖାପିନ୍ଧା ମାଓବାଦୀ ଲୁଟିଥିବା କୁହାଯାଉଛି । ତେବେ ଲୁଟିବାର ପ୍ରାୟ ୭ ଘଣ୍ଟା ପରେ ପୁଲିସ ଓ ସିଆରପିଏଫ ମିଳିତ ଅଭିଯାନରେ ବିସ୍ଫୋରକ ବୋଝେଇ ଗାଡ଼ି ଠାବ ହୋଇଛି ।

ବଡ଼ଗାଁରୁ ବିସ୍ଫୋରକ ବୋଝେଇ ହୋଇ ଏକ ଗାଡ଼ି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଙ୍କୋ ଖଣି ଅଭିମୁଖେ ବାହାରିଥିଲା । ଖଣି ପହଞ୍ଚିବାକୁ ଆଉ ଅଳ୍ପଦୂର ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ପାଖାପାଖି ୩୦ରୁ ଅଧିକ ଅଜ୍ଞାତବ୍ୟକ୍ତି ଗାଡ଼ିକୁ ଘେରି ଯାଇଥିଲେ । ଏହାପରେ ସେମାନେ ଗାଡ଼ି ସହ ବିସ୍ଫୋରକକୁ ଲୁଟି ନେଇଥିଲେ । ଖଣି କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୁଲିସ ଗୋଟିଏ ଟିମ୍ ଗଠନକରି ଛାନଭିନ୍ ଆରମ୍ଭ କରିଥିଲା । ଏହାପରେ ପୁଲିସ ଓ ସିଆର୍ପିଏଫ୍ ଟିମ୍ ସରଣ୍ଡା ଜଙ୍ଗଲରେ ନିଜର କୁମ୍ବିଂ ଅଭିଯାନ ଆରମ୍ଭ କରିଥିଲେ । (୯ ପୃଷ୍ଠାରେ)

# ଏ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା




ନୂଆଦିଲ୍ଲୀ, ୨୭।୫ : ଚଳିତ ମୌସୁମୀରେ ସ୍ୱାଭାବିକ ଠାରୁ ଅଧିକ ବୃଷ୍ଟିପାତ ହେବ। ଜୁନ୍‌ରେ ଦୀର୍ଘମିଆଦି ହାରାହାରିରେ ଏହା ୧୦୮% ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆକଳନ କରାଯାଇଛି ।

ଆଇଏମ୍‌ଡିର ଏକ ସାମ୍ବାଦିକ ସମ୍ମିଳନୀରେ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ସମଗ୍ର ମୌସୁମୀ ଋତୁରେ ଚଳିତ ବର୍ଷ ୧୦୬% ବର୍ଷା ହେବ। ଯାହା ସ୍ୱାଭାବିକ ଠାରୁ ଅଧିକ। ମୌସୁମୀର ଅଗ୍ରଗତି ଆଶାନୁରୂପ ରହିଛି । ଆଗାମୀ କିଛି ଦିନରେ ଏହା ଆଉ କେତେକ ରାଜ୍ୟକୁ ଅଗ୍ରସର ହେବ। କେନ୍ଦ୍ର ଭୂବିଜ୍ଞାନ ସଚିବ ଏମ୍ ରବିଚନ୍ଦ୍ରନ୍ କହିଛନ୍ତି ଯେ ଜୁନ୍‌ରେ ସ୍ୱାଭାବିକ ହାର ଠାରୁ ଅଧିକ ଅର୍ଥାତ୍ ୧୦୮% ବର୍ଷା ହେବ। ବିଶେଷକରି ଉତ୍ତର-ପୂର୍ବ (୯ ପୃଷ୍ଠାରେ)

# ଦୁର୍ଦ୍ଦାନ୍ତ ମାଓବାଦୀ ବିଜୟ ପୁନେମର ଆତ୍ମସମର୍ପଣ

ରାୟଗଡ଼ା ୨୭।୫, (ସବ୍ୟୁ) : ପ୍ରାୟ ୧୭ ବର୍ଷର ମାଓବାଦୀ କାର୍ଯ୍ୟ କଳାପରେ ହାର୍ଡକୋର ମାଓବାଦୀ ବିଜୟ ପୁନେମ ଓରଫ ଅଜୟ ଅଜୟ ମଙ୍ଗଳବାର ରାୟଗଡ଼ା ଏସପି ସ୍ୱାତୀ ଏସ୍ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛି । ବିଜୟର ଘର ଛତିଶଗଡ଼ ରାଜ୍ୟ ବାଟିଗୁଡା ଗ୍ରାମରେ । ସେ ଦୀର୍ଘ ୧୭ ବର୍ଷ ହେବ ବାସଧରା-ଘୁମୁସର-ନାଗାବଳୀ ଡିଭିଜନର କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ । ସେ ୨୦୦୯ ମସିହାରେ ମାଓ ସଂଗଠନରେ ମିଶିଥିଲେ । ପରେ ଟ୍ରେନିଂ ଶେଷ ହେବା ପରେ ତାକୁ ୨୦୧୪ ରେ ମାଓ ସଂଗଠନର ଏସିଏମ୍ ଦାୟିତ୍ୱ ମିଳିଥିଲା ।୨୦୨୪ ମସିହାରେ ତାକୁ ବାଶଧରା-ଘୁମୁସର-ନାଗାବଳୀ ଡିଭିଜନର କ୍ୟାଡର ଦାୟିତ୍ୱ ମିଳିଥିଲା । ବିଜୟ ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ାରେ ଘଟିଥିବା ବିଭିନ୍ନ ନକ୍ସଲ ହିଂସାରେ ଜଡ଼ିତ (୯ ପୃଷ୍ଠାରେ)

## ଅପରେସନ୍ ସିନ୍ଦୂରରେ ବିଏସ୍ଏଫ୍‌ର ପରାକ୍ରମ

# ପାକ୍‌ର ୭୨ ପୋଷ୍ଟ ଧ୍ୱଂସ

ନୂଆଦିଲ୍ଲୀ, ୨୭।୫ : ଅପରେସନ୍ ସିନ୍ଦୂରରେ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) ଦେଖାଇଥିବା ପରାକ୍ରମର ନୂଆ ଭିଡିଓ ଆସିଛି। ଏଥିରେ ପାକିସ୍ତାନ ସୀମା ଭିତରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକରେ ବିଏସ୍ଏଫ୍ ଯବାନଙ୍କ ସଠିକ୍ ଆକ୍ରମଣ ଦୃଶ୍ୟ ରହିଛି । ବିଏସ୍ଏଫ୍ ଯବାନ ପାକିସ୍ତାନର ୭୨ ପୋଷ୍ଟକୁ ଧ୍ୱଂସ କରିଥିବା କୁହାଯାଇଛି ।

ଏକ ସାମ୍ବାଦିକ ସମ୍ମିଳନୀରେ ବିଏସ୍ଏଫ୍ ପକ୍ଷରୁ କୁହାଯାଇଛି ଯେ ମେ' ୮ ରାତିରେ ଶିଲାକୋଟ୍ ନିକଟରେ ୪୦ ରୁ ୫୦ ଆତଙ୍କବାଦୀ ଥିବା ବିଏସ୍ଏଫ୍ ଜାଣିପାରିଥିଲା। ସମ୍ବା ଅଞ୍ଚଳରେ ସେମାନେ ଅନୁପ୍ରବେଶ ପାଇଁ ଚେଷ୍ଟା କରୁଥିଲେ। ମାତ୍ର ବିଏସ୍ଏଫ୍ ପକ୍ଷରୁ ଦୃଢ଼ ଜବାବ ଦିଆଯାଇ ସେମାନଙ୍କୁ




ଅଟକା ଯାଇଥିଲା। ସୀମା ଆରପଟେ ଥିବା ପାକିସ୍ତାନର ପୋଷ୍ଟଗୁଡ଼ିକୁ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନରେ ଉଡାଇ ଦିଆଯାଇଛି। ବିଏସ୍ଏଫ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ପାକ୍ ସୈନ୍ୟମାନେ ଭାରତ ଉପରେ ସେମାନଙ୍କ ପୋଷ୍ଟରୁ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ମାତ୍ର ୧ ମିନିଟ୍ ୯ସେକେଣ୍ଡରେ ଜବାବ ଦିଆଯାଇଥିଲା। ବିଏସ୍ଏଫ୍ ପକ୍ଷରୁ ୭୨ ପାକିସ୍ତାନୀ ବର୍ଡର ପୋଷ୍ଟ ଓ ୪୨ ଫରୱାର୍ଡ ଡିଫେନ୍ସ ଲୋକେସନ୍ ଓ ୩ ଆତଙ୍କବାଦୀଙ୍କ ଲଞ୍ଚପ୍ୟାଡ୍‌କୁ ଧ୍ୱଂସ କରାଯାଇଛି। ପାକିସ୍ତାନୀ ରେଞ୍ଜର ପକ୍ଷରୁ ଜମ୍ମୁ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ସୀମା ନିକଟରେ ଗୁଳିଗୁଳା ବିନିମୟର ଜବାବରେ ଏହି ଜବାବ ଦିଆଯାଇଥିଲା। ପାକିସ୍ତାନ ପକ୍ଷରୁ ୬୦ ବର୍ଡର ଆଉଟ୍‌ପୋଷ୍ଟ, ୩୯ ଫରୱାର୍ଡ ଡିଫେନ୍ସ ଲୋକେସନ୍ (ଏଫ୍‌ଡିଏଲ୍ଏସ୍)ରୁ ଗୁଳିଗୁଳା ଭାରତ ଉପରେ ବର୍ଷା କରାଯାଉଥିଲା। ଏହାର ଜବାବରେ ବିଏସ୍ଏଫ୍ ସେମାନଙ୍କ (୯ ପୃଷ୍ଠାରେ)

# ଭୁଲ୍ ରିପୋର୍ଟ ନେଲା ଶିଶୁ ଜୀବନ

ଭଦ୍ରକ, ୨୭।୫ (ସବ୍ୟୁ ): ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁଁ ଶିଶୁଟିର ମୃତ୍ୟୁ ହୋଇଥିବାବେଳେ ମା ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଉତ୍ୟକ୍ତ ଲୋକେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୭ଟାରୁ ଭଦ୍ରକ ସହରର ବାଇପାସ ଠାରେ ରାସ୍ତା ଅବରୋଧ କରିଥିଲେ । ଉତ୍ତେଜନାକୁ ଦେଖି ଟାଉନ ଥାନାଧିକାରୀ ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲେ । ଅଲଟ୍ରାସାଉଣ୍ଡ ସେଣ୍ଟରରେ ତାଲା ପଡ଼ିଥିବା ବେଳେ କର୍ତ୍ତୃପକ୍ଷଙ୍କର ଦେଖା ମିଳିନଥିଲା । ସୂଚନା ମୁତାବକ ଭଦ୍ରକ ଟାଉନ ଥାନା ଅଧୀନ ବାଇପାସ୍ ସ୍ଥିତ ଏକ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ତିହିଡ଼ି ଥାନା ଅଧୀନ ଦୋଳସାହି, ରାଢ଼ଙ୍ଗ ଅଞ୍ଚଳର ପ୍ରଫୁଲ୍ଲ ଗିରି ତାଙ୍କ ଗର୍ଭବତୀ ସ୍ତ୍ରୀ ବାସନ୍ତୀ ରାଉତଙ୍କ ଗତ୨ ଦିନ ତଳେ ଅଲଟ୍ରାସାଉଣ୍ଡ କରିଥିଲେ । ଅଲଟ୍ରାସାଉଣ୍ଡ ପକ୍ଷରୁ

## ମା' ଗୁରୁତର, ରାସ୍ତାରୋକ

ରିପୋର୍ଟ ଭୁଲ୍ ଥିବା କୁହାଯାଇ ରିପୋର୍ଟ ଦିଆଯାଇଥିଲା । ସୋମବାର ପେଟରେ ଯନ୍ତ୍ରଣା ହେବାରୁ ଭଦ୍ରକ ଶିଶୁ ମାତୃବିଭାଗ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ସନ୍ଧ୍ୟାରେ ଅପରେସନ ପରେ ମୃତ ଶିଶୁ ଜନ୍ମ ହୋଇଥିଲା । ପେଟରେ ଥିବା ଶିଶୁପୁତ୍ର ମରି ପଚିସଢ଼ି ଯାଇଥିବାରୁ ଗତ ପ୍ରାୟ ୨/୩ ଦିନ ତଳେ ପିଲାଟିର ପେଟରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ । ଅପରପକ୍ଷେ ମାଆର ଅବସ୍ଥା ଗୁରୁତର ଥିବାରୁ ସେ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ଶିଶୁର ମୃତଦେହକୁ ସାଙ୍ଗରେ ଧରି ପ୍ରଫୁଲ୍ଲ ଓ ତାଙ୍କ ପରିବାର ଲୋକେ ସୋମବାର ରାତି ପ୍ରାୟ ୯ଟା ସମୟରେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟର ସମ୍ମୁଖରେ ଧାରଣାରେ ବସିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ମଧ୍ୟ ଅଲଟ୍ରାସାଉଣ୍ଡ କର୍ତ୍ତୃପକ୍ଷ କିଛି ବୁଝିନଥିଲେ । ଏଥିରେ ଅସନ୍ତୋଷ ପ୍ରକାଶ କରି ଉକ୍ତ ପରିବାର ସମେତ ତାଙ୍କ ସମ୍ପର୍କୀୟମାନେ ମଙ୍ଗଳବାର ପୂର୍ବାହ୍ନରୁ ଭଦ୍ରକ ଚାନ୍ଦବାଲି ରାଜ୍ୟ ରାଜପଥର ବାଇପାସ୍ ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ଉଭୟ ପଟରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣା ସ୍ଥଳରେ (୯ ପୃଷ୍ଠାରେ)

## ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କୁଳପତି

ଭୁବନେଶ୍ୱର, ୨୭।୫ (ସବ୍ୟୁ) : ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି । ରାଜଭବନ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ନୂଆ ନିର୍ଦ୍ଦେଶନାମା ଯାଏ ପ୍ରଫେସର ଦଣ୍ଡପାଟ ଦାୟିତ୍ୱରେ ରହିବେ। ଯେ ପର୍ଯ୍ୟନ୍ତ ନୂଆ କୁଳପତି ନିଯୁକ୍ତି ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ସେ ଅସ୍ଥାୟୀ କୁଳପତି ଭାବେ କାର୍ଯ୍ୟ ନିର୍ବାହ କରିବେ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦବୀରୁ ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି। ତେବେ ସେବେଠାରୁ କୁଳପତି ପଦବୀ ଖାଲି ପଡିଥିଲା। ଆଜି ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି।

# ଖୋର୍ଦ୍ଧା-ବଲାଙ୍ଗିର ରେଳ ଟନେଲରେ ପୁଣି ଏକ ଗର୍ତ୍ତ

ହରଭଙ୍ଗା, ୨୭।୫ (ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େଣୀଗଡ଼ ନିକଟରେ ନିର୍ମାଣଧୀନ ଓଡ଼ିଶାର ସର୍ବବୃହତ ଖୋର୍ଦ୍ଧା - ବଲାଙ୍ଗିର ୪ ନମ୍ବର ରେଳପଥ ସୁଡ଼ଙ୍ଗ ସୋମବାର ଭୁଶୁଡି ପଡିଥିଲା । ଏହାର ୨୪ ଘଣ୍ଟା ନପୁରୁଣୁ ପୁଣି ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସେହି ସ୍ଥାନରେ ୧୦ ଫୁଟ ଲମ୍ବର ଆଉ ଏକ ଗର୍ତ୍ତ ସୃଷ୍ଟି ହୋଇଛି । ଗତ ସୋମବାର ଭୁଷୁଡିବା ସ୍ଥାନରୁ କିଛି ଦୂରତାରେ ଏହି ଗର୍ତ୍ତ ଏବଂ ଫାଟ ସୃଷ୍ଟି ହୋଇଛି । ଲଗାତର ଟନେଲର ଉପରିଭାଗରେ ଏଭଳି ଫାଟ ଏବଂ ଗାତ ଯୋଗୁଁ ନିର୍ମାଣଧିନ ଓଡ଼ିଶାର ସର୍ବ ବୃହତ



ରେଳ ସୁଡ଼ଙ୍ଗର ଦାୟିତ୍ୱରେ ଥିବା ପିଏମସି ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ବେପରୁଆ କାର୍ଯ୍ୟଶୈଳୀକୁ ପଦାରେ ପକାଇଛି । ବାରମ୍ବାର ରେଳ ସୁଡ଼ଙ୍ଗ ଭୁଷୁଡି ଯାଉଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିବା ଜଣାପଡିଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି । ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ସୁରକ୍ଷା, ନିରାପତା ଯୋଗୁଁ ନିର୍ମାଣଧୀନ ୪ ନମ୍ବର ରେଳ ସୁଡ଼ଙ୍ଗର କଖାରୁଫାଳ ନିକଟରେ ୩୦ ଫୁଟ ଓସାରରେ ଉପରପାର୍ଶ୍ୱରୁ ଭୁଷୁଡି ପଡି ୧୦ ଫୁଟ ଲମ୍ବର ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା । ଏହାକୁ ମିଶାଇ ଉକ୍ତ ସୁଡ଼ଙ୍ଗରେ ୪ଥର ଭୁଶୁଡିଥିବା କଥା ମଧ୍ୟ ଆଲୋଚନାର ପରିଧିକୁ ଆସିଛି ।

ଅନ୍ୟ ପକ୍ଷରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନର ନିର୍ମାଣଧୀନ ଟନେଲ ନମ୍ବର ୪ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି । ସେଥିରେ କୁହାଯାଇଛି ଯେ ସୋମବାର ଅପରାହ୍ନରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନର (୯ ପୃଷ୍ଠାରେ)

## ଦୁର୍ବିସହ ଋଣ ବୋଝ

# ଗୋଟିଏ ପରିବାରର ୭ ସଦସ୍ୟଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ, ୨୭।୫ : ଋଣ ବୋଝ ଅସହ୍ୟ ହେଲା। ଚାପଗ୍ରସ୍ତ ହୋଇ ଗୋଟିଏ ପରିବାରର ୭ ଜଣ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ହରିୟାଣାର ପଞ୍ଚକୁଲ୍ଲାରେ ଦେଖିବାକୁ ମିଳିଛି। କାର ଭିତରେ ୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ କାର ବାହାରେ ଆଉଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

ବିଗତ କିଛିବର୍ଷ ଧରି ଏହି ପରିବାର ଋଣଗ୍ରସ୍ତରେ ଥିଲେ। ଏମାନେ ଡେରାଡୋନ୍‌ର ବାସୀନ୍ଦା। ଡେରାଡୋନ୍‌ରୁ ପଞ୍ଚକୁଲ୍ଲା ଆସି ବାଗେଶ୍ୱର ଧାମରେ ହନୁମାନ କଥା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ସେଠାରୁ ଫେରି ଡେରାଡୋନ୍ ଠାରେ ସେକ୍ଟର-୨୭ ଠାରେ ତାଙ୍କ ଗାଡ଼ି ପାର୍କ କରିଥିଲେ। ତେବେ ସ୍ଥାନୀୟ ଲୋକେ ତାଙ୍କୁ ପଚାରିବାରୁ କାର୍‌ଟି ଏଠି ନ ରଖି ମାର୍କେଟକୁ ନେଇଯାଆନ୍ତି ବୋଲି କହିଥିଲେ। ପାଖରେ ହୋଟେଲ ନଥିବାରୁ ଏଠି ସେମାନେ ବିଶ୍ରାମ କରୁଛନ୍ତି ବୋଲି କହିଥିଲେ। ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ପ୍ରବୀଣ ମିତଲ ଅଛନ୍ତି ତାଙ୍କ ପିତା, (୯ ପୃଷ୍ଠାରେ)

ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ଏକ ରିଂରେ ମଣିଷଙ୍କ ପରିବର୍ତ୍ତେ ରୋବଟ ବକ୍ସିଂ ମ୍ୟାଚ୍ ଖେଳୁଥିବା ଦେଖିବାକୁ ମିଳିଛି । ଚୀନରେ ଆୟୋଜିତ ହୋଇଥିବା ଏହି କିକ୍ ବକ୍ସିଂ କମ୍ପିଟିସିନରେ ରୋବଟଙ୍କୁ ଗ୍ଲୋବ୍ସ ପିନ୍ଧି ମୁଷ୍ଟି ଯୁଦ୍ଧ କରୁଥିବାର ଦେଖିବାକୁ ମିଳିଛି । ଏହା ହେଉଛି ବିଶ୍ୱର ପ୍ରଥମ ରୋବଟ କିକ୍ ବକ୍ସିଂ ଚାମ୍ପିଅନସିପ୍ । ଏହି ବକ୍ସିଂ ଚାମ୍ପିଅନସିପ୍‌ରେ ଚାରିଜଣ ଜିଓ୍ୱାନ୍ ହ୍ୟୁମାନଏଡ୍ ରୋବଟ ଭାଗ ନେଇଥିଲେ । ସେମାନଙ୍କୁ ଏହି କମ୍ପିଟିସନରେ ଅବିକଳ ମଣିଷ ଭଳି ମୁଥା ଓ ଗୋଇଠା ମାରୁଥିବାର ଦେଖିବାକୁ ମିଳିଥିଲା । ସେମାନଙ୍କୁ କିଛି ମଣିଷମାନେ ଦୂରରୁ ଅପରେଟ କରୁଥିଲେ । ତେବେ ଏହି ବକ୍ସିଂ ପ୍ରତିଯୋଗିତା ଏଆଇ ଓ ରୋବୋଟିକ ଟେକ୍ନୋଲୋଜିର ଏକ ଅନନ୍ୟ ଉଦାହରଣ । ଏହି ମ୍ୟାଚ୍‌ର ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଛି । ସେମାନେ ଏଆଇର ଭବିଷ୍ୟତ ଖୁବ ଉଜ୍ଜ୍ୱଳ ବୋଲି ମତ ଦେବାରେ ଲାଗିଛନ୍ତି ।

## ରୋବଟଙ୍କ ବକ୍ସିଂ ମ୍ୟାଚ୍




## ସୋସିଆଲ କୋଟ୍ସ



"କଙ୍ଗନାଙ୍କ ଲକ୍ଷଣ ବହୁତ ଭଲ । ସେ କିଛି ଲୋକଙ୍କ ପାଇଁ ମୁହଁ ଉପରେ କହୁଥିବା ବ୍ୟକ୍ତି ହୋଇଥିବେ କିନ୍ତୁ ତାଙ୍କ ଟିମ୍ ପାଇଁ ସେ ଖୁବ ଭଲ ।

ମାରିଆ, ସେଲିବ୍ରିଟି ହେୟାର ଷ୍ଟାଇଲ୍



"ଅନେକବର୍ଷ ପରେ ବି ଇଣ୍ଡଷ୍ଟ୍ରୀରେ ମୋର ସବୁବେଳେ ଯାଞ୍ଚ କରାଯାଇଥାଏ । ମୋ ସହିତ ଯେଉଁମାନେ କାମ କରନ୍ତି ବା ମୋ ଟିମ୍‌ର ସଦସ୍ୟଙ୍କୁ ସବୁବେଳେ ଅସହଜ ପ୍ରଶ୍ନ ପଚରା ଯାଇଥାଏ ।

କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ

"ମୁଁ ମାତ୍ର ଦ୍ୱାଦଶ ପର୍ଯ୍ୟନ୍ତ ପଢିଛି । ଏହାପରେ ପାଠ ପଢା ଛାଡି ଦେଇଥିଲି । ଓ୍ୱିକି ପିଡିଆରେ କିଛି ବି ଲେଖିଦିଅନ୍ତି । ମୋ ବିଷୟରେ ସେଥିରେ ମିଛ ଲେଖାଯାଇଛି ।

ଫାତିମା ସନା ଶୈଖ, ଅଭିନେତ୍ରୀ



## ଲକ୍ଷଣ ପୂର୍ବରୁ ଜାଣିହେବ ରୋଗ

ନିକଟରେ ବୈଜ୍ଞାନିକମାନେ ବାହାର କରିଛନ୍ତି ବିଶ୍ୱର ପ୍ରଥମ ବ୍ରେନ୍ ସ୍କାନିଂ ଟେକନିକ ଯାହା ଆଲଜାଇମର ରୋଗର ଲକ୍ଷଣ ଦେଖାଯିବା ପୂର୍ବରୁ ହିଁ ଏହାକୁ ଚିହ୍ନଟ କରିପାରିବ । ବୈଜ୍ଞାନିକମାନେ ଏହି ଟେକ୍‌ନିକ୍‌କୁ କର୍ଟିକାଲ୍ ଡିଜାରେ ମେଜରମେଣ୍ଟର ବା ସିଡିଏମ୍‌ର ନାଁ ଦେଇଛନ୍ତି । ଏହା ଏମ୍‌ଆର୍‌ଇ ସ୍କାନ୍‌କୁ ସମୀକ୍ଷା କରି ରିପୋର୍ଟ ଦେଇଥାଏ । ବର୍ତ୍ତମାନର ପ୍ରକ୍ରିୟାରେ ରୋଗର ଲକ୍ଷଣ ଦେଖାଯିବା ପରେ ଏସମ୍ପର୍କରେ ଜଣା ପଡୁଛି ହେଲେ ନୂତନ ଟେକ୍‌ନିକ୍‌କୁ ବ୍ୟବହାର କରି ଲକ୍ଷଣ ପୂର୍ବରୁ ରୋଗ ସମ୍ପର୍କରେ ଜଣା ପଡିପାରିବ । ଏହି ନୂଆ ଟେକ୍‌ନିକ୍ ବିଶେଷ ଭାବେ ମସ୍ତିଷ୍କକୁ ମସୀକ୍ଷା କରିବାପରେ ରୋଗ ସମ୍ପର୍କରେ ସୂଚନା ଦେଇଥାଏ । ସମ୍ପୂର୍ଣ୍ଣ ସମୀକ୍ଷା ପରେ ଏହି ଟେକନିକ୍ ଫଟୋ ଓ ନ୍ୟୁମେରିକାଲ ଭ୍ୟାଲୁଦ୍ୱାରା ନିଜର ଆଉଟପୁଟ ପ୍ରଦାନ କରିଥାଏ ।



## ବିନା ତେଲରେ ରାଜମା

**ସାମଗ୍ରୀ–** ରାଜମା, ୩ଟି ଟମାଟୋ କଟା, ଗୋଟିଏ ପିଆଜ କଟା,କଞ୍ଚାଲଙ୍କା, ଅଦା, ରସୁଣ, ଗୋଟା ଜିରା, ଧନିଆ ଗୁଣ୍ଡ, ହଳଦୀ, ଗରମ ମସଲା,ଲଙ୍କା ଗୁଣ୍ଡ, ଧନିଆ ପତ୍ର, ଲୁଣ ।

**ପ୍ରଣାଳୀ–** ବିନା ତେଲରେ ରାଜମା ରାନ୍ଧିବା ପାଇଁ ପ୍ରଥମେ ରାଜମାକୁ ବତୁରାଇ ସିଝାଇ ନିଅନ୍ତୁ । ଏହାପରେ ଟମାଟୋ, ପିଆଜ, କଞ୍ଚାଲଙ୍କା, ଅଦା, ରସୁଣ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏକ ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଜିରା ପକାଇ ଭାଜନ୍ତୁ । ଏହା ଅଳ୍ପ ଭାଜିହେବା ପରେ ଏଥିରେ ପୂର୍ବ ପ୍ରସ୍ତୁତ ମସଲାର ପେଷ୍ଟ ପକାନ୍ତୁ । ମସଲା ଅଳ୍ପ ସମୟ ଭାଜିହେବା ପରେ ଏଥିରେ ପାଣି ଦିଅନ୍ତୁ, ଯାହା ଫଳରେ ଏହା ତଳେ ଲାଗିବ ନାହିଁ । ମସଲାର କଞ୍ଚାଗନ୍ଧ ଯିବାଯାଏଁ ଏହାକୁ ଭାଜନ୍ତୁ, ଦରକାର ପଡିଲେ ମଝିରେ ପାଣି ଦିଅନ୍ତୁ । ଏହାପରେ ଏଥିରେ ଗୁଣ୍ଡ ମସଲା ପକାଇ ପୁଣି ଅଳ୍ପ ସମୟ ସିଝାନ୍ତୁ । ଏହାପରେ ଏଥିରେ କିଛି ସିଝା ରାଜମାକୁ ଚକଟି କରି ଦିଅନ୍ତୁ ଏପରି କରିବା ଦ୍ୱାରା ଆପଣଙ୍କ ତରକାରୀ ବହଳିଆ ହେବ । ଏହାପରେ ଅନ୍ୟ ସିଝା ରାଜମାକୁ ପକାଇ ଅଳ୍ପ ପାଣି ଦିଅନ୍ତୁ ଏବଂ କିଛି ସମୟ ପାଇଁ ଫୁଟିବାକୁ ଛାଡନ୍ତୁ । ଶେଷରେ ଏଥିରେ ଗରମ ମସଲା ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ବିନା ତେଲରେ ରାଜମା । ପାଣିର ସଠିକ ବ୍ୟବହାର କରିପାରିଲେ ବିନା ତେଲରେ ରୋଷେଇ କରିବା ସମ୍ଭବ ।



## ଇତିହାସ

୧୯୦୮– ଗୁଇନ୍ଦା ଉପନ୍ୟାସ ଜେମ୍ସ ବଣ୍ଡର ଲେଖକ ଇୟାନ୍ ଫ୍ଲେମିଙ୍ଗଙ୍କ ଜନ୍ମ ।

୧୯୫୯– ଦୁଇ ଆମେରିକୀୟ ମାଙ୍କଡ଼ଙ୍କର ସଫଳ ଅନ୍ତରୀକ୍ଷ ଯାତ୍ରା ।

୧୯୬୯– ନୌକାରେ ଏକାକୀ ବ୍ରିଟେନ ନାବିକ ସାର୍ ଫ୍ରାନ୍ସିସ୍ ଚିଚ୍‌ଚେଷ୍ଟରଙ୍କ ଯାତ୍ରା ।

୧୯୮୩– ଭାଷାବିତ୍, ବୁଦ୍ଧିଜୀବୀ ଓ ଦାର୍ଶନିକ ତଥା କ୍ରାନ୍ତିକାରୀ ବୀର ସାବରକରଙ୍କର ଜନ୍ମ ।

୧୯୯୮– ପାକିସ୍ତାନର ପ୍ରଥମ ପରମାଣୁ ପରୀକ୍ଷଣ ।

୨୦୦୨– ନେପାଳରେ ଜରୁରୀ ପରିସ୍ଥିତି ଲାଗୁ ।

## ୧୨୪ ବର୍ଷର କୁମ୍ଭୀର

ଜୀବଜଗତର କିଛି ଭୟଙ୍କର ପ୍ରାଣୀ ଭିତରେ କୁମ୍ଭୀରର ନାଁ ସବୁଠୁ ଆଗରେ ରହିଥାଏ । ତେବେ ଏହି ତାଲିକାରେ ରହିଛି ସାଉଥ ଆଫ୍ରିକାର ହେନେରୀ ନାମକ କୁମ୍ଭୀର, ଯିଏ ବିଶ୍ୱର ସବୁଠାରୁ ପୁରୁଣା କୁମ୍ଭୀର । ୨୦୨୪ ଡିସେମ୍ବରରେ କୁମ୍ଭୀରଟି ୧୨୪ତମ ଜନ୍ମ ଦିନ ପାଳିଛି । ଏହା ବର୍ତ୍ତମାନ ଏକ ଅଭ୍ୟାରଣରେ ରହିବା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ହେନେରୀ ୧୯୮୫ରେ ଜନ୍ମ ହୋଇଥିବାବେଳେ ଏହାର ଓଜନ ୭୦୦ କେଜି ରହିଛି । ତା ସହିତ ଜନ୍ତାରେ ପାଖାପାଖି ୭ଟି ମାଈ କୁମ୍ଭୀର ବସବାସ କରନ୍ତି ଯେଉଁମାନଙ୍କର ୧୦ ହଜାରରୁ ଅଧିକ ଛୁଆ ରହିଛନ୍ତି, ଯେଉଁମାନଙ୍କର ବାପ ହେଉଛି ହେନେରୀ । ୧୨୪ବର୍ଷରେ ମଧ ହେନେରୀ ଅଭୟାରଣ୍ୟର ଷ୍ଟାର ପାଲଟିଛି । ତାକୁ ଦେଖିବାକୁ ପ୍ରତିଦିନ ଅନେକ ପର୍ଯ୍ୟଟକଙ୍କର ଭିଡ ଜମିଥାଏ । ସେହିଭଳି ହେନେରୀର ଜନ୍ମଦିନରେ ହେଉଥିବା କାର୍ଯ୍ୟକ୍ରମ ଅନେକ ଲୋକଙ୍କୁ ଏକାଠି କରିବାରେ ସକ୍ଷମ ହୋଇଥାଏ । ପ୍ରତିବର୍ଷ ଖୁବ ଧୁମଧାମରେ ହେନେରୀର ଜନ୍ମଦିନ ପାଳନ କରାଯାଇଥାଏ ।



## ଭାସମାନ ବଜାର

**ଆପଣ ବିଭିନ୍ନ ପ୍ରକାରର ବଜାର ଦେଖିଥିବେ । ହେଲେ ଏଭଳି କିଛି ମାର୍କେଟ ବା ବଜାର ରହିଛି, ଯାହା ପାଣି ଉପରେ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥାଏ । ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଏହି ଫ୍ଲୋଟିଂ ମାର୍କେଟ୍ ଅବସ୍ଥିତ । ଏହି ଫ୍ଲୋଟିଂ ମାର୍କେଟ୍‌ରେ ବ୍ୟବସାୟୀମାନେ ଡଙ୍ଗାରେ ପନିପରିବା କିମ୍ବା ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରନ୍ତି । ଏହା ସାଧାରଣତଃ ନଦୀ କିମ୍ବା ହ୍ରଦ ଉପରେ ଗଢ଼ିଉଠେ । ଆସନ୍ତୁ ଏହାରି ଉପରେ ଗୋଟିଏ ନଜର ପକାଇବା ।**

**ଦାମନୋଏନ୍ ସାଡୁକ୍, ଥାଇଲାଣ୍ଡ୍–** ଏହି ମାର୍କେଟ୍‌ଟି ଥାଇଲାଣ୍ଡର ସବୁଠୁ ଅଧିକ ଲୋକପ୍ରିୟ ଫ୍ଲୋଟିଂ ମାର୍କେଟ୍ ରୂପେ ପରିଚିତ । ବ୍ୟାଙ୍କକ୍‌ରୁ ଏହା ୧୦୦ କିଲୋମିଟର ଦୂରରେ ଅବସ୍ଥିତ । ତେବେ ଏହାର ଚତୁଃପାର୍ଶ୍ୱ ଦେଖିବାକୁ ଏତେ ସୁନ୍ଦର ଓ ରଙ୍ଗବେରଙ୍ଗ ଯେ ହଲିଉଡ୍‌ର ଲୋକପ୍ରିୟ ଫିଲ୍ମ ଜେମ୍ସ ବଣ୍ଡର ଏକ ସିରିଜ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା ।

**ଗୁଆଭା ଫ୍ଲୋଟିଂ ମାର୍କେଟ୍, ବାଂଲାଦେଶ–** ବାଂଲାଦେଶରେ ଥିବା ଏହି ମାର୍କେଟ୍‌ଟି ପ୍ରାୟ ୨୦୦ ବର୍ଷ ହେବ ଏଠାରେ ଭାସମାନ ଅବସ୍ଥାରେ ରହିଛି । ସ୍ୱରୂପକଟିସ୍ଥିତ ଏହି ଗୁଆଭା ମାର୍କେଟ୍‌ଟିକୁ ବର୍ତ୍ତମାନ ଏକ ପର୍ଯ୍ୟଟନସ୍ଥଳୀ ରୂପେ ବିବେଚନା କରାଯାଉଛି । ତେବେ ଏହା ସମ୍ପୂର୍ଣ୍ଣ ରୂପେ ୟୁନିକ୍ ହୋଇଥିବାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଏହି ସ୍ଥାନର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଲାଗି ଆସିଥାଆନ୍ତି ।

**ପାଟୁଲି ଫ୍ଲୋଟିଂ ମାର୍କେଟ୍, କୋଲକାତା–** ୨୦୧୮ରେ ଖୋଲାଯାଇଥିବା ଏହି ଫ୍ଲୋଟିଂ ମାର୍କେଟ୍ ପ୍ରତ୍ୟହ ହଜାର ହଜାର ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ଏହି ମାର୍କେଟ୍‌ଟି କୋଲକାତାର ପାଟୁଲିର କେନାଲ୍ ଉପରେ ଅବସ୍ଥିତ । ଏଠାରେ ୨୦୦ରୁ ଅଧିକ ବିକ୍ରେତାଙ୍କ ସହିତ ଶହେରୁ ଉର୍ଦ୍ଧ୍ୱ ଲୋକ ମାଛ, ଫଳ ଓ ପନିପରିବା ବିକ୍ରି କରନ୍ତି ।

**ତ୍ରିବେଣୀ ସୁପର୍ ଷ୍ଟୋର୍, କେରଳ–** କେରଳରେ ଥିବା ଏହି ସୁପର୍ ମାର୍କେଟ୍ ପାଣି ଉପରେ ଭାସମାନ ଅବସ୍ଥାରେ ରହିଛି । ୨୦୧୨ରେ ଏହି ଫ୍ଲୋଟିଂ ମାର୍କେଟ୍‌କୁ ଲଞ୍ଚ୍ କରାଯାଇଥିବାବେଳେ ଏଠାରେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାରର ସାମଗ୍ରୀ ଉପଲବ୍ଧ କରାଯାଏ । ଏହାକୁ ଫ୍ଲୋଟିଂ ମଲ୍ ବୋଲି ମଧ କୁହାଯାଏ ।





## ପ୍ରଥମ ପସନ୍ଦ ଥିଲେ ପ୍ରିୟଙ୍କା



ନିକଟରେ ସଲମାନ ଖାନ୍‌ଙ୍କର ଏକ ପୁରୁଣା ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ପ୍ରିୟଙ୍କାଙ୍କୁ ନେଇ ନିଜ ମତ ପ୍ରକାଶ କରିଛନ୍ତି । ଏଥିରେ ସଲମାନଙ୍କ ମତ ଅନୁସାରେ ପ୍ରିୟଙ୍କା ଭାରତ ଫିଲ୍ମରେ ଅଭିନୟ ପାଇଁ ତାଙ୍କ ଭଉଣୀ ଅର୍ପିତାଙ୍କୁ ହଜାର ଥର ଫୋନ କରିଥିଲେ । ହେଲେ ଫିଲ୍ମର ସୁଟିଂ ଆରମ୍ଭ ହେବା ପରେ ପ୍ରିୟଙ୍କା ଏହି ଫିଲ୍ମ ଛାଡି ଦେଇଥିବା ସଲମାନ ପ୍ରକାଶ କରିଛନ୍ତି । ତେବେ ପ୍ରିୟଙ୍କାଙ୍କ ପାଇଁ ଏହି ଫିଲ୍ମ ଛାଡିବା ଖୁବ କଷ୍ଟ ହୋଇଥିବବୋଲି ସଲମାନ ପ୍ରକାଶ କରିଛନ୍ତି, କାରଣ ପ୍ରିୟଙ୍କା ଏଥିରେ ଅଭିନୟ କରିବାକୁ ଖୁବ ଇଚ୍ଛା କରିଥିଲେ । ତେବେ ପ୍ରିୟଙ୍କା ଏହି ଫିଲ୍ମ ନିଜର ବିବାହ ପାଇଁ ଛାଡିଥିବା ପ୍ରକାଶ କରିଥିଲେ । ନିଜ ସିଡ୍ୟୁଲ ଆରମ୍ଭ ହେବାର ମାତ୍ର ୧୦ ଦିନ ପୂର୍ବରୁ ସେ ଏହି ଫିଲ୍ମ ଛାଡିବେ ବୋଲି ପ୍ରକାଶ କରିଥିଲେ । ଏହାପରେ ଏହି ଫିଲ୍ମ ପାଇଁ କ୍ୟାଟ୍‌ରିନାଙ୍କୁ ଆପ୍ରୋଚ କରାଯାଇଥିଲା । କ୍ୟାଟରିନା ସେତେବେଳେ ଖୁବ ବ୍ୟସ୍ତ ଥାଇ ମଧ ଫିଲ୍ମ ପାଇଁ ରାଜି ହୋଇଯାଇଥିଲେ ଏବଂ ଫିଲ୍ମରେ ଅଭିନୟ ମଧ କରିଥିଲେ ।



ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ସୌଜନ୍ୟମୂଳକ ସାକ୍ଷାତ କରି ଦେଶ ତଥା ରାଜ୍ୟର ସୁରକ୍ଷା ଓ ବିକାଶର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ: ପ୍ରତିବାଦ କରିବାରୁ ତୀରମାଡ

ଠାକୁରମୁଣ୍ଡା ,(ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ହାତୀଗୋଡା ଗ୍ରାମର ଜିରୁମ ସାହିରେ ନାବାଳିକା ଦୁଷ୍କର୍ମ ଉଦ୍ୟମ ହୋଇଛି। ଏହା ପ୍ରତିବାଦ କରିବାରୁ  କେନ୍ଦ୍ର କରି ସମ୍ପର୍କୀୟ ମାମୁଁଙ୍କ ତୀରମାଡରେ ଭଣଜା ଗୁରୁତର ହୋଇଛି। ହାତୀଗୋଡା ଗ୍ରାମ ପଞ୍ଚାୟତ ଜିରୁମ ସାହିରେ ବିଶ୍ରା ଦ୍ରା  ସୋମବାର ରାତି ସାମେ ୭ଟାରେ  ଘରନିକଟ ରେ ଠିଆହୋଇ ଥିବା ବେଳେ ନିଜ ସମ୍ପର୍କୀୟ ମାମୁଁ  ହୁଣ୍ଡୁଲୁକଚା ସାହିର ରାଧାଶ୍ୟାମ ହିଆ ଅନ୍ଧକାରର ସୁଯୋଗ ନେଇ ତୀର ମାରିଥିଲେ। ତୀରଟି  ବିଶ୍ରାଙ୍କର ବାହୁରେ ପଶି ମଝିରେ ରହିଯାଇଥିଲା । ତୀର ବାଜିବା ସତ୍ତ୍ୱେ  ବିଶ୍ରା ଘରେ ରହି ଯାଇ ପରଦିନ ଠାକୁରମୁଣ୍ଡା ଡାକ୍ତରଖାନା ଆସିଥିଲେ । ମଙ୍ଗଳବାର ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ତୀରଟିକୁ କାଢି ଚିକିତ୍ସା କରାଯାଉଥିଲା ।  ସୂଚନା ଆଧାରରେ ସୋମବାର ସନ୍ଧ୍ୟା ୫ ଟାରେ ରାଧାଶ୍ୟାମ ଜିରୁମସାହିରେ  ସମ୍ପର୍କୀୟ ନାତୁଣୀକୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବାବେଳେ ନାବାଳିକାର ମା ରାଧାଶ୍ୟାମକୁ ଦୁଇ ପାହାର ମାଡ଼ ମାରିଥିଲେ ଏବଂ ଘଟଣା ସମ୍ପର୍କରେ ସ୍ୱାମୀ ବିଶ୍ରାକୁ ଜଣାଇଥିଲେ । ରାଧାଶ୍ୟାମ ରାଗରଖି ରାତି ପ୍ରାୟ ସାଢ଼େ ୭ଟାରେ ଘର ପାଖକୁ ଆସି ତୀରମାଡ କରିଥିଲେ। ଅଭିଯୋଗ ପାଇବା ପରେ ଠାକୁରମୁଣ୍ଡା ଥାନାରେ କେଶ ନଂ ୫୦/୨୫ ବଳରେ ମୋକଦ୍ଦମା ରୁଜୁ ହୋଇଛି । ଅଧିକାରୀଣୀ ସାବିତ୍ରୀ ଦଳେଇ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ଅପରାଧୀ ଫେରାର ଥିବା ଜଣାପଡିଛି ।

## ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କ ଓଡ଼ିଶା ହାଇକୋର୍ଟକୁ ବଦଳି

କଟକ,(ସବ୍ୟୁ) : ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି । ଏନେଇ ସୁପ୍ରିମ୍କୋର୍ଟ କଲେଜିୟମ୍ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରେ ଯୋଗ ଦେବେ । ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ଅନୁଷ୍ଠିତ ବୈଠକରେ ଦେଶର ବିଭିନ୍ନ



ହାଇକୋର୍ଟର ୨୧ଜଣ ବିଚାରପତିଙ୍କ ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ୨୧ଜଣଙ୍କ ମଧ୍ୟରେ ଜଷ୍ଟିସ୍ ପାଠକ ଅଛନ୍ତି । ଜଷ୍ଟିସ୍ ପାଠକ ୧୯୯୦ ମସିହାରେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ୍ ଏବଂ ଅରୁଣାଚଳ ପ୍ରଦେଶର ଆଇନଜୀବୀ ପରିଷଦରେ ଆଇନଜୀବୀଭାବେ ନିଜ ନାମ ପଞ୍ଜିକୃତ କରିଥିଲେ । ୨୦୧୩ ମେ ୨୨ ତାରିଖରେ ସେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ୨୦୧୮ ନଭେମ୍ବର ୧୨ ତାରିଖରେ ସେ ସେହି ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ ।




### ଟନେଲ ଭୁଷୁଡିବା ସ୍ଥାନ ପରିଦର୍ଶନ କଲେ ପିସିସି ସଭାପତି

# ରେଳ ବିଭାଗକୁ କଲେ ଦାୟୀ

ହରଭଙ୍ଗା,(ସବ୍ୟୁ): ପଶ୍ଚିମ ଓଡିଶାର ଲାଇଫଲାଇନ କୁହାଯାଉଥିବା ଖୋର୍ଦ୍ଧା-ବଲାଙ୍ଗିର ରେଳପ୍ରକଳ୍ପର କାର୍ଯ୍ୟ ଖୁବ ଜୋରରେ ଚାଲିଥିବା ବେଳେ ବୌଦ୍ଧ ଜିଲାରେ ୧୦୮ କିଲୋମିଟର ରହିଥିବା ଜିଲ୍ଲାର ମନମୁଣ୍ଡା ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ରେଳକାମ ଶେଷ ହେବା ସହ ରେଳବିଭାଗ ପକ୍ଷରୁ ସିଆରଏସ (କମିଶନ ଅଫ ରେଳ ସେଫଟି ) ମଧ ଶେଷ ହୋଇଛି । ହରଭଙ୍ଗା ବ୍ଲକର ପୁରୁଣାକଟକ ଠାରୁ ବାଣିଗୋଛା ପର୍ଯ୍ୟନ୍ତ ରେଳକାମ ଦ୍ରୁତ ଗତିରେ ଚାଲିଛି ।  ହରଭଙ୍ଗା ବ୍ଲକର ଆଡେଣୀଗଡ ପଞ୍ଚାୟତରେ ରେଳପ୍ରକଳ୍ପର ୪ ଗୋଟି ଟନେଲ କାମ ଚାଲିଥିବା ବେଳେ ଗତ ସୋମବାର ଦିନ ୪ ନମ୍ବର ଟନେଲର କଖାରୁଫାଳ ଠାରେ ଟନେଲ ଭୁଷୁଡିପଡି ୩୦ ଫୁଟର ଗାତ ସୃଷ୍ଟି ହୋଇଥିଲା ।  ଟନେଲ ଭୁଷୁଡି ପଡିବା ପରେ ମଙ୍ଗଳବାର ସକାଳେ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଟନେଲ ଭୁଷୁଡିଥିବା ସ୍ଥାନରେ ପହଞ୍ଚି ପରିଦର୍ଶନ ସହ



ଘଟଣା ପାଇଁ ରେଳବିଭାଗକୁ ଦାୟୀ କରିଥିଲେ । ରେଳ ବିଭାଗର ଅବହେଳା ଯୋଗୁଁ ଉକ୍ତ ଘଟଣା ଘଟିଥିବା କହିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ବାରମ୍ବାରା ଏଭଳି ଘଟଣା ଘଟୁଥିବାରୁ ମନ୍ତ୍ରୀ ଇସ୍ତଫା ଦାବୀ କରିଥିଲେ । ଏହା ସହ ଠିକ ଭାବେ ମାଟି ପରୀକ୍ଷା କରାଯାଇନଥିବାରୁ ଏପରି ଘଟଣା ଘଟିବା ସହ ଆହୁରି ମଧ ସରକାର ସିଧାସଳଖ ଜମି ଅଧିଗ୍ରହଣ ନକରି ଦଲାଲ ମାଧମରେ ଜମି କାରବାର କରିଥିବା ଯୋଗୁଁ ତ୍ରୀବ ସମାଲୋଚନା କରିବା ସହ ଜମି ହରାଇଥିବା ପରିବାରକୁ ଉପଯୁକ୍ତ କ୍ଷତିପୁରଣ ନଦେଲେ ରାଜ୍ୟ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ । ପିସିସି ସଭାପତିଙ୍କ ସହିତ ରାଜ୍ୟ କଂଗ୍ରେସର ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବୌଦ୍ଧ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହପାତ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, କଂଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲିକ, କନ୍ଧମାଳ ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡାଙ୍କ ସମତେ ଶତାଧିକ କଂଗ୍ରେସ କର୍ମୀ ଓ ନେତା ସାମିଲ ଥିଲେ । ପିସିସି ସଭାପତିଙ୍କ ଗସ୍ତ ସମୟରେ ଘଟଣା ସ୍ଥଳରେ ରେଳ ବିଭାଗ ଅଧିକାରୀ ,ଠିକା ସଂସ୍ଥାର ଅଧିକାରୀଙ୍କ ସହ ମଧ ଆଲୋଚନା କରିଥିଲେ ।

ପରେ ପୂର୍ବତନ ବୌଦ୍ଧ ବିଧାୟକ ତଥା ବିଜେଡ଼ି ବୌଦ୍ଧ ଜିଲ୍ଲା ସଭାପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଧ୍ୟ ଟନେଲ ପରିଦର୍ଶନ କରିଥିଲା । ବୌଦ୍ଧ ବିଜେଡ଼ି ପକ୍ଷରୁ ଅବକାଶ ସାହୁ ଙ୍କ ସମେତ ବରିଷ୍ଠ ସଦସ୍ୟ ମାନେ ସାମିଲ ଥିଲେ । ପରିଦର୍ଶନ ସମୟରେ ରାଲଓ୍ୱା ଠିକା ସଂସ୍ଥା ସହ ଆଲୋଚନ କରିଥିଲେ । ଉକ୍ତ ଗର୍ତ୍ତ ସୃଷ୍ଟି ହୋଇଥିବା କିଛି ଦୂରରେ ମଙ୍ଗଲ ବାର ସନ୍ଧ୍ୟା ସମୟରେ ଆଉ ଏକ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି । ଏଥିରେ କାହାର କିଚି କ୍ଷତି ହୋଇନଥିବା ସୂଚନା ମିଳିଛି ।



# ୨୨କେଜି ଗଞ୍ଜେଇ ଜବତ, ୩ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ନୟାପଲ୍ଲୀ ଥାନା ପୋଲିସ ହାଇସ୍କୁଲ ନିକଟରେ ଚଢାଉ କରି ଅଟୋରେ ଆସୁଥିବା ୩ଜଣଙ୍କୁ ଗିରଫ କରିବା ସହ ସେଥିରେ ଥିବା ୨୨କେଜି ଗଞ୍ଜେଇ ଜବତ କରିଛି ।

ନୂଆପଲ୍ଲୀ ଥାନା ପୋଲିସ ସୂଚନା ପାଇଥିଲା ଯେ, ତିନିଜଣ ଅଟୋରେ ଗଞ୍ଜେଇ ନେଇ ଯାଉଛନ୍ତି । ଅଟୋର ରଙ୍ଗ ଓ ନମ୍ବର ମଧ ପୋଲିସକୁ ସୂଚନା ପ୍ରଦାନକାରୀ ଜଣାଇଥିଲେ । ଦାରୁଠେଙ୍ଗରୁ ରେଣ୍ଟାଲ କଲୋନୀ ବାଟେ ଅଟୋ ଆସୁଥିବା ବେଳେ ବରମୁଣ୍ଡା ହାଇସ୍କୁଲ ନିକଟରେ ପୋଲିସ ଅଟୋକୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ମିଳିଥିଲା । ଏହି ଅଟୋଟି ବ୍ଲ୍ୟୁ କଲର ଡାଲା ଅଟୋ ଥିଲା । ସେମାନଙ୍କ ନିକଟରୁ ଗଞ୍ଜେଇ ସହ ୫୦୦ ଟଙ୍କା ମଧ ଜବତ ହୋଇଛି ।

ଗିରଫ ୩ଜଣ ହେଲେ ସୋନୁ ଦିଗାଲ (୨୪), ସୀମା ସନ୍ତୋଷ ଷଡଙ୍ଗୀ (୩୦) ଓ ସତୀଶ କୁମାର (୨୨) । ସତୀଶ ଘର ଉତ୍ତରପ୍ରଦେଶ ହୋଇଥିବା ବେଳେ ସୀମା ଘର ଭୁବନେଶ୍ୱର ଉପକଣ୍ଠ ବାଲିପାଟଣାରେ ଓ ସୋନୁ ଘର କନ୍ଧମାଳ ଟିକାବାଲିରେ । ସେ ଏନ୍-୧/୧୬୦ ଆଇଆର୍‌ସି ଭିଲେଜରେ ରୁହେ । ଏହି ଗଞ୍ଜେଇ କନ୍ଧମାଳରୁ ଆସିଥିବା ପୋଲିସ ତଥ୍ୟ ସଂଗ୍ରହ କରିଛି । ଏମାନେ କନ୍ଧମାଳରୁ ନିୟମିତ ଗଞ୍ଜେଇ ଆଣି ଭୁବନେଶ୍ୱରର ଖୁଚୁରା ବ୍ୟବସାୟୀଙ୍କୁ ଦେଇଥାନ୍ତି ବୋଲି ଜଣାପଡିଛି । ଗିରଫ ୩ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଆଇକ୍ୟୁଓଓ ଭାରତର ପ୍ରଥମ ସ୍ମାର୍ଟଫୋନ ଆଇକ୍ୟୁଓଓ ନିଓ ୧୦ ବ୍ରାଣ୍ଡ ପ୍ରଚଳନ କରିଛି

ଭୁବନେଶ୍ୱର (ସବ୍ୟୁ): ଉଚ୍ଚ ଦକ୍ଷତା ସଂପନ୍ନ ସ୍ମାର୍ଟଫୋନ ବ୍ରାଣ୍ଡ ଆଇକ୍ୟୁଓଓ ଏହାର ସର୍ବଶେଷ ପାୱାର ହାଉସ ଆଇକ୍ୟୁଓଓ ନିଓ ୧୦ ଲଂଚ କରିଛି। ବିଶେଷତଃ ଯୁବପୀଢ଼ିଙ୍କ ପାଇଁ ଏହାକୁ ଡିଜାଇନ କରାଯାଇଛି। କେବଳ ଯୁବ ପିଢ଼ିନୁହେଁ ଭାରୀ କାର୍ଯ୍ୟ କରୁଥିବା ବ୍ୟବହାରୀଙ୍କ ପାଇଁ ଏହି ଫୋନ ଉପଯୁକ୍ତ ହୋଇପାରିବ। ଏହାର ଉନ୍ନତ ଡୁଆଲ ଡିପ ଆର୍କିଟେକଚର, କୁଲିଂ ସିଷ୍ଟମ ଏବଂ ନବସୃଜନ ସହ ସେଗମେଂଟର ଏକ ନୂଆ ମାନଦଣ୍ଡ ସ୍ଥାପନ କରିବ। ଆଇକ୍ୟୁଓଓ ନିଓ ୧୦ ଭାରତର ପ୍ରଥମ ସ୍ନାପ ଡ୍ରାଗନ ୮ଏସ ଜେନ ୪ ଡିପସେଟ ସହିତ ଆସିଥାଏ ଓ ଶକ୍ତିଶାଳୀ ବ୍ୟାଟେରିକୁ ନେଇ ସମୃଦ୍ଧ। ଆଇକ୍ୟୁଓଓ ନିଓ ୧୦ର ମୂଲ୍ୟ ୮ ୧୨୮ ଜିବି ଲାଗି ଟ.୩୧,୯୯୯, ୮ ୨୫୬ ଜିବି ଲାଗି ଟ.୩୩,୯୯୯, ୧୨ ୨୫୬ ଜିବି ଲାଗି ଟ.୩୫,୯୯୯ଏବଂ ୧୬ ୫୧୨ ଜିବି ଲାଗି ଟ.୪୦,୯୯୯। ଏହା ଦୁଇଟି ରଙ୍ଗରେ ଉପଲବ୍ଧ ହେବ।

## ସାମ୍ବାଦିକଙ୍କୁ ହାତଗୋଡ ବାନ୍ଧି ମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ର ଗିରଫ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇଁତଳାରେ କର୍ତ୍ତବ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କ ହାତଗୋଡ ବାନ୍ଧି ଆକ୍ରମଣ ଘଟଣାରେ ପୋଲିସ ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ତଥା ଠିକାଦାର ଗଜେନ୍ଦ୍ର ପଲେଇକୁ ଝାରସୁଗୁଡ଼ା ନିକଟରୁ ଗିରଫ କରିଥିବା ନେଇ ଅତିରିକ୍ତ ଏସପି ଆଲୋକ ଜେନା ସୂଚନା ଦେଇଛନ୍ତି । ପୂର୍ବରୁ ଏହି ଘଟଣାରେ କଙ୍ଗାରୁ କୋର୍ଟ କରି ନିର୍ଯାତନା ଦେଇଥିବା ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା । ସୋମବାର ଆକ୍ରମଣକାରୀ ଠିକାଦାର ଗଜେନ୍ଦ୍ରଙ୍କ ସମ୍ପର୍କୀୟ ଅବିନାଶ ଦଳାଇ, ଅଭିଯୁକ୍ତ ଆଦିତ୍ୟ ଜେନା ଏବଂ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଥିଲା । ଏସପି ଅଭିଲାଷ ଜି ସୋମବାର ରିଜର୍ଭ ପୋଲିସ ଠାରେ ଏନେଇ ସାମ୍ବାଦିକ ସମ୍ମିଳନୀ କରିଥିଲେ ।



ସୂଚନାରୁ ପ୍ରକାଶ ଯେ, ଗତ ଶୁକ୍ରବାର ଜିଲ୍ଲାର ପୁଇଁତଳା ଥାନା କୁଲଥିପାଲି ଗାଁ ରେ ଏକ ଗାର୍ଡ ୱାଲ୍ କାମ ନିମ୍ନମାନର ହୋଇଥିବା ସହ ଦୁର୍ନୀତି ସମ୍ପର୍କରେ ଖବର ସଂଗ୍ରହ କରିବା ପାଇଁ ସେହି ଗାଁକୁ ଯାଇଥିଲେ ବିଜୟ । ଘଟଣାସ୍ଥଳରେ ଭିଡିଓ ଉତ୍ତୋଳନ କରୁଥିବା ସମୟରେ ସମ୍ପୃକ୍ତ କାମରେ ନିୟୋଜିତ ଠିକାଦାର ଗଜେନ୍ଦ୍ର ଓ କିଛି ଗୁଣ୍ଡା ଶ୍ରେଣୀୟ ଲୋକ ସାମ୍ବାଦିକ ବିଜୟଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ସାମ୍ବାଦିକ ଶ୍ରୀ ପ୍ରଧାନଙ୍କ ହାତ ବାନ୍ଧି ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ କରିଥିଲେ । ବିଜୟଙ୍କୁ ନିସ୍ଥୁକ ମାଡ ମାରିବା ସହ ଆଗକୁ ଏହି ଖବର କଲେ ତାଙ୍କ ଓ ତାଙ୍କ ପରିବାରକୁ ଜୀବନରେ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲେ । ରବିବାର ସାମ୍ବାଦିକ ଶ୍ରୀ ପ୍ରଧାନ ପୁଇଁତଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଦୋଷୀ ଠିକାଦାରଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଏସ୍ ପି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ପରେ ଅତିରିକ୍ତ ଏସ୍‌ପି ଆଲୋକ ଜେନା ସାମ୍ବାଦିକ ମାନଙ୍କୁ ବୁଝାସୁଝା କରି ଦାବିପତ୍ର ଗ୍ରହଣ କରିବା ସହ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ସାମ୍ବାଦିକ ମାନେ ଧାରଣାରୁ ଓହ୍ଲାଇ ଥିଲେ ।

## ଯୌତୁକ ପାଇଁ ସ୍ତ୍ରୀ କୁ ପୋଡ଼ି ମାରିବା ମାମଲା

# ସ୍ୱାମୀଙ୍କ ଆଜୀବନ କାରାଦଣ୍ଡ କାଏମ ରଖିଲେ ହାଇକୋର୍ଟ

କଟକ,(ସବ୍ୟୁ) ଏକ ଯୌତୁକ ନିର୍ଯାତନା ମାମଲାରେ ପତ୍ନୀଙ୍କୁ କିରାସିନି ଢାଳି ସ୍ୱାମୀ ହତ୍ୟା କରିଥିବା ଘଟଣାରେ ହାଇକୋର୍ଟ ଉଦ୍ବେଗ ପ୍ରକାଶ କରିବା ସହ ଆସାମୀ ସ୍ୱାମୀର ଆଜୀବନ କାରାଦଣ୍ଡକୁ କାଏମ୍ ରଖିଛନ୍ତି । ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ଆସାମୀ ସୁଶୀଲ କୁମାର ସାହୁ ତାଙ୍କ ପତ୍ନୀଙ୍କୁ କିରାସିନି ଢାଳି ହତ୍ୟା କରିବା ଘଟଣାରେ ନିମ୍ନ ଅଦାଲତ ଭାରତୀୟ ପିଙ୍ଗଳ କୋର୍ଡର ଦଫା ୪୯୮(ଏ)(ଶାଶୂଘର ପକ୍ଷରୁ ନିର୍ଯାତନା ଦେବା) ଆଇପିସିର ୩୦୪(ବି)ରେ ୧୦ବର୍ଷ ଜେଲ୍ ଏବଂ ୫ ହଜାର ଟଙ୍କା ଜରିମାନା କରିଥିଲେ । ଏଥିସହ ଆସାମୀ ବିରୋଧରେ ଆଇପିସିର ୩୦୨(ହତ୍ୟା କରିବା)ରେ ଆଜୀବନ କାରାଦଣ୍ଡରେ ଅଦାଲତ ଦଣ୍ଡିତ କରିଥିଲେ । ଏହି ଦଣ୍ଡାଦେଶକୁ ଚାଲେଞ୍ଜ କରି ଆସାମୀ ସୁଶୀଲ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହାଇକୋର୍ଟ ଆସାମୀ ବିରୋଧରେ ଲାଗିଥିବା ତିନୋଟି ଦଫା ଆଇପିସିର ୪୯୮(ଏ), ୩୦୪(ବି) ଏବଂ ଯୌତୁକ ନିରୋଧ ଆଇନର ଧାରା ୪କୁ ରଦ୍ଦ କରି ଦେଇଛନ୍ତି । ଆସାମୀ କେବଳ ୩୦୨ରେ ଆଜୀବନ କାରାଦଣ୍ଡ ସଜ୍ଞା ଭୋଗିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ରାୟ ଦେଇଛନ୍ତି । ୨୦୧୧ ମସିହା ନଭେମ୍ବର ୧୪ ତାରିଖରେ ସୁଶୀଲ ସାହୁଙ୍କ ପତ୍ନୀ ଜୟନ୍ତୀ ସାହୁ ପୋଡ଼ି ହୋଇଯାଇଥିଲେ । ଏହି ଘଟଣା ଘଟିବାର ଦେଢ଼ବର୍ଷ ଆଗରୁ ଉଭୟ ପ୍ରେମ ବିବାହ କରିଥିଲେଛ ଜୟନ୍ତୀ ବିଭିନ୍ନ ସମୟରେ ତାଙ୍କ ପରିବାର ଲୋକଙ୍କୁ ଫୋନ୍ କରି ତାଙ୍କ ସ୍ୱାମୀ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ଅଭିଯୋଗ କରୁଥିଲେ । ୫୦ ହଜାର ଟଙ୍କା ନ ଆଣିଲେ ତାଙ୍କୁ ଜୀବନରୁ ମାରିଦେବାକୁ ସ୍ୱାମୀ ସୁଶୀଲ ଧମକ ମଧ ଦେଇଥିଲେ । ଜୟନ୍ତୀଙ୍କୁ ପୋଡ଼ିଦେବା ଦିନ ସ୍ୱାମୀ ସୁଶୀଲ ମଦପିଇ ଘରକୁ ଫେରିଥିଲା । ଘରେ ଥିବା ପତ୍ନୀଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲା । ଜୟନ୍ତୀଙ୍କ ଚିତ୍କାର ଶୁଣି ପାଖପଡ଼ିଶା ଉଠି ଆସିଥିଲେ । ପ୍ରଥମେ ଜୟନ୍ତୀଙ୍କୁ ଯାଜପୁର ହସ୍ପିଟାଲ ଏବଂ ସେଠାରୁ କଟକ ଏସ୍‌ସିବିକୁ ଅଣାଯାଇଥିଲା । ଏଠାରେ ପ୍ରାୟ ୮/୧୦ ଦିନ ସଂଘର୍ଷ କରିବା ପରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ଏନେଇ ଜୟନ୍ତୀଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା । ଏହି ଏତଲା ଆଧାରରେ ପୁଲିସ୍ ସୁଶୀଲକୁ ଗିରଫ କରିଥିଲାଛ ଏହି ମାମଲାର ଶୁଣାଣି ଯାଜପୁର ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ହୋଇଥିଲା । ଅଦାଲତ ୨୦୧୪ ଜାନୁଆରୀ ୬ତାରିଖରେ ଏହି ମାମଲାର ରାୟ ପ୍ରକାଶ କରି ସୁଶୀଲକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ଛ ଏହି ଦଣ୍ଡାଦେଶକୁ ହାଇକୋର୍ଟ ମଧ କାଏମ୍ ରଖୁଛନ୍ତି ।

## ଫିଲିପାଇନ୍ସର ମାନିଲାରେ ଏଡବ୍ଲ୍ୟୁଏଫ୍ ୨୦୨୫

# ଗୃହ ଓ ନଗର ଉନ୍ନୟନ ବିଭାଗର ଦୁଇ ଅଧିକାରୀଙ୍କ ଅଂଶଗ୍ରହଣ

ଭୁବନେଶ୍ୱର(ସବ୍ୟୁ): ଗୃହ ଓ ନଗର ଉନ୍ନୟନ ବିଭାଗର ଦୁଇ ଜଣ ବରିଷ୍ଠ ଅଧିକାରୀ ମଙ୍ଗଳବାର ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଫିଲିପାଇନ୍ସର ମାନିଲାରେ ଏଡ଼ିବି ମୁଖ୍ୟାଳୟରେ ଅନୁଷ୍ଠିତ ହେଉଥିବା ଥିବା ଏସୀୟ ବିକାଶ ବ୍ୟାଙ୍କର ଜଳ ଏବଂ ନଗର ଉନ୍ନୟନ ଫୋରମ୍ (ଏଡବ୍ଲ୍ୟୁଏଫ୍) ୨୦୨୫ରେ ଅଂଶଗ୍ରହଣ କରିଛନ୍ତି ।

ଓଡିଶାର ପ୍ରତିନିଧିତ୍ୱ କରି ଅତିରିକ୍ତ ସଚିବ ଦେବାଶିଷ ସିଂହ ଓ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ ଏହି ଫୋରମ୍‌ରେ ଯୋଗ ଦେଇଛନ୍ତି । ସମସ୍ତଙ୍କ ପାଇଁ ଗୃହ, ଜୀବନ, ଅର୍ଥନୀତି ଏବଂ ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା ଶୀର୍ଷକ ଏକ ପ୍ରମୁଖ ବିଷୟବସ୍ତୁ ଅଧିବେଶନରେ ଶ୍ରୀ ସିଂହଙ୍କୁ ବକ୍ତା ଭାବରେ ନିମନ୍ତ୍ରଣ କରାଯାଇଛି । ପ୍ୟାନେଲିଷ୍ଟ ଭାବରେ ତାଙ୍କର ସାମିଲ ଅନ୍ତର୍ଭୁକ୍ତିମୂଳକ ଗୃହନିର୍ମାଣ ଏବଂ ସହରାଞ୍ଚଳ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାର ବୃଦ୍ଧି ପାଉଥିବା ପ୍ରମୁଖତାକୁ ପ୍ରତିଫଳିତ କରେ । ସେମାନଙ୍କର ଅଂଶଗ୍ରହଣ ଜଳ ପରିଚାଳନା, ସହରାଞ୍ଚଳ ଶାସନ ଏବଂ ସ୍ଥାୟୀ ଗୃହନିର୍ମାଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ସହିତ ସମନ୍ୱୟ ସ୍ଥାପନ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ । 'ଜଳର ମୂଲ୍ୟାଙ୍କନ ଓ ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ ଜୀବନଧାରଣ ବୃଦ୍ଧି' ଶୀର୍ଷକ ଏହି ଚାରି ଦିନିଆ ଫୋରମ୍‌ରେ ବିଶ୍ୱସ୍ତରୀୟ ନେତା, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ସମଗ୍ର ଅଞ୍ଚଳରେ ଅଭିନବ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଉପରେ ବିଚାର ବିମର୍ଶ କରିବା ପାଇଁ ଏକତ୍ରିତ କରିଥାଏ।

# ନାବାଳିକା ବଳାତ୍କାର ଉଦ୍ୟମ : ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ଅଂଚଳରେ ଜଣେ ନାବାଳିକାକୁ ବଳତ୍କାର ଉଦ୍ୟମ ଅଭିଯୋଗରେ ପୁଲିସ ଜଣେ ଯୁବକ କୁ ଗିରଫ କରିଥିବାବେଳେ ଅନ୍ୟଜଣେ ୧୭ବର୍ଷର ନାବାଳକ କୁ ଧରି ଜୁଭେନାଇଲ କୋର୍ଟରେ ହାଜର କରିଛି । ଗିରଫ ଯୁବକ ହେଲେ ଶରଧାପୁର ଗ୍ରାମର ବିଶ୍ୱଜିତ ବାରିକ (୨୧) । ଗତ ୧୯ ତାରିଖରେ ଉକ୍ତ ଗ୍ରାମରେ ରାମନାଟକ ଚାଲିଥିଲା । ନାବାଳିକାଙ୍କ ପରିବାର ସମସ୍ତେ ଯାଇଥିଲେ ରାମ ନାଟକ ଦେଖିବାକୁ । ରାତି ପ୍ରାୟ ୨ଟା ସମୟରେ ୧୩ବର୍ଷର ନାବାଳିକା ସାନ ଝିଅ ନାଟକ ଦେଖି ଅଜାଙ୍କ ସହ ଘରକୁ ଫେରୁଥିବାବେଳେ ଅଜା କୁ କମ୍ ଶୁଭୁଥିବାରୁ ଏହି ସମୟରେ ନାବାଳିକା କୁ ପଛରୁ ଦୁଇଜଣ ହାତଟାଣି ଜବରଦସ୍ତ ନେଇଯାଇଥିଲେ । ଦୁହେଁ ନାବାଳିକା କୁ ନେଇ ଏକ କ୍ଲବ ନିକଟରେ ଅନ୍ଧାରରେ ଜୋର ଜବରଦସ୍ତ ବଳତ୍କାର ଉଦ୍ୟମ କରିଥିଲେ । ନାବାଳିକା ଚିତ୍କାର ଶୁଣି ନିଟରେ ଥିବା ଶୌଚ ହେବାକୁ ଯାଇଥିବା ଜଣେ ବ୍ୟକ୍ତି ନାବାଳିକା କୁ ଉଦ୍ଧାର କରିଥିଲେ । ଘଟଣା ବିଷୟରେ ପ୍ରଘଟ କଲେ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗକାରୀ ଅଭିଯୋଗ ଦର୍ଶାଇଛନ୍ତି । ନାବାଳିକାଙ୍କ ପରିବାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଡଫ କରିଛି ।

# ପିସିସି ପକ୍ଷରୁ ପଣ୍ଡିତ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସକମିଟି ପକ୍ଷରୁ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସଭବନ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ପ୍ରଭାରୀ ଅଜୟ କୁମାରଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଅଶୋକ ଦାସ, ମଙ୍ଗୁଖିଲ, ନିଳମାଧବ ହିକକା, ଦେବାଶିଷ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ମାନସ ରଞ୍ଜନ ଆଚାର୍ଯ୍ୟ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ଜୋଗୀନାଥ ବାହୁବଳେନ୍ଦ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୨ ପାଣି ମିଟର ଚୋର ଗିରଫ ୧୦ ମିଟର ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହର ର ତଳସାହି ସମେତ ବିଭିନ୍ନ ସ୍ଥାନରୁ ଦ୍ୱାରମୁହଁରେ ଲାଗିଥିବା ପାଣି ପାଇପ ସଂଯୋଗ ରୁ ମିଟର ଚୋରି କରିଥିବା ଦୁଇଜଣଙ୍କୁ ପୁଲିସ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ବେଗୁନିଆ ବୋରିକ ନୂଆଗାଁ ର ସନ୍ତୋଷ କୁମାର ବେହେରା ଓରଫ୍ ମିନୁ (୨୪) ଏବଂ ଖୋର୍ଦ୍ଧା ସାମନ୍ତରାପୁର ର ଶିବ ବେହେରା (୨୮) । ଏମାନଙ୍କ ଠାରୁ ପୁଲିସ ଚୋରି ହୋଇଥିବା ୧୦ଟି ପାଇପ ମିଟର କୁ ଉଦ୍ଧାର କରିଛି ।

ତଳସାହି ର ସତ୍ୟନାରାୟଣ ଶତପଥୀଙ୍କ ଦ୍ୱାର ରେ ୱାଟକୋ ପକ୍ଷରୁ ଦିଆଯାଇଥିବା ପାଣି ପାଇପ ସଂଯୋଗ ସ୍ଥାନରେ ଲଗାଯାଇଥିବା ମିଟର କୁ ଗତ ରବିବାର ବିଳମ୍ବିତ ରାତିରେ କେହି ଚୋରି କରିନେଇଥିବା ସେ ସୋମବାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଉପରେ ପୁଲିସ ୨୧୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଏହି ଘଟଣାରେ ମିନୁ ଓ ଶିବଙ୍କୁ ଗିରଫ କରି ଚୋରି ସାମଗ୍ରୀ ଜବତ କରିଛି । ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୧୨ରୁ ୧୫ ଦିନ ଧରି ବ୍ରହ୍ମଗିରି

# ଅଲାରନାଥ ପୀଠରେ ଦର୍ଶନ, ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ, ଏସ୍‌ପି

ପୁରୀ (ସବ୍ୟୁ): ଦେବସ୍ନାନ ପୂର୍ଣ୍ଣିମା ପର ଦିନ ଜୁନ ୧୨ ତାରିଖ ଠାରୁ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଲାରନାଥ ପୀଠରେ ପନ୍ଦର ଦିନ ଧରି ଅଲାରନାଥ ଦେବଙ୍କ ଦର୍ଶନ ଆରମ୍ଭ ହେବ । ଆଲାରନାଥଙ୍କ ଦର୍ଶନ ପାଇଁ ପୁରୀ ତଥା ବାହାରୁ ବ୍ରହ୍ମଗିରିକୁ ଆସିବେ ଲକ୍ଷାଧିକ ଭକ୍ତ । ଲକ୍ଷାଧିକ ଭକ୍ତଙ୍କ ସମାଗମ, ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ନିୟନ୍ତ୍ରଣ ଓ ଯାନ ବାହନ ପାର୍କିଂ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁବନ୍ଦୋବସ୍ତ ଓ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ଼ ବ୍ୟବସ୍ଥା କରାଯିବ । ବ୍ୟାରିକେଡ଼ ଦେଇ ଭକ୍ତ ମାନେ ଧାଡ଼ିରେ ମନ୍ଦିର ଭିତରେ ପ୍ରବେଶ କରି ଦର୍ଶନ କରିବେ । ଦର୍ଶନ କରିବା ପରେ ପ୍ରସ୍ଥାନ କରିବେ । ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯିବ । ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ୯ ପ୍ଲାଟୁନ ଫୋର୍ସ, ଜଣେ ଅତିରିକ୍ତ ଏସପି, ଡିଏସପି, ଇନ୍ସପେକ୍ଟର, ସବିଂସ୍ପେକ୍ଟର ଓ ଏଏସଆଇ ଓ କନେଷ୍ଟବଳ ମାନେ ମୃତୟନ ହେବେଛ ସେହିପରି ଯାନ ବାହନ ନିୟନ୍ତ୍ରଣ ଓ ଟ୍ରାଫିକ ପରିଚାଳନା ପାଇଁ ଟ୍ରାଫିକ ପୋଲିସ ଅଧିକାରୀ ମାନେ ମୃତୟନ ହେବେ ।

ଏହି ସବୁ ବ୍ୟବସ୍ଥାକୁ ଆଜି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ କୁମାର ଅଗ୍ରୱାଲ ପ୍ରମୁଖ ବ୍ରହ୍ମଗିରି ଯାଇ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଓ ଏସପି ମନ୍ଦିରକୁ ଯାଇ ଭକ୍ତ ମାନେ କିପରି ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିର ଭିତରେ ପ୍ରବେଶ କରିବେ ଓ ଦର୍ଶନ ପରେ କେଉଁ ବାଟ ଦେଇ ପ୍ରସ୍ଥାନ କରିବେ ତାହା



ଅନୁଧ୍ୟାନ କରି ଥିଲେ । ସେହିପରି ବାହାରୁ ଆସୁ ଯାନ ବାହନ ଗୁଡିକ ଚାପ ପୋଖରୀ ରାସ୍ତା ଦେଇ ଚାରି ଚକିଆ ପାର୍କିଂ ସ୍ଥଳକୁ ଆସିବେ । ସେଠାରେ ଗାଡ଼ି ପାର୍କିଂ କରିବେ । ସେଠାରୁ ବ୍ୟାରିକେଡ଼ ଦେଇ ମନ୍ଦିର ଭିତରେ ପ୍ରବେଶ କରି ଦର୍ଶନ କରିବେ । ସେହିପରି ଦର୍ଶନ ପରେ ପାର୍କିଂ ସ୍ଥଳରୁ ଯାନବାହନ ଗୁଡିକ ଆଲାରପୁର ଗ୍ରାମ ଦେଇ ଓଭରସିଜ ବ୍ୟାଙ୍କ ଛକ ଠାରେ ବାହାରି ରାଜପଥକୁ ଉଠିବେ । ସୂଚନା ଯୋଗ୍ୟ ଯେ ଜୁନ ୧୧ ତାରିଖରେ ପୁରୀରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ନୀତିଛ ସ୍ନାନ ପରେ ଜ୍ୱରରେ ପୀଡିତ ବିଗ୍ରହମାନେ ପନ୍ଦର ଦିନ ଧରି ଅଣବସର ଘରେ ଅସୁସ୍ଥ ଅବସ୍ଥାରେ ରହିବେ ଚିକିତ୍ସିତ ହେବେ । ଏହି ସମୟରେ ବିଗ୍ରହମାନଙ୍କ ଦର୍ଶନ ମିଳିବ ନାହିଁ । ପରମ୍ପରା ଅନୁଯାୟୀ ଅଣବର ପନ୍ଦର ଦିନ ଭକ୍ତ ମାନେ ବ୍ରହ୍ମଗିରିରେ ଅଲାରନାଥଙ୍କ ଦର୍ଶନ କରି ଥାଆନ୍ତି । ଏହି ପ୍ରସ୍ତୁତି ସମୀକ୍ଷା ସମୟରେ ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର, ଅତିରିକ୍ତ ଏସପି (ଗୁଇନ୍ଦା) ଡି.ଏସ ପ୍ରତାପ, ସଦର ଏସଡିପିଓ ରବି ନାରାୟଣ ଭଞ୍ଜ, ବ୍ରହ୍ମଗିରି ତହସିଲଦାର, ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ କର୍ମ କର୍ତ୍ତା ଓ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ ।

## ରାହୁଲ ଗାନ୍ଧୀଙ୍କ ଟିପ୍ପଣୀ ଉପରେ କେନ୍ଦ୍ରମନ୍ତ୍ରୀଙ୍କ କଡ଼ା ଜବାବ

# କଂଗ୍ରେସ ମିଛ, ପ୍ରତାରଣାର ସବୁଠାରୁ ବଡ଼ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର (ସବ୍ୟୁ): ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ଦେଶରେ ମିଛ ଏବଂ ପ୍ରତାରଣାର ସବୁଠାରୁ ବଡ଼ ବ୍ରାଣ୍ଡ ଆମ୍ବାସେଡର ହୋଇସାରିଛନ୍ତି । କଂଗ୍ରେସର ରାଜପରିବାର ଦ୍ୱାରା ଏସସି,ଏସଟି ଏବଂ ଓବିସି ସର୍ବଦା ପ୍ରତାରିତ ହୋଇଆସୁଛନ୍ତି, କିନ୍ତୁ ରାଜକୁମାର ତାଙ୍କ ନିଜ ପରିବାରର ବଞ୍ଚିତ ଏବଂ ଦଳିତ ବିରୋଧୀ ଇତିହାସ ବିଷୟରେ ଜାଣିନାହାନ୍ତି । ଏଥିପାଇଁ କଂଗ୍ରେସ ଦ୍ୱାରା ଜାରି ଟୁଲକିଟ୍ ଆଧାରରେ ରାଜକୁମାର ମିଛରେ ଭରପୁର ଥିବା ପେଡିକୁ ଧରି ସବୁଠି ଉପସ୍ଥିତ ହେଇଯାଉଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏନଏଏଫଏସକୁ ତାସଲ୍ୟ କରିବା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ସମୟ ଶାସନ କରିବା ପରେ ମଧ କଂଗ୍ରେସ ଦଳିତ, ପଛୁଆ ଏବଂ ବଞ୍ଚିତ ଲୋକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖିଲା । ୨୦୧୪ରେ ଯେତେବେଳେ ୟୁପିଏ ସରକାରକୁ ଲୋକମାନେ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୫୭% ଏସସି, ୬୩% ଏସଟି ଏବଂ ୬୦% ଓବିସି ଶିକ୍ଷକ ପଦବୀ ଖାଲି ଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର କ୍ଷମତାକୁ ଆସିବା ମାତ୍ରେ ପୂରଣ କରିବାର କାମ କରିଥିଲେ । ଏହାବ୍ୟତୀତ, ୨୦୧୪ ମସିହାରେ ଶିକ୍ଷକ ପଦବୀ ସଂଖ୍ୟା ୧୬,୨୧୭ରୁ ୧୮,୯୪୦ କୁ ବୃଦ୍ଧି କରିବାର କାମ ମଧ ମୋଦୀ ସରକାର କରିଥିଲେ । ୨୦୧୪ ମସିହାରେ ଖାଲି ପଦବୀ ସଂଖ୍ୟା ୩୭% ଥିଲା, ଆଜି ତାହା ୨୫.୯୫ ପ୍ରତିଶତ ଅଛି ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ସରକାରରେ ଏହି ଖାଲି ପଦବୀ ପୂରଣ ପ୍ରକ୍ରିୟା ଏବେ ବି ଜାରି ରହିଛି ।



୨୦୦୪ରୁ ୧୪ କଂଗ୍ରେସ କାର୍ଯ୍ୟକାଳରେ ଆଇଆଇଟିରେ କେବଳ ୮୩ ଜଣ ଏସସି, ୧୪ ଏସଟି ଏବଂ ୧୬୬ ଜଣ ଓବିସି ଅଧାପକ ଥିଲେ । ଏନଆଇଟିରେ କେବଳ ୨୬୧ ଜଣ ଏସସି, ୭୨ ଏସଟି ଏବଂ ୩୩୪ ଓବିସି ନିଯୁକ୍ତି ହୋଇଥିଲେ । ସେହିପରି ମୋଦୀ ସରକାରଙ୍କ ୨୦୧୪ ରୁ ୨୪ ପର୍ଯ୍ୟନ୍ତ କାର୍ଯ୍ୟକାଳ ମଧରେ ଆଇଆଇଟିରେ ୩୯୮ ଏସସି , ୯୯ ଏସଟି ଏବଂ ୭୪୬ ଓବିସି ତଥା ଏନ୍‌ଆଇଟିରେ ୯୨୯ ଏସସି, ୨୬୫ ଏସଟି ଏବଂ ୧୫୧୦ ଓବିସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ଆସିଷ୍ଟାଣ୍ଟ ପ୍ରଫେସରଙ୍କ ପାଇଁ ପିଏଚଡିର ଆବଶ୍ୟକତାକୁ ମୋଦୀଜୀଙ୍କ ସରକାର ହିଁ ଉଚ୍ଛେଦ କରିଛନ୍ତି । ରାହୁଲ ଗାନ୍ଧୀ ଯେଉଁ 'ଏନଏଫଏସ - 'ନଟ୍ ଫାଉଣ୍ଡ୍ ସୁଇଟେବୁଲ' ବିଷୟରେ କହୁଛନ୍ତି, ତାହା ବାବାସେହବଙ୍କ ନାମ ନେଇ ରାଜନୀତି କରୁଥିବା ଦଳିତ, ଶୋଷିତ ଏବଂ ବଞ୍ଚିତ ବିରୋଧୀ କଂଗ୍ରେସ ଚିନ୍ତାଧାରାରେ ହିଁ ଅଟେ । ସ୍ୱାଧୀନତା ପରେ କଂଗ୍ରେସର ନୀତି ଯୋଗୁଁ ଏହି ଏନଏଫଏସ ଏ ପର୍ଯ୍ୟନ୍ତ ଜାରି ରହିଥିଲା, ଯାହା ଦ୍ୱାରା ଏସସି, ଏସଟି ଏବଂ ଓବିସିମାନଙ୍କର ଅଧିକାରକୁ ନିଶ୍ଚିହ୍ନ କରିଦିଆଯାଉଥିଲା ।

ସେହି ଅନ୍ୟାୟରୁ ବଞ୍ଚିତ ବର୍ଗକୁ ମୁକ୍ତି ଦେବା ପାଇଁ ସାମାଜିକ ନ୍ୟାୟ ପ୍ରତି ସମର୍ପିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ପ୍ରଥମ ଥର ପାଇଁ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଆଇନ, ୨୦୧୯ ଆଣିଲା, ଯାହା ପରେ ଏନଏଫଏସ ଏବେ ଇତିହାସରେ ପରିଣତ ହୋଇଛି । ଏବେ ଏସସି, ଏସଟି ଏବଂ ଓବିସି ବର୍ଗଙ୍କ ପାଇଁ ସଂରକ୍ଷିତ ପଦବୀଗୁଡ଼ିକ ଅନ୍ୟ କୌଣସି ବର୍ଗ ଦ୍ୱାରା ପୂରଣ କରାଯିବ ନାହିଁ, ଏହା ହିଁ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ପ୍ରତିବଦ୍ଧତା । ଏହାବ୍ୟତୀତ, ମୋଦୀଜୀଙ୍କ ସରକାର ଅନୁସୂଚିତ ଜାତି, ଜନଜାତି, ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣରେ ଥିବା ପ୍ରତିବନ୍ଧକଗୁଡ଼ିକୁ ମଧ ଦୂର କରିଛନ୍ତି, ଯାହା ପୂର୍ବ କଂଗ୍ରେସ ସରକାର କେବେ ବି କରିପାରି ନଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ କଥା କଥାରେ ସମ୍ବିଧାନର ନାମ ନେଉଥିବା କଂଗ୍ରେସ ଦଳ ନିଜେ ବାବାସାହେବଙ୍କ ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ କରୁଛି । ଆଜି ଦେଶର ଯୁବପିଢ଼ି ଜାଣନ୍ତି ଯେ ଯଦି କେହି ପ୍ରକୃତ ସାମାଜିକ ନ୍ୟାୟର କାମ କରିଛନ୍ତି, ତେବେ ତାହା ହେଉଛି ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ସରକାର । କଂଗ୍ରେସ ଯେତେ ମିଛ ପ୍ରଚାର କଲେ ମଧ ଦେଶର ଯୁବପିଢ଼ି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଅତୁଟ ବିଶ୍ୱାସ ରଖିଛନ୍ତି ।

# ସମ୍ ହସ୍ପିଟାଲ-୨ରେ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ




ଭୁବନେଶ୍ୱର, (ସବ୍ୟୁ): ଫୁଲନଖରା ସ୍ଥିତ ଶର୍ଜ୍ଞିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ-୨ରେ ମଙ୍ଗଳବାର ହସ୍ପିଟାଲ୍‌ର ଏମର୍ଜେନ୍ସି ମେଡିସିନ୍ ବିଭାଗ ପକ୍ଷରୁ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ ହୋଇଯାଇଛି। ସମ ହସ୍ପିଟାଲ-୨, ରାପିଡୋ ଓ ସୋସାଇଟି ଅଫ୍ ଆକ୍ୟୁଟ କେୟାର୍, ଟ୍ରମା ଆଣ୍ଡ ଏମର୍ଜେନ୍ସି ମେଡିସନ୍ (ଏସ୍‌ଏସିଟିଇଏମ୍)ର ମିଳିତ ଉଦ୍ୟମରେ ସାରା ଓଡ଼ିଶା ନିମନ୍ତେ ଏହି ଦିବସ ପାଳିତ ହୋଇଥିଲା । ଏଥିରେ ଅଂଶ ଗ୍ରହଣ କରିଥବା ୭୦ରୁ ଉର୍ଦ୍ଧ୍ୱ ରାପିଡୋ କ୍ୟାପ୍‌ଟେନ୍‌ମାନଙ୍କୁ ଜୀବନ ରକ୍ଷା ବିଷୟରେ ପ୍ରାକ୍ଟିକାଲ୍ ଏବଂ ଥିଓରି ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ୍‌ତଲେ । ପ୍ରଫେସର (ଡ.) ସ୍ୱାଇଁ ଏ ବର୍ଷ ର ଥିମ୍ 'ପ୍ରାଉଡ ଟୁ ପ୍ରୋଭାଇଡ୍ ୟୁଓର ଏମର୍ଜେନ୍ସି କେୟାର' ଉପରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍‌ଜୀତ ମହାନ୍ତି କହିଥିଲେ ଯେ ଜରୁରୀକାଳୀନ ସମୟରେ ସିପିଆର୍ ଓ ପ୍ରାଥମିକ ଚିକିତ୍ସା ଜରୁରୀ ହୋଇଥିବା ବେଳେ ସମସ୍ତ ରାପିଡୋ କ୍ୟାପ୍‌ଟେନ୍ ଏହି କାର୍ଯ୍ୟକ୍ରମରେ ଲାଭ କରିଥିବା ଶିକ୍ଷାକୁ ନିଜ ପରିବାର ଓ ସମାଜରେ କାର୍ଯ୍ୟକାରୀ କରିବେ ଓ ସଚେତନତା ସୃଷ୍ଟି କରିବେ । ଏହି ଦିବସରେ ସମଗ୍ର ଦେଶର ୧୦୦୦ରୁ ଉର୍ଦ୍ଧ୍ୱ ରାପିଡୋ କ୍ୟାପ୍‌ଟେନ୍‌ମାନଙ୍କୁ ୧୬ଟି ସହରରେ ଶିକ୍ଷା ପ୍ରଦାନ କରାଯାଇଛି।

ଚୋରା–ବନ୍ଧୁକ ଖାନତଲାସ

# ଭଞ୍ଜନଗର ପୋଲିସ ଦ୍ୱାରା ୫ ବନ୍ଧୁକ, ୧୫ ଗୁଳି ଜବତ : ୯ ଗିରଫ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ପୋଲିସ୍ ହାତରେ ଧରା ପଡ଼ିଲା ମାଳମାଳ ମାରଣାସ୍ତ୍ର। ବିଭିନ୍ନ ଅପରାଧୀକ ଘଟଣାରେ ଅପରାଧୀ ମାନେ ଚୋରା ବନ୍ଧୁକ, ପିସ୍ତଲ ଓ ମାରଣାସ୍ତ୍ରକୁ ଆୟୁଧ କରି ଆସୁଥିଲେ । ତେବେ ଗଂଜାମ ପୋଲିସ ଆରମ୍ଭ କରିଥିବା ଚୋରା ବନ୍ଧୁକ ଅପରେସନ୍ ଅଭିଯାନରେ ଭଂଜନଗର ଥାନା ପୋଲିସକୁ ମିଳିଛି ବଡ଼ ସଫଳତା। ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସୁଥିବା ପେଷାଦାର ଅପରାଧୀଙ୍କ ଠାରୁ ୫ ଟି ଦେଶୀ ବନ୍ଧୁକ, ୧୬ ରାଉଣ୍ଡ ଜୀବନ୍ତ ଗୁଳି, ଖଣ୍ଡା, କାତି ଭଳି ମାରଣାସ୍ତ୍ରକୁ ଜବତ କରିଛି ଭଂଜନଗର ଥାନା ପୋଲିସ । ଏଥିରେ ସଂପୃକ୍ତ ୯ ଜଣ ଅପରାଧୀଙ୍କୁ ମଧ୍ୟ ଗିରଫ କରିଛି । ଏହାସହ ଦୁଇଟି ଖେଳନା ବନ୍ଧୁକ ମଧ୍ୟ ଜବତ କରିଛି । ଗଂଜାମ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଚୋରା ବନ୍ଧୁକ ଜବତ କରିବାରେ ଗୁରୁତ୍ୱ ଦେଇଛି ପୋଲିସ୍ । ଏ ସଂକ୍ରାନ୍ତରେ ଭଂଜନଗର ଏସଡିପିଓ ସୁଜିତ୍ କୁମାର ନାୟକ ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏନେଇ ଭଂଜନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଅତିରିକ୍ତ ଏସପି ରଞ୍ଜନ କୁମାର ଦେ । ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଏହାସହ କୌଣସି ପ୍ରକାରେ ଅପରାଧିକ କାର୍ଯ୍ୟକଳାପ ଏବଂ ଚୋରା ବନ୍ଧୁକ ବ୍ୟବହାର କରୁଥିବା ଅପରାଧୀଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶୁଣାଇ ଦେଇଛନ୍ତି,ଅତିରିକ୍ତ ଏସପି ଶ୍ରୀ ଦେ । ଗତ ୨ ମାସ ଭିତରେ ଭଞ୍ଜନଗର ପୁଲିସ ୧୨ଟି ପିସ୍ତଲ ଜବତ କରିବା ସହ ବହୁ ହାର୍ଡକୋର୍ ଅପରାଧୀକୁ ଧରିବାରେ ସକ୍ଷମ ହୋଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ଏସପିଙ୍କ ସୂଚନା ଅନୁଯାୟୀ ସୋମବାର ସ୍ଥାନୀୟ ପୁଲିସ ଏସଆଇ ଲକ୍ଷ୍ମୀଧର ମହାନ୍ତି କିଛି ଷ୍ଟାଫ୍‌ଙ୍କୁ ନେଇ ଜିଲୁଣ୍ଡି ଇଲାକାରେ ସକାଳ ସାଢେ ୧୦ଟାରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜିଲୁଣ୍ଡି ତାରିଣୀ ମନ୍ଦିରରେ ଚଢାଉ କରିଥିଲେ। ପୁଲିସକୁ ଦେଖି ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଅଟକ ଅଭିଯୁକ୍ତଙ୍କ ଠାରୁ ସୂଚନା ପାଇ, ଭଂଜନଗର ଲଣ୍ଡେଇ ସାହିର ଏକ ଘରେ ଚଢାଉ କରି ଅନ୍ୟ ୫ ଜଣକୁ ଗିରଫ କରିଥିଲା ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ସରୋଜ ଦାଶ(୨୩), ଭଞ୍ଜନଗର ଥାନା କଇଣ୍ଡି ଗ୍ରାମର ଅନୀଲ ବେହେରା (୩୦), ବିଞ୍ଝଗିରି ଗ୍ରାମର ଟୁକୁନା ପାତ୍ର (୩୭), ଲାଲ ସିଂ ଗ୍ରାମର ସନାତନ ପ୍ରଧାନ (୨୩), ଜିଲୁଣ୍ଡି ଗ୍ରାମର ବାଦଲ ସାହୁ(୧୮), ବେଲଗୁଣ୍ଠା ଥାନା ଅନ୍ତର୍ଗତ ବେଲଗୁଣ୍ଠା ଆଶା ସାହିର ବ୍ରଜ ମୋହନ ସାହୁ ଓରଫ ବାଜାରା(୨୫), ଭଞ୍ଜନଗର ଥାନା ଜାମପଲ୍ଲୀ ଗ୍ରାମର ସୁନୀଲ କୁମାର ସାବତ(୩୦), ଲଣ୍ଡେଇସାହି ଚିଦାନନ୍ଦ ମାର୍ଗର ସଂଗ୍ରାମ କିଶୋର ଭୂୟାଁ (୩୧) ଓ ଅଗଝୋଳ ଗ୍ରାମର ଦିବ୍ୟାଙ୍ଗ ଆରୁଖ (୧୯) । ଗିରଫ ମାନଙ୍କ ନିକଟରୁ ପୁଲିସ ୨ଟି ୯ ଏମ୍‌ଏମ୍ ପିସ୍ତଲ୍, ୨ଟି ଦେଶୀ ସିଙ୍ଗଲ୍ ସଟ୍ ପିସ୍ତଲ୍, ଗୋଟିଏ ୭.୬୨ ଏମ୍‌ଏମ୍ ପିସ୍ତଲ୍ ଓ ୨ଟି ଖେଳନା ବନ୍ଧୁକ ସହ ୧୫ଟି ଜୀବନ୍ତ ଗୁଳି, ଗୋଟିଏ କାତି, ଗୋଟିଏ ଖଣ୍ଡା ଜବତ କରିଛି। ଗିରଫ ମାନଙ୍କ ମଧ୍ୟରୁ ୫ ଜଣ ପେଶାଦାର ଅପରାଧୀଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ଅତିରିକ୍ତ ଏସପି ରଞ୍ଜନ ଦେ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଥାନାର ବହୁ ଅଧିକାରୀ ସୂଚନା ଦେଇଥିଲେ ।

ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ଦାବି

# ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା, (ସବ୍ୟୁ) : ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ଭ୍ରଷ୍ଟାଚାରୀ ଦୁର୍ନୀତିଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକଥର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଅମାନୁଷିକ ଭାବେ ମାଡ ମାରିବା ଘଟଣା ନଜିର ରହିଥିବାବେଳେ ପୁଣି ଆଉ ଏକ ଘଟଣା ସାରା ଓଡ଼ିଶାରେ ଚହଳ ଖେଳାଇ ଦେଇଛି। ପୁଣି ଥରେ ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ କୁଲଥୋପାଲ୍ଲୀରେ ବଡ଼ ଖବର ଗଣମାଧମର ପ୍ରତିନିଧି ବିଜୟ ପ୍ରଧାନଙ୍କୁ ଗୋଡ଼ ହାତ ବାନ୍ଧି ବର୍ବରଚିତ ଆକ୍ରମଣ କରିବା ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା ନେଇ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ହାତ ଗୋଡ ବାନ୍ଧି ଅମାନୁଷିକ ଭାବେ ମୁହଁକୁ ଗୋଇଁଠା ମାରିବ ଦୃଶ୍ୟ ଅତି ନିନ୍ଦନୀୟ, ଏନେଇ ସାମ୍ବାଦିକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାର ତିନିଦିନ ବିତିଯିବା ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଠିକାଦାର ଲଜେନ୍ଦ୍ର ବଜେଇକୁ ବଲାଙ୍ଗିର ପୁଲିସ ଧରିବାରେ ସକ୍ଷମ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଆଜି ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତଥା ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ଗଣ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ବିଶେଷ କରି ମୁଖ୍ୟ ଆସାମୀକୁ ଗିରଫ କରାଯିବା ସହ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣ ଘଟଣା ପରୀପ୍ରେକ୍ଷୀରେ ତଥା ମୁକ୍ତ ସାମ୍ବାଦିକତାକୁ ସୁରକ୍ଷା ଦେବାର ପ୍ରତିବଦ୍ଧତା ସ୍ୱରୂପ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍' ପ୍ରଣୟନ ନେଇ ଦାବି କରିଥିଲେ କାର୍ଯ୍ୟରତ ମୟୂରଭଞ୍ଜ ସାମ୍ବାଦିକ। ଏହି କାର୍ଯ୍ୟକ୍ରମରେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମନୋଜ ପଣ୍ଡା, ଅକ୍ଷୟ ଅଗ୍ରୱାଲ, ସୁକାନ୍ତ ସାହୁ, ଶ୍ରୀକାନ୍ତ ସାହୁ, ଲକି ଜେନା, ସୁକାନ୍ତ ଜିୟୁ, କବିବିଷ୍ଣୁ ଶତପଥୀ, ରାଧାଶ୍ୟାମ ପ୍ରଧାନ, ବିଶ୍ୱଜିତ୍ ମହାନ୍ତି, ରୁପମ ସ୍ୱାଇଁ, ଅବିନାଶ ମହାନ୍ତି, ତପନ ଦଣ୍ଡପାଟ, ଚିତ୍ତରଂଜନ ବେହେରା, ଦଳଗୋବିନ୍ଦ ନାଏକ, ସଞ୍ଜୟ କୁମାର ବାରିକ, ଦୀପକ ମୁଦୁଲି ଓ ଭକ୍ତିରଂଜନ ପଣ୍ଡା ସମେତ ଜିଲ୍ଲାର ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।




**ଓଡ଼ିଶା ହିନ୍ଦୁ ଦେବୋତ୍ତର ଅତିରିକ୍ତ ସହକାରୀ ଆୟୁକ୍ତଙ୍କ ଅଦାଲତ, କଟକ**

**ଓ.ଏ କେଶ ନଂ. ୧୫/୨୦୨୫**

**ଶ୍ରୀ ଶ୍ରୀ କୁଞ୍ଜବିହାରୀ ଜୀୟୁ ଓଗେର - ବାଙ୍କୀ**

**ବନାମ**

**ହିନ୍ଦୁ ସର୍ବସାଧାରଣ ଓଗେର ..... ପ୍ରତିବାଦୀ**

ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ଜିଲ୍ଲାର ବରୀ ଗ୍ରାମ, ତହସିଲ ନୀଳଗିରିସ୍ଥିତ ଶ୍ରୀ ଶ୍ରୀ କୁଞ୍ଜବିହାରୀ ଜୀୟୁଙ୍କ ନାମରେ ଥିବା ତଫସିଲଭୁକ୍ତ ସମ୍ପତ୍ତିକୁ ବାଦୀମାନଙ୍କର ଘରୋଇ ସମ୍ପତ୍ତି ଦାବିକରି ଜୟନ୍ତ ମର୍ଦ୍ଦରାଜ ଓଗେର ଉକ୍ତ ଅଦାଲତରେ ହିନ୍ଦୁ ଦେବୋତ୍ତର ୪୧ ଧାରା ଅନୁଯାୟୀ ମକଦ୍ଦମା ଦାଖଲ କରିଛନ୍ତି । ଏଥିରେ ହିନ୍ଦୁ ସର୍ବସାଧାରଣ ତରଫରୁ ପୁଡସୁଲ ଗ୍ରାମର ସୁରେନ୍ଦ୍ର ମଲ୍ଲୀକ ପ୍ରତିନିଧି ଭାବେ ପକ୍ଷଭୁକ୍ତ କରିଛନ୍ତି । ସେଥିରେ କାହାର ଆପତ୍ତି ଥିଲେ ୩୦.୦୬.୨୦୨୫ ରିଖ ଦିବା ୧୦ ଘଟିକା ସମୟରେ ଉକ୍ତ ଅଦାଲତରେ ହାଜର ହୋଇ ଆପତ୍ତି କରିବେ, ନିର୍ଦ୍ଧାରିତ ତାରିଖ ପରେ କୌଣସି ଆପତ୍ତି ଗ୍ରହଣୀୟ ନୁହେଁ ଘୋଷଣା ଯୋଗ୍ୟ ସମ୍ପତ୍ତିରେ ଭୂମିସୂଚୀ ନିମ୍ନରେ ପ୍ରଦତ୍ତ ହୋଇଛି ।

**ଜମି ସୂଚୀ**

ଜିଲ୍ଲା –ବାଲେଶ୍ୱର, ମଉଜା–ବରି, ତହସିଲ–ନୀଳଗିରି, ଖାତା–୫୦

| ନମ୍ବର | ପ୍ଲଟ ନମ୍ବର | ଭୂମି ଅଧିଗ୍ରହିତ | ବର୍ଗ | କିସମ |
|---|---|---|---|---|
| ୧ | ୬୯୯ | ଏ ୦.୧୬ ଡି | ଏ ୦.୪୯ ଡି | ଶାରଦ –ଦୁଇ |
| ୨ | ୭୦୧ | ଏ ୦.୧୮ଡି | ଏ ୦.୮୫ଡି | ଶାରଦ –ଏକ |
| ୩ | ୭୦୬ | ଏ ୦.୧୮ ଡି | ଏ ୦.୯୮ ଡି | ଶାରଦ –ଦୁଇ |
| ୪ | ୭୨୬ | ଏ. ୧.୦୯ ଡି | ଏ ୧.୩୫ଡି | ଶାରଦ –ଦୁଇ |
| ୫ | ୭୨୬/୯୩୦ | ଏ ୦.୩୬ ଡି | ଏ ୦.୬୩ଡି | ଶାରଦ –ଦୁଇ |
| ୬ | ୭୦୬/୯୩୩ | ଏ ୦.୫୨ଡି | ଏ. ୦.୫୪ଡି | ଶାରଦ –ଏକ |
| Total | | ଏ.୨.୪୯ଡି | ଏ ୪.୮୪ଡି | |

ସ୍ୱାକ୍ଷର : ଶ୍ରୀ ପ୍ରକାଶ କୁମାର କର ଓ.ଜେ.ଏସ୍ (୧)
ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକ



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-559 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା ୯୧ **ବିଜ୍ଞାପନ** ତା : ୧୬.୫.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଲ୍.ଆଇ.ଜି–୫୦ (LIG-50), ଡୁମୁଡୁମା, ୪ର୍ଥ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ପି. ସୁବାଷ ଚନ୍ଦ୍ର ପାତ୍ରୋ, ପିତା–ସ୍ୱର୍ଗତ ପି.ରାମାୟା ପାତ୍ରୋ, ସା/ପୋ–ବୁଢାମ୍ବୋ, ଥାନା–କବିସୂର୍ଯ୍ୟନଗର, ଜିଲ୍ଲା–ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ପି.ସୁବାଷ ଚନ୍ଦ୍ର ପାତ୍ରୋ, ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ପୁଷ୍ପଲତା ସାହୁ, ସ୍ୱାମୀ–ସନ୍ତୋଷ କୁମାର ସାହୁ, ସା/ପୋ–ବନମାଳିପୁର, ଥାନା–ଫତେଗଡ, ଜିଲ୍ଲା–ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ସ୍ୱା/- ପ୍ରଶାସନିକ ଅଧିକାରୀ
OIPR : 13030/11/0635/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ**

କୋଣାର୍କ, ପୁରୀ

ପତ୍ରାଙ୍କ ନଂ. ୧୦୩୩ / ତାରିଖ : ୨୩.୦୫.୨୦୨୫

e-mail : nackonark@gmail.com
Phone No. 06758-236826

**ବିଜ୍ଞାପନ**

C-387 : ଏତଦ୍ୱାରା କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ୧୯ ଗୋଟି ଇ–ଅଟୋରିକ୍ସା ଚଳନ କରାଯିବା ପାଇଁ ବଣ୍ଟନ କରାଯିବା ନିମନ୍ତେ ସମସ୍ତ ୱାର୍ଡବାସୀମାନଙ୍କ ପାଖରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତକାରୀମାନଙ୍କ ଭିତରେ ସ୍ୱୟଂ ସହାୟକ ଗୋଷ୍ଠୀ/ଟ୍ରାନ୍ସଜେଣ୍ଡର ଗୋଷ୍ଠୀର ସଦସ୍ୟମାନଙ୍କୁ ଓ କଳାକାର ତଥା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଚଳିତ ଇସ୍ତାହାର ଦ୍ୱାରା ଆବେଦନ କରିପାରିବେ । ଦରଖାସ୍ତକାରୀଙ୍କର ବୟସ ସୀମା ୧୮–୬୦ ବର୍ଷ ମଧ୍ୟରେ ହୋଇଥିବ ଓ କୌଣସି ଫୌଜଦାରୀ ମକଦ୍ଦମା ସହିତ ଜଡ଼ିତ ନଥିବେ । ଆବେଦନକାରୀଙ୍କ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ ଏବଂ ସେ କୌଣସି ସରକାରୀ ଚାକିରି କରିନଥିବେ କିମ୍ବା ସରକାରଙ୍କ କୌଣସି ଲାଭଦାୟକ ସଂସ୍ଥା ତଥା PSU ଆଦି ମାନଙ୍କରେ ଜଡ଼ିତ ନଥିବେ ବା ପେନ୍‌ସନଧାରୀ ହୋଇନଥିବେ । ଆବେଦନକାରୀଙ୍କ Driving License ଥିବା ଜରୁରୀ ଅଟେ । ଯଦି ଅଗ୍ରାଧିକାର ସଦସ୍ୟମାନେ ମନୋନୀତ ନ ହୋଇପାରିବେ, ତେବେ ଅନ୍ୟ ଦରଖାସ୍ତକାରୀମାନଙ୍କ ଭିତରୁ ଲଟେରୀ ଉଠାଣ ମାଧ୍ୟମରେ ମନୋନୀତ କରାଯାଇ ଇ–ରିକ୍ସା ବଣ୍ଟନ କରାଯିବ ।

ଦରଖାସ୍ତକାରୀମାନେ ତା. ୨୬.୦୫.୨୦୨୫ ରିଖ ଠାରୁ ତା. ୧୦.୦୬.୨୦୨୫ ରିଖ ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଏହାର ସବିଶେଷ ତଥ୍ୟ www.nac.konark.in ଓ https://puri.odisha.gov.in ରେ ଉପଲବ୍ଧ ଅଛି ।

ସ୍ୱା/- ନିର୍ବାହୀ ଅଧିକାରୀ
OIPR : 13174/11/0017/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ



**ଓଡ଼ିଶା ସରକାର**

**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**

A-224 **ଜାରକା ଜଳସେଚନ ବିଭାଜନ**

ଇମେଲ - eeidjaraka@yahoo.com

**'e' Procurement Notice**

**Bid Identification No - JKID-01/2025-26**

| | | |
|---|---|---|
| 1. କାର୍ଯ୍ୟର ନାମ | : | Irrigation Project Works as per DTCN |
| 2. ମୋଟ କାର୍ଯ୍ୟ ସଂଖ୍ୟା | : | ୨୯ (ଅଂତିରିସ ଗୋଟି କାର୍ଯ୍ୟ) |
| 3. ଅଟକଳ ମୂଲ୍ୟ | : | ୧୨.୭୭ ଲକ୍ଷ ରୁ ୫୨.୧୨ ଲକ୍ଷ |
| 4. ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated. 05.12.2017 as Mentioned in DTCN. |
| 5. କାର୍ଯ୍ୟ ସମାପ୍ତି ସମୟ | : | କ୍ର.ନଂ. ୧ ରୁ ୨୯ ୯୦ ଦିନ । |
| 6. ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | | |
| I. Procurement Officer | : | ଅଧିକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା |
| II. ଅନଲାଇନ Bidding ର ସମୟସୀମା | : | ତା. ୩୦.୦୫.୨୦୨୫ ଦିବା ୧୧ ଘଟିକା ରୁ ତା. ୧୦.୦୬.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ । |
| III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧିକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୧୧.୦୬.୨୦୨୫ ଦିବା ୧୧.୦୦ ଘଟିକା । |
| IV. Transparent Lottery ର ତାରିଖ ଓ ସମୟ | : | ଅଧିକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୧୮.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ । |

Further details can be seen from the Govt. website www.tendersorissa.gov.in.

ସ୍ୱା/- ଅଧିକ୍ଷଣ ଯନ୍ତ୍ରୀ
ଜାରକା ଜଳସେଚନ ବିଭାଜନ,
OIPR : 32098/11/0008/2526 ଜାରକା





## କମ୍ପ୍ୟୁଟର ଶିକ୍ଷା ନାଁ ରେ ଲକ୍ଷ ଲକ୍ଷ ଟଙ୍କା ହଡପ

ଯାଜପୁର ସଦର, (ସବ୍ୟୁ) : ଯାଜପୁର ସହର ସ୍ଥିତ ସରକାରୀ ବସଷ୍ଟାଣ୍ଡ ନିକଟରେ ଏକ ଘରୋଇ କମ୍ପ୍ୟୁଟର ସେଂଟର ଖୋଲି ଗରିବ ପିଲାଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକିନେବା ଯାଜପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗରୁ ଜଣାଯାଏ ବସଷ୍ଟାଣ୍ଡ ନିକଟରେ ଏକ ଘରୋଇ କମ୍ପ୍ୟୁଟର ସେଂଟର ଖୋଲି ଆଡମିଶନ୍ ବାବଦକୁ ପିଲାଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିବା ଜଣାପଡିଛି । ଗରିବ ପିଲା ଟଙ୍କା ଦେଇ ନପାରି ନିଜର ବାପ ମାଙ୍କ ପାଖରେ ଥିବା ଭୁଇଁ ଖୋଳି,ଛେଳି ବକ୍ରି କରି ନାମ ଲେଖାଇଥିବା ଟଙ୍କା ଦେଇଥିବା ଜଣାପଡିଛି । ବାପ ମା ଯେତେବେଳେ ଜାଣିଲେ ଛାତ୍ରଛାତ୍ରୀମାନେ ଠକାମୀର ଶିକାର ହୋଇଛନ୍ତି ବାପ ମା ଯାଇ ବୁଝନ୍ତି ତ ସେମାନଙ୍କୁ ଭୁଲ୍ ତଥ୍ୟ ଦିଆଯାଇ କମ୍ପ୍ୟୁଟର ଶିକ୍ଷା ନାଁରେ ଭୁଲ୍ ତଥ୍ୟ ପ୍ରଦାନ କରାଯାଉଅଛି । କମ୍ପ୍ୟୁଟର ଶିକ୍ଷା ପରେ ପିଲାଙ୍କୁ ଭଲ ଯାଗାରେ ନିଯୁକ୍ତି ଦିଆଯିବ ବୋଲି ଭୁଲ୍ ତଥ୍ୟ ଦିଆଯାଉଥିଲା । ଭଲ ଯାଗରେ ନିଯୁକ୍ତି ଦିଆଯିବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଏହି ସଂସ୍ଥା ହଡପ କରିଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି । ଯୋଉ ପିଲା ଟଙ୍କା ଦେଇ ଥିଲା ତାର ବାକିଆ ଟଙ୍କା ଫେରି ପାଇବା ମାଗିବାରୁ ଜାଣିଲା ଯେ ସେ ଠକାମୀର ଶୀକାର ହୋଇଛି ଏହି କଥା ତାର ପରିବାର ଲୋକଙ୍କୁ ଜଣାଇବାରୁ ପରିବାର ଲୋକ ଜାଣିଲେ ଯେ ଆମ ପିଲା ଠକାମୀର ଶୀକାର ହୋଇଛି । ଯାଜପୁର ଟାଉନ୍ ଥାନା ପକ୍ଷରୁ ଏ ବିଷୟରେ ଅନୁସନ୍ଧାନ ଜାରି ରହିଛି ।

## ଗର୍ଭବତୀଙ୍କ ଶବକୁ ସତ୍କାର ନକରି ନଦୀକୂଳରେ ବସାଇ ଦେଲେ

ମହାକାଳପଡ଼ା ,(ସବ୍ୟୁ) : ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ବା ଉପଯୁକ୍ତ ସଚେତନତାର ଅଭାବରୁ କିମ୍ବା ନିରକ୍ଷରତା ଯୋଗୁଁ ମଣିଷ ନିଜର ହିତାହିତ୍ୟ ଜ୍ଞାନ, ମଣିଷପଣିଆ ବା ମାନବିକତା ଆଦି ପୋଡି ପାଉଁଶ କରି ଦେଇଥିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏହି ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମରେ । ଗ୍ରାମର ସନ୍ତୋଷ ସାହୁ (୩୫)ଙ୍କ ପତ୍ନୀ ପଦ୍ମିନୀ ବେହେରା (୨୭) ଦୀର୍ଘଦିନ ହେବ ମଧୁମେହ ରୋଗରେ ପୀଡିତ ଥିଲେ । ତେବେ ପଦ୍ମିନୀ ଗତ କିଛି ମାସ ହେବ ଗର୍ଭବତୀ ହେବା ସହ ମଧୁମେହ ରୋଗରେ ପୀଡିତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ପଦ୍ମିନୀ ଚିକିତ୍ସାଧୀନ ଅବସ୍ଥାରେ ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ପଦ୍ମିନୀଙ୍କୁ ତାଙ୍କ ପରିବାର ଲୋକେ ନିଜ ଗାଁ ବିଜୟନଗରକୁ ନେଇ ଆସିଥିଲେ,ହେଲେ ଅନ୍ଧବିଶ୍ୱାସ ର ବଶବର୍ତ୍ତୀ ହୋଇ ସନ୍ତୋଷର ପରିବାର ଲୋକେ ପଦ୍ମିନୀଙ୍କ ଶବ ସତ୍କାର କରିବା ପରିବର୍ତ୍ତେ ଗ୍ରାମ ଠାରୁ ସୁଦୂର ସୁନ୍ଦରାପାଟ ଗୋବରୀ ନଦୀ ପଠା ଜଙ୍ଗଲରେ ଏକ ନିଛାଟିଆ ସ୍ଥାନରେ ଶବକୁ ବସାଇ ଦେଇ ଚାଲି ଆସିଥିଲେ । ଘଟଣାଟି ପ୍ରଘଟ ହେବା ପରେ ଗ୍ରାମର ସ୍ୱେଚ୍ଛାସେବୀ ନିର୍ମଳ ସାହୁ ଉକ୍ତ ପରିବାର ନିକଟରେ ପହଂଚି ସେମାନଙ୍କୁ ବୁଝାସୁଝା କରିବା ସହ ଘଟଣା ସମ୍ପର୍କରେ ସଚେତନତା କରାଇଥିଲେ । ତେବେ ନିର୍ମଳଙ୍କ ଉଦ୍ୟମ ଓ ପରିବାର ଲୋକଙ୍କ ସହଯୋଗରେ ଆଜି ଅପରାହ୍ନ ରେ ପଦ୍ମିନୀଙ୍କ ଶବକୁ ପୋତି ଦିଆଯାଇଥିବା ଜଣାପଡିଛି ।

## ଭୁଶୁଡିଥିବା କେନାଲ ଲାଇନିଂ କାର୍ଯ୍ୟର ତଦନ୍ତ କଲେ ବିଧାୟକ

ନିଶ୍ଚିନ୍ତକୋଇଲ , (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତିଳକଣା ଠାରୁ ବାହାରିଥିବା କରାଣ୍ଡିଆଁ ଶାଖା କେନାଲର ଲାଇନିଙ୍ଗ୍ ଓ ସିମେଣ୍ଟ ଢଳେଇ କାର୍ଯ୍ୟ ଏବେ ଚାଲିଛି । ଏହି କେନାଲର ଦକ୍ଷିଣ ବାଲିଆପଦା ନିକଟରେ ଚାଲିଥିବା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବର୍ଷାରେ ଏହା ଭୁଷୁଡ଼ି ପଡ଼ିଥିଲା । ଉକ୍ତ ଖବର ଗଣମାଧ୍ୟମରେ ପ୍ରକାଶ ହେବା ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଙ୍କ ନିର୍ଦ୍ଦେଶରେ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ମଙ୍ଗଳବାର ସକାଳେ ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ନିର୍ମାଣ ଦାୟିତ୍ୱରେ ଓସିସିର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭୁଷୁଡ଼ିଥିବା କେନାଲ ଲାଇନିଙ୍ଗ୍ କାର୍ଯ୍ୟର ତଦନ୍ତ କରିଛନ୍ତି । ଭୋଳେଶ୍ୱର ମନ୍ଦିର ଠାରୁ ଏକ କି.ମି ବ୍ୟାପୀ କେନାଲ ବନ୍ଧ ରାସ୍ତାରେ ବିଭାଗୀୟ ଅଧିକାରୀ ମାନଙ୍କୁ ସାଙ୍ଗରେ ନେଇ ବିଧାୟକ ଶ୍ରୀ ପ୍ରଧାନ କେନାଲର ନିର୍ମାଣଧୀନ ସିମେଣ୍ଟ ଢଳେଇ ୱାଲ ଓ ଚଟାଣ କାର୍ଯ୍ୟର ତନତନ କରି ଦେଖିଥିଲେ । ଟେଣ୍ଡରର ନୀତି ନିୟମ ଅନୁଯାୟୀ ଉକ୍ତ କାର୍ଯ୍ୟକୁ କରାଇବା ଏବଂ ଭୁଷୁଡ଼ି ପଡ଼ିଥିବା ଅଂଶକୁ ପୁର୍ନବାର ନିର୍ମାଣ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ତଦନ୍ତ କାର୍ଯ୍ୟରେ ଓସିସିର ସିନିୟର ମ୍ୟାନେଜର ରାକେଶ ମଲିକ, ସହକାରୀ ଯନ୍ତ୍ରୀ ପ୍ରତାପ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସୁଦର୍ଶନ ସାମଲ, ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ, କୁମୁଦ ବେହେରା ପ୍ରମୁଖ ଉପସ୍ଥିତ ହୋଇଥିଲେ ।

# ଶେଷ ହେଉନି ଚଣ୍ଡିଖୋଲ-ଡୁବୁରୀ ଏନ୍‌ଏଚ୍ ୫୩ର ନିର୍ମାଣ କାର୍ଯ୍ୟ

## ଅସରାଏ ବର୍ଷାରେ ରାସ୍ତା ଶୋଚନୀୟ



ଚଣ୍ଡିଖୋଲ, (ସବ୍ୟୁ): ରାଜ୍ୟର ଏକ ବ୍ୟସ୍ତ ବହୁଳ ତଥା ଶିଳ୍ପ ନଗରୀ କଳିଙ୍ଗ ନଗରକୁ ସଂଯୁକ୍ତ କରୁଥିବା ୫୩ ନମ୍ବର ଜାତୀୟ ରାଜପଥର ଡୁବୁରୀ– ଚଣ୍ଡିଖୋଲ ଅଂଶର ନିର୍ମାଣ କାର୍ଯ୍ୟ ଦୀର୍ଘ ୧୦ ବର୍ଷ ହେବ ଚାଲିଥିଲେ ମଧ୍ୟ ଶେଷ ହେଉନାହିଁ । ବର୍ତ୍ତମାନ ନିଯୁକ୍ତ ଠିକାସଂସ୍ଥାର ମନମାନୀ ଯୋଗୁ ନିର୍ମାଣ କାର୍ଯ୍ୟ ଗଜପ ଗତିରେ ଚାଲିଛି । ଚୁକ୍ତି ଅନୁଯାଇ ନିର୍ମାଣ କାର୍ଯ୍ୟର ଅବଧି ଅନେକ ମାସ ତଳୁ ଶେଷ ହୋଇଯାଇଥିଲେ ମଧ୍ୟ ଏବେ ରାସ୍ତାକାମ ଅଧାପାନ୍ତରା ହୋଇ ପଡିଛି । ଦିଶାହୀନ ନିର୍ମାଣ କାର୍ଯ୍ୟ ଯୋଗୁଁ ଉକ୍ତ ରାସ୍ତାରେ ଦୈନିକ ଏକାଧିକ ଦୁର୍ଘଟଣା ଘଟୁଛି ଓ ବ୍ୟାପକ ଧପ ଜୀବନ ହାନି ହେଉଛି । ଗତ ବର୍ଷକ ମଧ୍ୟରେ ଏହି ରାସ୍ତାରେ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିସାରିଛ । ତଥପି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଗେମନ ଇଣ୍ଡିଆ ଲିଃ ଓ ଏମ ଏସ ଆଇ ଏଲ ଠିକା ସଂସ୍ଥା ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କିଛି ଫରକ ପଡୁନଥିବା ଆଭିଯୋଗ ହୋଇଛି । ୪୦ କିମି ବିଶିଷ୍ଟ ଏହି ରାସ୍ତାର ଅଧାକାମ ଇତିମଧ୍ୟରେ ଶେଷ ହୋଇନି । ସଠିକ ପ୍ରଣାଳିରେ ନିର୍ମାଣ କାମ ହେଉନଥିବାରୁ ଏବେ ରାସ୍ତା ଅତ୍ୟଧିକ ବିପଦ ସଂକୁଳ ହୋଇପଡିଛି । ଏବେ ଗତ ସୋମ ଓ ମଙ୍ଗଳବାର ଦିନ ସାମାନ୍ୟ ଅଦିନିଆଁ ବର୍ଷାରେ ଏହି ଜାତୀୟ ରାଜପଥ ଏପରି ଶୋଚନୀୟ ହୋଇପଡିଛି ଯେ ସେଥିରେ ଯାତାୟାତ କରିବା ସମ୍ଭବ ହେଉନାହିଁ । ବିଶେଷକରି କବାଟବନ୍ଧ ବ୍ରିହ୍ମଣୀବ୍ରୀଜ ଓ ବଙ୍ଗଳାଛକ ଠାରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତା ଏବେ ଯାତାୟାତ ଉପଯୋଗୀ ହୋଇନାହିଁ । ଏଥିସହ ଚଣ୍ଡିଖୋଲ ଠାରୁ ଡୁବୁରୀ ମଧ୍ୟରେ ନିର୍ମାଣଧିନ ୧୪ଟିରୁ ଉର୍ଦ୍ଧ୍ୱ ଫ୍ଲାଏଓଭରର ଦୁଇପାର୍ଶ୍ୱ ସର୍ଭିସରୋଡା ଦୁର୍ଘଟଣା ପ୍ରବଣ ହୋଇପଡିଛି । ବଙ୍ଗଳାଛକରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ବିରାଟ ବିରାଟ ଗାତରେ ବର୍ଷାଜଳ ଜମିରହିବା ଫଳରେ ତାହା ଗାଡି ମଟର ଚାଳକଙ୍କ ପାଇଁ ବିପଦର କାରଣ ହୋଇଛି । ସେହିପରି ଚଣ୍ଡିଖୋଲ କଲେଜଛକ, ଭଡଙ୍ଗା,ଆରୁହା, ମାଣ୍ଡିଆ, ବରଡା, ଚଢେଇଧରା, ତାରିଣୀଛକ, ବାଲିସାହି, ବାଘୁଆ, ବଳରାମପୁର, ବଙ୍ଗଳାଛକ, ମିରିଗିଚରା ଠାରେ ନିର୍ମାଣାଧିନ ଫ୍ଲାଏଓଭରର ଦୁଇପାର୍ଶ୍ୱରେ ରାସ୍ତା ଅତି ଖରାପ ହୋଇପଡିଛି । ଅସରାଏ ସାଧାରଣ ବର୍ଷାରେ ଉକ୍ତ ଜାତୀୟ ରାଜପଥର ଅବସ୍ଥାଅଧିକ କଦର୍ଯ୍ୟ ହୋଇପଡିଛି । ଏ ସମ୍ପର୍କରେ ମଙ୍ଗଳବାର ଦିନ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀ ଓ ଉକ୍ତ ରାସ୍ତା ଦାୟିତ୍ୱରେ ଥିବା ଢେଙ୍କାନାଳ ସ୍ଥିତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ବର୍ତ୍ତମାନ ରାସ୍ତାର ଅବସ୍ଥା ସୁଧାରିବା ସହ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଦାବି କରିଯାଇଛି ।

## ପୋଖରୀରେ ବୁଡି ଯୁବକ ମୃତ

ପାଣିକୋଇଲ , (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର ଜହ୍ନାକୋଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଆଇଙ୍କ ବର୍ଷକିୟାକୁ ଆସିଥିବା ନାତିର ପୋଖରୀରେ ବୁଡି ମୃତ୍ୟୁ ଘଟିଛି । ପ୍ରକାଶଯେ ଜହ୍ନାକଣା ଗ୍ରାମର ବେଣୁଧର ବଳଙ୍କ ସ୍ତ୍ରୀ ଶାଶିଲତା ବଳଙ୍କ ବର୍ଷକିୟା (ପ୍ରଥମ ବାର୍ଷିକ ଶ୍ରାଦ୍ଧ)ଥିଲା । ଏଥି ନମିନ୍ତେ ବେଣୁଧରଙ୍କ ଝିଅ କେନ୍ଦ୍ରାପଡା ଜିଲ୍ଲା ବସିପୁର ଗ୍ରାମର ବିଶ୍ୱରଂଜନ ବିଶ୍ୱାଳଙ୍କ ସ୍ତ୍ରୀ ଓ ପୁଅ ଓମକାର ବିଶ୍ୱାଳ (୨୦ ) ବର୍ଷକିୟା ପାଇଁ ଜହ୍ନାକଣା ଆସିଥିଲେ । ବାର୍ଷିକ ଶ୍ରାଦ୍ଧ ଅବସରରେ ଆଜି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସକାଳ ୯ ଟା ସମୟରେ ନାତି ଓମକାର ଘର ନିକଟସ୍ଥ ବାଘୁଆ ପୋଖରୀକୁ ଗାଧୋଇବାକୁ ଯାଇଥିଲା । ଗାଧୋଇଥିବା ସମୟରେ ଗୋଡ ଖସିଯିବାରୁ ପାଣି ଭିତରେ ସେ ବୁଡିଯାଇଥିଲା । ଏହା ଦେଖି ଗ୍ରାମର ଯୁବକ ମାନେ ତାକୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏନେଇ ପାଣିକୋଇଲି ପୁଲିସ ଜାଣିବା ପରେ ଏକ ଅପମୃତ୍ୟୁ ମାମଲା ୧୮/୨୫ ରୁଜୁ କରି ପଂଚାନାମା କରାଇ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି । ଓମାକାର ବାପ ମାଙ୍କ ଗୋଟିଏ ପୁଅ ହୋଇଥିବା ବେଳେ ବେଣୁଧର ବଳଙ୍କ ପୁଅ ନଥିବା ବେଳେ ଦୁଇଟି ଝିଅ ଅଛନ୍ତି । ହେଲେ ନାତିର ମୃତ୍ୟୁ ପରିବାର ଓ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# ଅବକାରୀ ମହିଳା ଏସ୍‌ଆଇଙ୍କୁ ମରଣାତ୍ମକ ଆକ୍ରମଣ ଘଟଣା

## ଅଭିଯୁକ୍ତ କନେଷ୍ଟବଳକୁ ୫ ବର୍ଷ ଜେଲ ଦଣ୍ଡାଦେଶ

ଜଗତସିଂହପୁର, (ସବ୍ୟୁ) : ୨୦୧୩ ମସିହା ଅବାକାରୀ ମହିଳା ସବ ଇନସପେକ୍ଟରଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାର ବିଚାର କରି ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ ହରପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ଅବକାରୀ କନେଷ୍ଟବଲ ମନୋଜ ପରିଡାଙ୍କୁ ୫ ବର୍ଷ ଜେଲ ଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କଲେ ।ଜୋରିମାନା ଅନାଦେୟ ଅଧିକ ୨ ମାସ ଜେଲ ଦଣ୍ଡ ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ।ସୁଚନା ଅନୁସାରେ ୨୦୧୩ ମସିହା ସଦର ଥାନା କୋର୍ଟ ଛକ ଠାରେ ଥିବା ଅବକାରୀ କାର୍ଯ୍ୟାଳୟ ଠାରେ ଅବକାରୀ ସବଇନସପେକ୍ଟର ଯୋଗମାୟା ମଲ୍ଲିକଙ୍କୁ ସେହି ଅବକାରୀ ବିଭାଗର କନେଷ୍ଟବଳ ମନୋଜ ପରିଡା କୌଣସୀ କାରଣରୁ ମରଣାତ୍ମକ ଆକ୍ରମଣ କରିଥିଲେ ।ଏପରିକି ମହିଳା ସବ ଇନସପେକ୍ଟରଙ୍କ ଚୁଟିକୁ ଧରି କନେଷ୍ଟବଳ ମନୋଜ ପରିଡା କାନ୍ଥରେ ପିଟି ରକ୍ତାକ୍ତ କରିଥିଲେ ।ଏହି ଘଟଣାକୁ ନେଇ ମହିଳା ସବଇନସପେକ୍ଟର ଜଗତସିଂହପୁର ଥାନାରେ ଏତଲା କରିଥିଲେ ।ଜଗତସିଂହପୁର ପୋଲିସ ପକ୍ଷରୁ କେଶ ନମ୍ବର ୧୫୨/୨୦୧୩ ରୁଜୁ କରାଯାଇ ମନୋଜ ପରିଡାଙ୍କୁ ଗିରଫ କରାଯାଇଥିଲା ।ଆଜି ୧୨ ବର୍ଷ ପରେ ସେହି ମାମଲାର ରାୟ ପ୍ରକାଶ ପାଇଛି ।ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ବିଚାରପତି ହରପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ମନୋଜ ପରିଡାଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।ଜୋରିମାନା ଅନାଦେୟ ଅଧିକ ୨ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।ଏହି କେଶକୁ ସରକାରୀ ଓକିଲ ଭାବରେ ଅତିରିକ୍ତ ସ୍ୱତନ୍ତ୍ର ପିପି ସୁରେଶ ଚନ୍ଦ୍ର ଦାସ ପରିଚାଳନା କରୁଥିଲେ ।

## ୱେବ ସାଇଟରେ ଧର୍ମଶାଳା ବ୍ଲକରେ ବର୍ଷା ପରିମାଣର ଭୁଲତଥ୍ୟ

ଧର୍ମଶାଳା, (ସବ୍ୟୁ) : କଥାରେ ଅଛି ମୋତେ ଯେତେ ମାଠିବୁ ମାଠ ମୁ ସେଇ ଦରପୋଡା କାଟ । ପୁର୍ବରୁ ଧର୍ମଶାଳା ବ୍ଲକ ପକ୍ଷରୁ ଯୋଗା ଯାଉଥିବା ବର୍ଷା ପରିମାଣର ଭୁଲ ତଥ୍ୟ ଦିଆଯାଉ ଥିବା ନେଇ ବାରମ୍ବାର ଗଣମାଧ୍ୟମରେ ଲେଖାଯାଇଛି । ହେଲେ ସରକାର ପରିବର୍ତନ ହେବା ପରେ ଏହି ଭୁଲରେ କୌଣସି ପରିବର୍ତନ ଆସିନାହିଁ । ପୁର୍ବରୁ ବର୍ଷା ପରିମାଣର ଭୁଲ ତଥ୍ୟ ଦିଆଯାଉଥିବା ବେଳେ ଏବେ ମଧ୍ୟ ବ୍ଲକ ତରଫରୁ ଭୁଲ ତଥ୍ୟ ପ୍ରଦାନ କରାଯାଉଥିବା ଜିଲ୍ଲା ରିପୋର୍ଟରୁ ଜଣାପଡିଛି । ଗତ ୨ ଦିନ ହେଲା ଧର୍ମଶାଳା ଅଂଚଳରେ ୧୦ରୁ ୧୫ ମିଲିମିଟର ଯାଏଁ ବର୍ଷା ହୋଇଥିବା ବେଳେ ଜିଲ୍ଲା ୱେବସାଇଟ ଟେବୁଲରେ ଏଦ୍ଧଠାରେ ବିନ୍ଦୁଏ ବର୍ଷା ହୋଇ ନଥିବା ଜିଲ୍ଲାକୁ ରିପୋର୍ଟ ପ୍ରଦାନ କରାଯାଇଛି । ଦାୟିତ୍ୱରେ ଥିବା ଠକ କର୍ମଚାରୀଙ୍କ ଦାୟିତ୍ୱହିନତା ଯୋଗୁ ଏଭଳି ବାରମ୍ବାର ଭୁଲ ରିପୋର୍ଟ ପ୍ରଦାନ କରାଯାଉଛି । ଲୋକମାନଙ୍କୁ ଭ୍ରମିତ ନକରି ବର୍ଷା ପରିମାଣ ସଠିକ ଭାବେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି । ଏଭଳି ଭୁଲତଥ୍ୟ ପ୍ରଦାନ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ତେବେ ଏନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତାଗିତ କରାଯିବ ବୋଲି ଧର୍ମଶାଳା ବିଡିଓ ଜ୍ୟୋତିମୟ କର ସୂଚନ ଦେଇଛନ୍ତି ।

## ସାମ୍ବାଦିକଙ୍କୁ ଆକ୍ରମଣ : ୨ କୋର୍ଟ ଚାଲାଣ

ଦାନଗଦି (ସବ୍ୟୁ) : କଳିଙ୍ଗନଗର ଥାନା ଅନ୍ତର୍ଗତ ପଙ୍କପାଳ ବଙ୍ଗଳା ନିକଟରେ ୱେବ ଚ୍ୟାନେଲ ସାମ୍ବାଦିକ ମନୋଜ କୁମାର ଜେନାଙ୍କୁ ଆକ୍ରମଣ କରାଯାଇଥିବା କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଥିଲା ଛ ଏହି ଘଟଣାରେ ଯଖପୁରା ଗ୍ରାମର ସୌମ୍ୟରଂଜନ ବୋଇତାଇ ଓ ପ୍ରଶାନ୍ତ ରାଉତଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ରେଶ୍ମୀ ରଶ୍ମିତା ଲାକ୍ରା ପ୍ରକାଶ କରିଥିଲେ ଛ ସୂଚନା ମୁତାବକ ସାମ୍ବାଦିକ ପଙ୍କପାଳ ଗ୍ରାମର ଏକ ପୋଖରି ପୁର୍ନଉଦ୍ଧାର କାମ ହେଉଥିଲା ସେହି ସ୍ଥାନରେ ଫଟୋ ଉଠାଇଥିବାରୁ ତାଙ୍କୁ ଆକ୍ରମଣ କରାଯାଇଥିଲା

# ମିଳିତ ଜନ ଶୁଣାଣିରେ ୬୯ ଅଭିଯୋଗ



ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୬ଟି ସାମୁହିକ ଓ ୬୩ଟି ବ୍ୟାକ୍ତିଗତ ଅଭିଯୋଗ ରହିଛି । ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟାଳୟ ରେ ଓ ଅନ୍ୟ ସୋମବାର ଗୁଡିକରେ ଜିଲ୍ଲାର ପ୍ରତ୍ୟକ ବ୍ଲକର ପଞ୍ଚାୟତ ଗୁଡିକରେ କ୍ରମାନୟରେ ମିଳିତ ଜନ ଶୁଣାଣୀ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ରାଜକନିକା ବ୍ଲକର ୨୯ଟି ପଞ୍ଚାୟତରେ ପର୍ଯାୟ କ୍ରମେ ଅନୁଷ୍ଠିତ ହେଉଥିବା ବେଳେ ଆଜିର ଏହି ଜନ ଶୁଣାଣିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ,ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ,ଆରକ୍ଷୀ ଆଧିକ୍ଷକ ସିଦ୍ଧାର୍ଥ କାଟାରିଆ,ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାପାତ୍ର,ଡେପୁଟିକଲେକ୍ଟର ଅମୀୟକାନ୍ତ ସ୍ୱାଇଁ,ପଟାମୁଣ୍ଡାଇ ଏସ ଡି ପି ଓ କ୍ଷମାସାଗର ପଣ୍ଡା, ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ,ବିଡିଓ କୈଳାଶ ଚନ୍ଦ୍ର ମହାଳିକ,କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କ ସମେତ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଭିନ୍ନକ୍ଷମ ଅଭିଯୋଗକାରୀଙ୍କ ନିମନ୍ତେ ମୁଖ୍ୟଅଧିକାରୀଙ୍କ ସମ୍ମୁଖରେ ବସିକରି ନିଜର ଅଭିଯୋଗ ପତ୍ର ଦେବାପାଇଁ ଚେୟାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା । ତେବେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନ ବ୍ୟବସ୍ଥା, ଜମିବାଡ଼ି ବିବାଦୀୟ, ପୋଲିସ ବ୍ୟବସ୍ଥା ଉପରେ ଅଧିକ ଅଭିଯୋଗ କରାଯାଇଥିବା ସୂଚନା ରହିଛି ।

## ମାହାଙ୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ମାହାଙ୍ଗା,(ସବ୍ୟୁ) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲୀସାହି ସ୍ଥିତ ମାହାଙ୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ଉଚ୍ଚ ମାଧ୍ୟମିକ ପରୀକ୍ଷା – ୨୦୨୫ ରେ କୃତିତ୍ୱ କରିଥିବା ୨ କଳା ଓ ବିଜ୍ଞାନ ବିଭାଗର କୃତି ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧାପିକା ପୁଷ୍ପାଞ୍ଜଳି ଶତପଥୀ, ଡ଼ଃ ମନସ୍ୱିନୀ କର, ଯୟଶ୍ରୀ ଖୁଂଟିଆ, କବିତା ସାମନ୍ତ ରାୟ, ଗୀତାଞ୍ଜଳୀ ନାୟକ, ମମତା ନାୟକ, କବିତା ମହାନ୍ତି, ଇତିଶ୍ରୀ ସାମଲ, ପ୍ରମିଳା ରାଉତ, ଫରଯାନା ଅଞ୍ଜୁମ୍, ମୋନାଲିସା ପ୍ରିୟଦର୍ଶିନୀ, ମାମାଲି ମୋନାଲିଶା ଦାଶ, ଅଧାପକ ଶରତ ବେହେରା, ପ୍ରଶାନ୍ତ କୁମାର ସିଂହ ପ୍ରମୁଖ ଯୋଗ ଦେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତି ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୮୩ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସେଥି ମଧ୍ୟରୁ କଳା ବିଭାଗରେ ପ୍ରଶାନ୍ତି ରାଉତ, ସାଇରିନ୍ ବେଗମ୍, ରାଜଲକ୍ଷ୍ମୀ ଜେନା ସେହିପରି ବିଜ୍ଞାନ ବିଭାଗରେ ସୌମ୍ୟାରଂଜନ ସ୍ୱାଇଁ, ଶୁଭଶ୍ରୀ ରାଉତ, ସ୍ୱର୍ଣ୍ଣପ୍ରଭା ପରିଡ଼ା ଯଥାକ୍ରମେ ର୍‍ୟାଙ୍କ ୧, ୨ ଓ ୩ରେ ଉତୀର୍ଣ୍ଣ ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ମହାବିଦ୍ୟାଳୟରେ ମହିଳା ଛାତ୍ରୀନିବାସର ସୁବିଧା ରହିଛି। ଏହି ଉପଲକ୍ଷେ ଅତିଥିମାନେ କୃତି ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଭାପତି ନିଜ ଅଭିଭାଷଣରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିଭଳି ଭାବରେ ଶିକ୍ଷାଦାନ କରାଯାଉଛି ସେ ନେଇ ମତବ୍ୟକ୍ତ କରିବା ସହ ଛାତ୍ରୀମାନେ ଅଧ୍ୟୟନ ପ୍ରତି ଅନୁଷ୍ଠାନର ନାମ ଟେକ ରହିବ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଭିଭାବକ ଉପସ୍ଥିତ ରହିଥିଲେ।

## ପଥର ବୋଝେଇ ଟ୍ରକ ଜବତ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବାଲି ଖାଦାନରୁ ବାଲି ଉଠାଇବା ଓ ସରକାରୀ ଯାଗାରୁ ମାଟି ଉଠାଇବା ଏବଂ ବେଆଇନ ଭାବେ ଖଣିଜ ଦ୍ରବ୍ୟ ଚାଲାଣ କରିବା ଜିଲ୍ଲାପାଳ ସ୍ମୃତି ରନ ପ୍ରଧାନ ଜାଣିବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଖଣି ଅଧିକାରୀ ବେଆଇନ ଭାବେ ଚାଲାଣ ହେଉଥିବା ବାଲି, ମାଟି ଓ ପଥର ବୋଝେଇ ଟ୍ରକକୁ ଜବତ କରିବା ସହିତ ତାଙ୍କ ଠାରୁ ଜରିମାନା ଆଦାୟ କରୁଥିବା ଜଣାପଡିଛି । ଉପ ଜିଲ୍ଲାପାଳ ଶ୍ରୀ ନାୟକ ମଙ୍ଗଳବାର କଟକ-ଚାନ୍ଦବାଲି ରାସ୍ତାରେ ଗଗୁଆ ନିକଟରେ ବେଆଇନ ଭାବେ ନେଇ ଯାଉଥିବା ପଥର ବୋଝେଇ ୨ଟି ଟ୍ରକକୁ ଜବତ କରି ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି । ଦୈନିକ ପ୍ରାୟ ଅନେକ ଗାଡି ଏହିଭଳି ଭାବରେ ଚୋରାରେ ମୋରମ, ମାଟି, ବାଲି, ପଥର ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ପହଁଚାଉଥିବା ଜଣାପଡିଛି । ଏହି ଗାଡି ଗୁଡିକୁ ଜବତ କରି ତାଙ୍କ ଠାରୁ ଜରିମାନା ଆଦାୟ କରଯିବ ବୋଲି ଉପପ ଜିଲ୍ଲପାଳ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

# ସମ୍ଭାବ୍ୟ ବର୍ଷାକୁ ନେଇ ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

## ମୁଖ୍ୟାଳୟ ନ ଛାଡିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,(ସ୍ୱପ୍ର) : ପାଣିପାଗ ବିଭାଗ ଦ୍ୱାରା ସୂଚନା ମୁତାବକ ଆଗାମୀ ଦୁଇ ତିନ ଦିନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବିଭାଗର ପ୍ରସ୍ତୁତିକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଆଜି ସନ୍ଧ୍ୟାରେ ସମସ୍ତ ବିଭାଗ ସହିତ ସମୀକ୍ଷା କରିଛନ୍ତି । କଣ୍ଟ୍ରୋଲ ରୁମ, ପାନୀୟ ଜଳ ବ୍ୟବସ୍ଥା ,ଶୁଖିଲା ଖାଦ୍ୟ ମହଜୁଦ ,ଜେନେରେଟର , ଔଷଧ,ବାତ୍ୟା ଆଶ୍ରୟ ସ୍ଥଳ ସ୍ଥିତି, ଡ଼ଙ୍ଗାର ସ୍ଥିତି, ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ପ୍ରସ୍ତୁତି ରଖିବାକୁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସମସ୍ତ ଯନ୍ତ୍ରପାତି ଉପକରଣ ସଠିକ କରି ସଜାଗ ରହିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡା କୌଣସି ବି ଅଧିକାରୀ ଜିଲ୍ଲା ମୁଖ୍ୟାଳୟ ନ ଛାଡିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ବିଭାଗର ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । ଏହା ଛଡା ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରୁ ବିଡ଼ିଓ, ତହସିଲଦାର ମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଡି ହୋଇ ବର୍ତ୍ତମାନ ପରିସ୍ଥିତି ଏବଂ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।

# ଚୋରା ମାଟି ଓ ମୋରମରେ ଚାଲିଛି ହରିଦାସପୁର-ଧାନମଣ୍ଡଳ ଲୁପ ରେଳଲାଇନ କାର୍ଯ୍ୟ

## ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନି

ଚଣ୍ଡିଖୋଲ, (ସବ୍ୟୁ) : ପୂର୍ବତଟ ରେଳବାଇ ଖୋର୍ଦ୍ଧାରୋଡ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲ୍ଲାର ହରିଦାସପୁର ଠାରୁ ଧାନମଣ୍ଡଳ ପର୍ଯ୍ୟନ୍ତ ନିର୍ମାଣ ଚାଲିଥିବା ଲୁପ ଲାଇନ କାର୍ଯ୍ୟରେ ବ୍ୟାପକଭାବେ ଚୋରାମାଟି ଓ ଚୋରା ମୋରମ ବ୍ୟବହାର ହେଉଥିବା ଦେଖାଯାଇଛି ।ଯେ କୌଣସି ସରକାରୀ ନିର୍ମାଣ କାର୍ଯ୍ୟରେ ବିନା ଟ୍ରାଞ୍ଜିଟ ପାସରେ (ଟିପିରେ) ମାଟି ଓ ମୋରମ ପରି ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାରକୁ ବାରଣ କରାଯାଇଥିଲା ବେଳେ ଏଠାରେ ଚାଲିଥିବା ରେଳଲାଇନ ନିର୍ମାଣରେ ଦୈନିକ ଶହଶହ ଟ୍ରିପ ଚୋରା ମାଟି ଓ ମୋରମ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି । କେତେକ ମାଫିଆ ପ୍ରତ୍ୟେହ ରାତିରେ ସରକାରୀ ଆନାବାଦୀ,ଗୋଚର ଓ ଜଙ୍ଗଲ କିଶମ ଜମିରୁ ବଡବଡ ମେସିନ ଲଗାଇ ସମ୍ପୂର୍ଣ୍ଣ ବେଆଇନ ଭାବେ ମାଟି ଓ ମୋରମ ଖନନକରି ଶତାଧିକ ହାଇୱା ଟ୍ରକ ଯୋଗେ ନିର୍ମାଣଧିନ ରେଳଲାଇନ କାର୍ଯ୍ୟକୁ ପରିବହନ କରୁଛନ୍ତି । ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ଓ ରେଳବାଇ ଅଧିକାରୀ କୌଣସି ଯାଞ୍ଚ ନକରି ଏହି ଚୋରା ମୋରମ ଓ ମାଟିକୁ ନିର୍ମାଣ କାର୍ଯ୍ୟରେ ଲଗାଉଥିବା ଦେଖାଯାଉଛି । ଏହି ଲଘୁଖଣିଜ ଚୋରି ଯୋଗୁ ରାଜ୍ୟ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିଲା ବେଳେ ମାଫିଆମାନେ ମାଲାମାଲ ହେଉଥିବା ଅନୁସଂଧାନରୁ ଜଣାପଡିଛ । ଗୋଟିଏ ଟ୍ରକ ମାଟି ଓ ମୋରମକୁ ମାଫିଆମାନେ ୫ରୁ୭ ହଜାର ଟଙ୍କାରେ ବିକ୍ରି କରୁଥିବା ବେଳେ ଦିନକୁ ଦୁଇରୁ ତିନିଶହ ଟ୍ରିପ ରେଳଲାଇନ ନିର୍ମାଣ କାମକୁ ଚାଲାଣ କରୁଛନ୍ତ । ଏହି ହିସାବରେ ସରକାର ଦୈନିକ ଦୁଇରୁ ଅଢେଇ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ଆକଳନ କରାଯାଉଛି । ଦୀର୍ଘଦିନ ହେବ ଖୋଲାମେଲାରେ ଏହି ଚୋରାକାରବାର ଚାଲିଥିଲା ବେଳେ ଦୁଇଜଣ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଓ ତାଙ୍କ ଦ୍ୱାରା ନିଯୁକ୍ତ ଚୋରମାନେ ଏହ କାର୍ଯ୍ୟ କରୁଥିବା ଆଲୋଚନା ହେଉଛି । ଧର୍ମଶାଳା ତହସିଲ ଅଞ୍ଚଳର ପାଖର,ମାଣ୍ଡିଆ ଓ ଖୋସାଲିପୁର ନିକଟସ୍ତ କେତେକ ନିଷିଦ୍ଧ ସ୍ଥାନରୁ ଏହି ମାଟି ଓ ମୋରମ ରାତି ଅଧରେ ଖୋଳାଯାଇ ଟ୍ରକ ଯୋଗେ ବଡଚଣା ଥାନା ତଥା ଧାନମଣ୍ଡଳ ଫାଣ୍ଡି ଅଧିନରେ ଚାଲିଥିବା ଉକ୍ତ ରେଳ ଲୁପଲାଇନର ନିର୍ମାଣ ସ୍ଥାନକୁ ଚୋରା ଚାଲାଣ ହେଉଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଏହି ଲୁଟପାଟ ବନ୍ଦକରିବାକୁ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ), ଧର୍ମଶାଳା ଓ ଦର୍ପଣ ତହସିଲଦାରଙ୍କ ସହ ବଡଚଣା ଓ ଧର୍ମଶାଳା ଥାନା ପୋଲିସ ନିକଟରେ ବାରମ୍ବାର ଫେରାଦ ହେଉଥିଲେ ମଧ୍ୟ ସବୁ ଜାଣି ସବୁ ଦେଖି ସଂପୃକ୍ତ ଅଧିକାରୀ ମାନେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଏହି ଚୋରା କାରବାର ଯୋଗୁ ବ୍ୟାପକ ସରକାରୀ ରାଜସ୍ୱ ଆତ୍ମସାତ ହେବା ସହିତ ପରିବେଶ ଧ୍ୱଂସ ହେଉଥିଲେ ମଧ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ କାହିଁକି ନିଦା ବିଷ୍ଣୁ ସାଜିଛନ୍ତି ତାହା ସାଧାରଣରେ ପ୍ରଶ୍ନ ହୋଇଛି ।

## ୟୁଜେଏ ଯାଜପୁର ପକ୍ଷରୁ ଏଡିଏମ୍‌ଙ୍କୁ ଦାବୀପତ୍ର ପ୍ରଦାନ



ଯାଜପୁର ,(ସବ୍ୟୁ) : ରାଜ୍ୟରେ ସାମ୍ବାଦିକ ମାନଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣର ପ୍ରତିବାଦ ଏବଂ ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଠିକାଦାରକୁ ତୁରନ୍ତ ଗିରଫ କରିବାକୁ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିଷ୍ପତ୍ତି କ୍ରମେ ସଂଘର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରାଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ ଏବଂ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ମର୍ମରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ଉପସଭାପତି ପବିତ୍ର ମହାନ୍ତି, ସମ୍ପାଦକ ସୁବାଶିଷ ରାଉତ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଦୀପ୍ତ ଚାନ୍ଦ, ସଂଜୟ କର, ବିଦ୍ୟାଧର ସାହୁ, ଭରତ ନାୟକ, ଦିବ୍ୟକାନ୍ତ କର, ଅଜୟ ମିଶ୍ର, ଲିଙ୍ଗରାଜ ସାହୁ, ଅଜୟ ବେହେରା,ସୁରେଶ କର, ବାଞ୍ଛାନିଧି ସାହୁ, ଅଜୟ ଜେନା, ବସୁବନ୍ଧୁ ଦାସ, ଶଙ୍କର ସେଠୀ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ।

# ୪ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କୋଣାର୍କ,(ସବ୍ୟୁ) : ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ବାଙ୍କୁଏଟ ହଲ ଠାରେ ସାମାଜିକ ଆନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଆନୁକୁଲ୍ୟରେ ୪ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଯୁବ ନେତୃତ୍ୱ ଓ ଭାଗିଦାରୀ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ନିର୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ ତଥା ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ସମାଜରେ ଗ୍ରାମାଞ୍ଚଳର ଯୁବକ ମାନଙ୍କର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ବିକଶିତ ଭାରତକୁ କିଭଳି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଉପାଧ୍ୟକ୍ଷ ଶୁଭ୍ରୋ ରାଓ କାର୍ଯ୍ୟକ୍ରମର ନିର୍ଦେଶକ ତଥା ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ସାମାଜିକ ସଂଗଠନ ୟଙ୍ଗ ଇଣ୍ଡିଆର ସଭାପତି ଏନଏ ଶାହା ଅନସାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ୪ଦିନିଆ କାର୍ଯ୍ୟକ୍ରମରେ ଭାରତବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୧ ଜଣ ଯୁବ ପ୍ରତିଭା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତିଛ ଗଣତାନ୍ତ୍ରିକ ଯୋଗାଯୋଗ, ନେତୃତ୍ୱ ବିକାଶ, ସାଂସ୍କୃତିକ ବିନିମୟ ଏବଂ ଅଭିନବ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ଯୁବ ସଂସଦ, ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସଂସଦୀୟ ବିତର୍କର ଅଧିବେଶନକୁ ଅନୁକରଣ ଓ ଆଲୋଚନା କରାଯିବା ନେଇ ପ୍ରସ୍ତାବ ମାନ ରହିଛି । ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନ ନାୟକ, ବିକ୍ରମ କେଶରୀ ସାମନ୍ତରାୟ, ନିରଞ୍ଜନ ତ୍ରିପାଠୀ,ଅଭିନୀତ ସ୍ୱାଇଁ, ରାକେଶ ମଲ୍ଲିକ, ସୁଭଦ୍ରା ସାହୁ ଓ ରାଜଶ୍ରୀ ନାଥ ପ୍ରମୁଖ ପରିଚାଳନା କରିଥିଲେ ।

## ଆରଆଇଙ୍କୁ ଅସଦାଚରଣ ମାମଲା : ଜୋର ଧରିଲା

# ଅତିରିକ୍ତ ତହସିଲଦାରଙ୍କ ଗିରଫ ଦାବି

ପିପିଲି,(ସବ୍ୟୁ) :ପିପିଲିର ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି ଙ୍କ ନାମରେ ଜଣେ ମହିଳା ଆରଆଇ ଅସଦାଚରଣ ଅଭିଯୋଗ ଆଣିଥିବା ବେଳେ ତାଙ୍କୁ ପିପିଲିରୁ ବଦଳି କରାଯାଇଥିବା ସୂଚନା ମିଳିଛି। ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀଙ୍କୁ ପଚାରିଲେ ସେ କୁହନ୍ତି ଜୈନିକା ମହିଳା ଆରଆଇ ପିପିଲି ଥାନାରେ ଅଭିଯୋଗ ଦେବା ସହ ମୋତେ ମଧ୍ୟ ଏକ ଲିଖିତ ଅଭିଯୋଗ ଦେଇଥିଲେ।

ତତକ୍ଷଣାତ ସରକାରଙ୍କ ନିୟମମୁତାବକ ଏକ କମିଟି ଗଠନ କରାଯାଇଛି। ତଦନ୍ତ କମିଟି ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅତିରିକ୍ତ ତହସିଲଦାରଙ୍କ ବଦଳି ସମ୍ପର୍କରେ ସେ ଶୁଣିଥିବାର କହିବା ସହ ଅଫିସିଆଲ କୌଣସି କାଗଜପତ୍ର ମୋତେ ହସ୍ତଗତ ହୋଇନଥିବା ଜଣାଇଥିଲେ। ଅନ୍ୟପଟେ ଆରଆଇଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଚୁପ ବସିବା ଏବଂ ଘଟଣା ପରେ ଅତିରିକ୍ତ ତହସିଲଦାରଙ୍କ ବଦଳିକୁ ନେଇ ବିଭିନ୍ନ ରାଜନୈତିକ ମହଲରେ ତିବ୍ର ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରିବା ସହ ଗିରଫ ଦାବି କରିଛନ୍ତି। ଏହାକୁ ନେଇ ବଡଧରଣର ଆନ୍ଦୋଳନ ରୁପ ନେବାକୁ ବିଭିନ୍ନ ରାଜନୈତିକ ଦଳ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି। ଏହି ଘଟଣାରେ ବିଜୁ ଜନତା ଦଳ ଜିଲ୍ଲା ସମ୍ପାଦକ ତଥା ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ଘଟଣାକୁ ଘୋର ନିନ୍ଦା କରିବା ସହ ତହସିଲ କାର୍ଯ୍ୟାଳୟରେ ଆରଆଇଙ୍କ ପ୍ରତି ହୋଇଥିବା ଅସଦାଚରଣ ଘଟଣା ପିପିଲି ଅଂଚଳକୁ ପୁରା ବଦନାମ କରିଛି ବୋଲି କହିବା ସହ ଅତିରିକ୍ତ ତହସିଲଦାରଙ୍କୁ ଗିରଫ କରିବା ସହ ଦୃଷ୍ଟାନ୍ତ ମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ସେହିପରି ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର କହିଛନ୍ତି ଜଣେ ମହିଳା ଆରଆଇଙ୍କୁ ଅତିରିକ୍ତ ତହସିଲଦାର ଅସଦାଚରଣ କରିବା ଘଟଣା ରାଜ୍ୟରେ ପିପିଲି ପୁରା ଲଜ୍ଜିତ ହୋଇଛି।ପିପିଲିରେ ନାବାଳିକା ଦୁଷ୍କର୍ମ / ଗର୍ଭବତୀ ହେବା ଭଳି ମାମଲା ଦିନକୁ ଦିନ ବଢି ଚାଲିଥିବା ବେଳେ ଡେଲାଙ୍ଗ ରେ ନାବାଳକ ଅପହରଣ ପରେ ହତ୍ୟା ଘଟଣା ଲୋକମାନଙ୍କ ମନରୁ ଲିଭୁନି ପିପିଲିରେ ଅତିରିକ୍ତ ତହସିଲଦାରଙ୍କ ଏହି ଘଟଣା ପୁରା ବ୍ୟଥିତ କରିଛି।କିନ୍ତୁ ତାଙ୍କ ନାମରେ ପୋଲିସ ମାମଲା ରୁଜୁ କରି ଚୁପ ବସିବା ସହ ଅତିରିକ୍ତ ତହସିଲଦାରଙ୍କ ବଦଳି ଘଟଣା ସରକାରୀ ମହିଳା ଆରଆଇ ଯଙ୍କୁ ନ୍ୟାୟ ଦେବାରେ ସରକାର ଏବଂ ପୋଲିସ ପ୍ରଶାସନ ବିଫଳ ବୋଲି ସେ କହିଥିଲେ। ଏଭଳି ପରିସ୍ଥିତିରେ କଂଗ୍ରେସ ଦଳ ପକ୍ଷରୁ ମହିଳା ଆରଆଇଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି କୁହାଯାଇଛି।

## ହୃଦଘାତରେ ଅଧ୍ୟାପକଙ୍କ ପରଲୋକ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ୍ ଦୟାବିହାର କଲେଜ ଯୁକ୍ତ୨ର ଭୂଗୋଳ ଓ ଏନସିସି ଅଧ୍ୟାପକ ପ୍ରତାପ କେଶରୀ ହରିଚନ୍ଦନଙ୍କର ରବିବାର ସକାଳ ୭ଟା ରେ ହୃଦଘାତରେ ପରଲୋକ ଘଟିଛି ।ଖବର ନେବାରେ ଜଣାପଡିଛି ସକାଳୁ ସକାଳୁ ଅଧ୍ୟାପକ ଶ୍ରୀ ହରିଚନ୍ଦନଙ୍କ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ ।ହେଲେ ସେଠାରେ ଡାକ୍ତର ହୃଦଘାତରେ ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ ।ଦୟାବିହର ଡିଗ୍ରୀ କଲେଜ ଓ ଯୁକ୍ତ୨ କଲେଜର ଅଧ୍ୟାପକ କର୍ମଚାରୀ ଓ ଅନ୍ୟମାନେ ତାଙ୍କୁ ଶେଷ ଦର୍ଶନ କରିଥିଲେ ।ପୁରୀ ସ୍ୱର୍ଗଦ୍ୱାରରେ ଅଧ୍ୟାପକଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଛି। ତାଙ୍କର ଏଭଳି ଅକାଳ ବିୟୋଗ ଅତ୍ୟନ୍ତ ଦୁଃଖ ଦାୟକ ବୋଲି ଛାତ୍ର ଛାତ୍ରୀମାନେ ପ୍ରକାଶ କରିଛନ୍ତି ।

## ବରିଷ୍ଠ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାକୁ ନିନ୍ଦା

ଖଣ୍ଡପଡା,(ସବ୍ୟୁ) :ବଲାଙ୍ଗୀର ଅଂଚଳରେ କାର୍ଯ୍ୟରତ ବରିଷ୍ଠ ସାମ୍ବଦିକ ବିଜୟ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ । ଖଣ୍ଡପଡା ଅଂଚଳରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏଭଳି ଘଟଣା ଅତ୍ୟନ୍ତ' ନିନ୍ଦନୀୟ ବୋଲି ବରିଷ୍ଠ ସାମ୍ବାଦିକମାନେ ମତ ଦେବା ସହ ଗଣମାଧ୍ୟମର କଣ୍ଠରୋଧ ପାଇଁ ଯେଉଁ ଅସାମାଜିକ ଯୁବକମାନେ ଏଭଳି କାଣ୍ଡ ଘଟାଇଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ମହାରଣା, ଭବାନୀ ଶଂକର ସିଂହସାମନ୍ତ, ରବିନ୍ଦ୍ର ଚନ୍ଦ୍ର ବେହେରା, ସରୋଜ କୁମାର ଚୌଧୁରୀ, ସତ୍ୟ ନାରାୟଣ ସୁରଜଗଦେବ, ମନୋରଂଜନ ରଥ, ମାନସ ସେଠୀ, ସଂଗ୍ରାମକେଶରୀ ଦେଓ, ଶିବ ନାରାୟଣ ଦାସ, ବାଳକୃଷ୍ଣ ରାଉତ, ସରୋଜ କୁମାର ମିଶ୍ର, ଶୁଭ୍ରାଂଶୁ ମହାରଣା, ସମ୍ବିତ ଭୂଷଣ ସେନାପତି, ଜିତେନ୍ଦ୍ର କୁମାର ସାହୁ, ଶରତ ସାହୁଙ୍କ ସମେତ ଅନ୍ୟ ସାମ୍ବଦିକମାନେ ଦାବି କରିବା ସହ ଏଥିପ୍ରତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦୃଷ୍ଟି ଦେବାକୁ ମତ ଦେଇଛନ୍ତି। ଘଟଣାରେ ସଂପୃକ୍ତ ଠିକାଦାରଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରିବାକୁ ସାମ୍ବାଦିକ ସଂଘର ସଦସ୍ୟମାନେ ଦାବି କରିଛନ୍ତି। ।

## ସାକ୍ଷୀଗୋପାଳଙ୍କ ମନ୍ଦିର ହୁଣ୍ଡିରୁ ମିଳିଲା ୪ ଲକ୍ଷ

ସାକ୍ଷୀଗୋପାଳ ,(ସବ୍ୟୁ) :ସାକ୍ଷୀଗୋପାଳ ଠାକୁରଙ୍କ ମନ୍ଦିର ହୁଣ୍ଡିର ୪ ଲକ୍ଷ ୧ ହଜାର ୫୫୫ ଟଙ୍କା ଓ ସୁନାରୂପା ଅଳଙ୍କାର ମିଳିଛି। ମଙ୍ଗଳବାର ଦିନ ି ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ମନ୍ଦିର ଜଗମୋହନରେ ହୁଣ୍ଡି ଖୋଲିବା ପରେ ଉପରୋକ୍ତ ଦାନରାଶି ସହିତ ସୁନା କାନଫୁଲ, ଚିତା, ରୁପାମୁଦି, ପାଉଁଜି ଓ କିଛି ରେଜା ରୁପା ହୁଣ୍ଡିରୁ ମିଳିଥିଲା।ଛ ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବିଡ଼ିଓ ଦେବାଶିଷ ନାୟକ, ଗୋଷ୍ଠୀ ପ୍ରାଣି ଚିକିତ୍ସକ ବନଜକାନ୍ତ ଶତପଥି, ଦେବୋତ୍ତର ବିଭାଗ ଜିଲ୍ଲା ନୀରିକ୍ଷକ ଅନନ୍ତ କୁମାର ମୁର୍ମୁ, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ୟୁନିୟନ ବ୍ୟାଙ୍କ ମ୍ୟାନେଜର ସନ୍ଦିପ କୁମାର ରଥଙ୍କ ସହିତ କର୍ମଚାରୀ ମାନସ କୁମାର ବେହେରା,ଶିବକାନ୍ତ ଶୁକ୍ଳା, ଶୁଶାନ୍ତ କୁମାର ବାରିକ, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ମନୋରଞ୍ଜନ ମହାନ୍ତି ଓ ସଞ୍ଜିବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗୋବିନ୍ଦ ଦାସ ମହାରାଜଙ୍କୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ



ନିରାକାରପୁର,(ସବ୍ୟୁ): ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଦକ୍ଷତା ପାଇଁ ମହାମଣ୍ଡଳେଶ୍ୱର ଗୋବିନ୍ଦ ଦାସ ମହାରାଜଙ୍କୁ ୱାଲ୍ଡ ଚାରିଟି ୱେଲଫାୟାର ଫାଉଣ୍ଡେସନ ଆମେରିକାନ ମେରିଟ କାଉନସିଲ ପକ୍ଷରୁ ଚଳିତ ବର୍ଷ ପାଇଁ ସମ୍ମାନ ଜନକ ଡ଼କ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ସେ ଖୋରଧା ଜିଲ୍ଲା ମୋଟା ବଡ ମଠ ମହନ୍ତ ଭାବେ କାର୍ଯ୍ୟ ଭାର ତୁଲାଉ ଥିବାବେଳେ ତାଙ୍କୁ ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ର କ୍ଷେତ୍ର କ୍ଷେତ୍ରରେ ତାଙ୍କର ଦକ୍ଷତା ପାଇଁ ଏଭଳି ସମ୍ମାନ ଜନକ ଡ଼କ୍ଟରେଟ ଡିଗ୍ରୀ ପ୍ରଦାନ କରିଛି ଆମେରିକାନ ମେରିଟ କାଉନସିଲ । ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ଏକ ସୂତନ୍ତ୍ର ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଖୋର୍ଦ୍ଧା, ଜଂକିଆ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କୁ ସହଯୋଗ ଅନୁଷ୍ଠାନ, ନିରାକାରପୁର ରମଦୟା ପରିଷଦ ଓ ସ୍ଥାନୀୟ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଅଭିନନ୍ଦନ ଜଣାଯାଇଛି।

## ୫ ଫୁଟ ଲମ୍ବର ତମ୍ପ ସାପ ସହ ୧୯ ଅଣ୍ଡା ଉଦ୍ଧାର

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବଘେଇପୁଟ ଗ୍ରାମର ସ୍ନେହ ହେଲ୍ପ ଲାଇନ ସଦସ୍ୟ ବସନ୍ତ କୁମାର ବେହେରା ସୋମବାର ଦିନ ଏକ ୫ ଫୁଟିଆ ତମ୍ପ ସାପ ଓ ୧୯ ଅଣ୍ଡା ଉଦ୍ଧାର ଉଦ୍ଧାର କରିଥିବା ଜଣାପଡିଛି। ନିକଟସ୍ଥ ତେଲେଙ୍ଗାପଡ଼ା ଗ୍ରାମର ଜ୍ଞାନ ମାର୍ଥା ନିଜର ନୂତନ ଗୃହ ନିର୍ମାଣ କରିବାକୁ ପଥର ରଖିଥିବାବେଳେ ଉକ୍ତ ପଥର ତଳେ ଏକ ସାପ ରହି ଗର୍ଜନ କରୁଥିବା ଶୁଣିବାକୁ ପାଇଥିଲେ। ପରେ ସେମାନେ ସ୍ନେହ ହେଲ୍ପ ଲାଇନ ସଦସ୍ୟ ବସନ୍ତଙ୍କୁ ଜଣାଇଥିଲେ। ପରେ ବସନ୍ତ ସେଠାରୁ ବିଷାକ୍ତ ତମ୍ପ ସାପଟିକୁ ଉଦ୍ଧାର କରିବା ସହିତ ୧୯ ଟି ସାପ ଅଣ୍ଡା ଉଦ୍ଧାର କରିଛନ୍ତି। ସାପଟିକୁ ଜଙ୍ଗଲରେ ଛାଡ଼ି ଦେଇଥିବାବେଳେ ସୁରକ୍ଷିତ ୧୬ ଟି ଅଣ୍ଡାକୁ ରଖି ଛୁଆ ଦେଲା ପରେ ତାଙ୍କୁ ଜଙ୍ଗଲରେ ଛାଡ଼ି ଦେବେ ବୋଲି ସୂଚନା ଦେଇଛନ୍ତି।

## ନିଷ୍କାସିତ ଜଳରେ ଧାନ ବିଲ, ଫସଲ କ୍ଷତିଗ୍ରସ୍ତ

ସାକ୍ଷୀଗୋପାଳ ,(ସବ୍ୟୁ) :ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟପୁର ପଞ୍ଚାୟତର ଜୟପୁର ବଡ଼ ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏହି ବଡ଼ ପୋଖରୀ ଖନନ ନିମନ୍ତେ ପୋଖରୀରୁ ପାଣି ନିଷ୍କାସନ କରାଯାଉଛି। ଏହି ନିଷ୍କାସିତ ପାଣିକୁ ନିର୍ଦ୍ଧାରିତ ଜଳ ନିଷ୍କାସନ ନାଳୀରେ ନିଷ୍କାସନ କରିବା ପରିବର୍ତ୍ତେ ଜୟ ଗହୀରକୁ ଛାଡି ଦିଆ ଯାଉଅଛି । ଫଳରେ ସୁଶାନ୍ତ କୁମାର ଶତପଥୀ, ଜାନକୀ ବଲ୍ଲଭ ମହାପାତ୍ର, ସୁରେନ୍ଦ୍ର ନାଥ କର, ରାଜ କିଶୋର କର, ପ୍ରଦୀପ କୁମାର କର, ଦେବେନ୍ଦ୍ର ନାଥ କର, ରଙ୍ଗନାଥ ସାମନ୍ତରାୟ, ବାବନ ଖଟୋଇ, ରାମକୃଷ୍ଣ ଶତପଥୀ ଓ ବଳରାମ ସାମନ୍ତରାୟ ପ୍ରମୁଖଙ୍କର ପ୍ରାୟ ୧୫ ଏକର ଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଅଛି ବୋଲି ଅଭିଯୋଗ କରିଛନ୍ତି । ଏହି କ୍ଷତିଗ୍ରସ୍ତ ଚାଷୀ ମାନେ ସେମାନଙ୍କୁ କ୍ଷତି ପୂରଣ ପ୍ରଦାନ ଓ କାର୍ଯ୍ୟାନୁଷ୍ଠାନ ସହିତ ନିର୍ଦ୍ଧାରିତ ସରକାରୀ ଜଳ ନିଷ୍କାସନ ନାଳୀରେ ଏହି ବଡ଼ ପୋଖରୀ ଜଳ ନିଷ୍କାସନ କରିବା ନିମନ୍ତେ ସାଂସଦ, ପୁରୀ, ବିଧାୟକ, ସତ୍ୟବାଦୀ, ଜିଲ୍ଲାପାଳ, ପୁରୀ, ଉପ ଜିଲ୍ଲାପାଳ, ପୁରୀ, ତହସିଲଦାର ସତ୍ୟବାଦୀ, ରାଜସ୍ୱ ନିରୀକ୍ଷକ, ସତ୍ୟବାଦୀ ଓ ନୀଳାଚଳ କୃଷକ ମହାସଂଘ, ସଭାପତି, ଓଡିଶାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ପିପିଲିରେ ପୁଣି ଆଉ ଏକ ଲଜ୍ୟା

# ମାନସିକ ବିକାରଗ୍ରସ୍ତ ଝିଅକୁ ଦୁଷ୍କର୍ମ

ପିପିଲି,(ସବ୍ୟୁ) :ପୁରୀ ଜିଲ୍ଲା ପିପିଲି ଥାନା ଅଧିନରେ ଦୁଷ୍କର୍ମ ଘଟଣା ଏବେ ଗୋଟେ ପରେ ଗୋଟେ ବଢିବାରେ ଲାଗିଛି।ଏଥି ମଧ୍ୟରେ ଥାନାରେ ୧୦ଟି ଦୁଷ୍କର୍ମ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।ପୁଣି ଏକ ଘଟଣା ପିପିଲି ଥାନା ଅନ୍ତର୍ଗତ ସାତଶଂଖ ଫାଣ୍ଡି ଅଧିନରେ ଜଣେ ମାନସିକ ବିକାରଗ୍ରସ୍ତ ଝିଅ ପ୍ରତି ହୋଇଥିବା ଦୁଷ୍କର୍ମ ଘଟଣା ପିପିଲିରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।ଅଭିଯୁକ୍ତ କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ପିପିଲିରେ ଏଭଳି ଘଟଣା ଦ୍ରୁତଗତିରେ ବଢି ଚାଲିଥିବା ବେଳେ ଏହାକୁ କିପରିରୋକା ଯାଇ ପାରିବ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଘଟଣା ପାଇଁ ପୋଲିସ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ଦେଖିବାକୁ ମିଳିଛି। ପିପିଲି ଥାନା ସାତଶଂଖ ଫାଣ୍ଡି ଅନ୍ତର୍ଗତ ମାନସିକ ବିକାରଗ୍ରସ୍ତ ଝିଅ ପ୍ରତି ଦୁଷ୍କର୍ମ ହୋଇଥିବା ନେଇ ପରିବାର ପକ୍ଷରୁ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ମାନସିକ ବିକାରଗ୍ରସ୍ତ ଝିଅକୁ ଜୋରଜବରଦସ୍ତ ଦୁଷ୍କର୍ମ କରିବା ସହ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିଥିଲା। ଅଭିଯୋଗକାରୀଙ୍କ ପୁଅ ଏସବୁ ଦେଖି ବଡପାଟିରେ ଡାକ ପକାଇବାରୁ ଘରପାଖ ଲୋକମାନଙ୍କ ସହିତ ସେ ଘରକୁ ଯାଇଥିଲେ।ତେବେ ଅଭିଯୁକ୍ତକୁ କାବୁ କରି ଧରିବାକୁ ଗ୍ରାମର କେତେକ ଲୋକମାନେ ଚେଷ୍ଟା କରିଥିଲେ ସୁଧା ସେ ଧକ୍କାମାରୀ ଘଟଣାସ୍ଥଳରୁ ଖସିପଳାଇବାରେ ସକ୍ଷମ ହୋଇଥିବା ଅଭିଯୋଗ ହୋଇଛି।ଏସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିବାକୁ ଧମକ ମଧ୍ୟ ଦେଇଥିଲେ। ଅଭିଯୋଗ କୁ ଭିତିକରି ପିପିଲି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି।ଗିରଫ ଅଭିଯୁକ୍ତ ନାମ ସୂର୍ଯ୍ୟକାନ୍ତ ସ୍ୱାଇଁ (୩୨) ହୋଇଥିବା ବେଳେ ତାକୁ କୋର୍ଟ ଚାଲଣ କରାଯାଇଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଲୁଟେରାଙ୍କ ଟେର ପାଉନି ପୋଲିସ

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା- ନୟାଗଡ ରାସ୍ତାର ଝିଲିପଡା ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ୨ଜଣ ଲୁଟେରା ପିଛାକରି ଖଣ୍ଡପଡା ଅଭିମୁଖେ ଯାତ୍ରା କରୁଥିବା ନଟବରପୁରଶାସନ ଗ୍ରାମର ନିରଂଜନ ମିଶ୍ରଙ୍କ ପତ୍ନୀ ପ୍ରଭାତୀଙ୍କ ହାତରୁ ଏକ ଭ୍ୟାନିଟ ବ୍ୟାଗ ଛଡାଇ ନେଇ ଦୃତ ଗତିରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏ ସଂପର୍କରେ ପ୍ରଭାତୀ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ହେଁ ୨ ଦିନ ପରେ ବି ପୋଲିସ ଲୁଟେରାଙ୍କ ସଂପର୍କରେ କୌଣସି ଟେର ପାଇ ପାରିନଥିବା ଜଣାପଡିଛି । ପୋଲିସ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସି ଟିଭି ଫୁଟେଜକୁ ଯାଞ୍ଚ କରିଥିଲେ ହେଁ ଲୁଟେରାଙ୍କୁ କାବୁକରି ଧରିବାରେ ସଫଳ ହୋଇନାହିଁ । ଲୁଟେରାମାନଙ୍କୁ ଧରପଗଡ ନିମନ୍ତେ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରଖିଥିବା ନେଇ ଖଣ୍ଡପଡା ପୋଲିସ ସୂଚନା ଦେଇଥିବା ବେଳେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଘଟଣାରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଶ୍ରୀବୃନ୍ଦାବନାଥ ହାଇସ୍କୁଲ ଦିବଙ୍ଗତ ଗୁରୁଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା



ବାଲିପାଟଣା , (ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଶ୍ରୀବୃନ୍ଦାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ (ହାଇସ୍କୁଲ) ପରିସରେ ସ୍ୱର୍ଗାରୋହଣ ବା ଦିବଙ୍ଗତ ହୋଇଥିବା ଗୁରୁମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଦ୍ୱାରା ଆୟୋଜିତ ଏହି ସ୍ମୃତିସଭାରେ ପ୍ରଧାନଶିକ୍ଷକ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ବିଜୟ କୁମାର ବେହେରା, କାଶୀନାଥ ସାହୁ, ବିଜୟ କେତନ ବ୍ରହ୍ମା, ଅଭିତାଭ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିକ୍ଷାବିତ ନାରାୟଣ ବେହେରା,ଜୟନ୍ତ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ଅକ୍ଷୟ କୁମାର ସାହୁ ,ପ୍ରସନ୍ନ କୁମାର ସେନାପତି, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଗୁରୁମାନଙ୍କୁ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦିବଙ୍ଗତ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସତ୍ୟବାଦୀ ଓତାଙ୍କ ସହ ଶିକ୍ଷକ ଭଗବାନ ଦାଶ, ସୀତାରାମ ଦାଶ, ସୁଦର୍ଶନ ମହାନ୍ତି, ରଘୁନାଥ ଓତା, ରଘୁନାଥ ପଟ୍ଟନାୟକ, ଜଳ୍ପନା ସାମଲ, ଫକୀର ମୋହନ ସାହୁ, ବୈରାଗୀ ଚରଣ ସାହୁ, ବାମନ ଚରଣ ମିଶ୍ର, ଜଗବନ୍ଧୁ ଦାଶ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଭୋଳାନାଥ ବସ୍ତିଆ, ବଳଦେବ ମିଶ୍ର ପ୍ରମୁଖ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ)ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

## ବାଲିପାଟଣା ବ୍ଲକରେ ଖୋଲିଲା ପ୍ରଥମ ମୁଗମଣ୍ଡି



ବାଲିପାଟଣା ,(ସବ୍ୟୁ) :ମଙ୍ଗଳବାର ପୂର୍ବାହ୍ନରେ ଗାରେଡିପାଞ୍ଚଣ ପ୍ରାଥମିକ ସେବା ସମବାୟ ସମିତିରେ ଚଳିତ ବର୍ଷ ପାଇଁ ବ୍ଲକର ପ୍ରଥମ ମୁଗମଣ୍ଡି ଖୋଲିଛି। ବାଲିପାଟଣା ତହସିଲଦାର କଳ୍ପନା ଦାସ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ମୁଗ ମଣ୍ଡିକୁ ଶୁଭ ଉଦଘାଟନ କରିଥିଲେ।ଏଫ ଏକ୍ୟୁ ମାନର ମୁଗ କୁଇଣ୍ଟାଲ ପିଛା ୮ ହଜାର ୬୮୨ଟଙ୍କା ସରକାରୀ ମୂଲ୍ୟ ଧାର୍ଯ୍ୟ କରାଯାଇଛି।ପ୍ରଥମ ପର୍ଯ୍ୟାୟର ପ୍ରଥମ ଦିନରେ ଚାରି ଜଣ ଚାଷୀଙ୍କ ଠାରୁ ୪୮ କ୍ୱିଣ୍ଟାଲ ୫୦ କେଜି ମୁଗ କିଣା ଯାଇଛି। ଜୁଲାଇ ୩୦ତାରିଖ ପର୍ଯ୍ୟନ୍ତ ମଣ୍ଡି ଖୋଲା ରହିବ ବୋଲି ଏ.ଆର.ସି.ଏସ ଲଳିତ ମୋହନ ବିଶ୍ୱାଳଙ୍କ ସୂତ୍ରରୁ ଜଣାପଡିଛି।ବ୍ଲକର ଯେକୌଣସି ପଞ୍ଚାୟତର ଚାଷୀ ଏହି ମଣ୍ଡିରେ ନାମ ପଞ୍ଜିକରଣ କରି ମଣ୍ଡିରେ ଉନ୍ନତ ମାନର ମୁଗ ବିକ୍ରି କରିପାରିବେ। ମୁନାଫା ବ୍ୟବସାୟିଙ୍କ ଶିକାର ନହେବାକୁ ସରକାର ସଚେତନ କରିଛନ୍ତି।

ପ୍ରଥମେ ଦଣ୍ଡି ଓ ମଣ୍ଡି ପୂଜନ କରାଯାଇ ମୁଗ କିଣା ଯାଇଥିଲା।ଏହି ଉଦଘାଟନ କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ଅଭିମନ୍ୟୁ ନାୟକ,ଏଆରସିଏସ ଲଳିତ କୁମାର ବିଶ୍ୱାଳ, ଏସ ଏ ର ସି ଏସ ପ୍ରକାଶ କୁମାର ସେଠୀ, ସମବାୟ ସମ୍ପ୍ରସାରଣ ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନ, ବ୍ଲକ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ, ଏ ଏ ଓ ରୋହନ ପଣ୍ଡା ଓ ଗାରେଡିପାଞ୍ଚଣ ପ୍ୟାକ୍ସ ସମ୍ପାଦକ ସୁଶୀଲ କୁମାର ପଣ୍ଡା, ବୋର୍ଡ ମେମ୍ବର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପଞ୍ଚବଟୀ ବଜାରଠାରେ ଆଧ୍ୟାତ୍ମିକ ସଭା



ଫୁଲନଖରା:ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ସ୍ଥିତ ପଞ୍ଚବଟୀ ବଜାର ନିକଟ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୦୨୫ ର ୨୮ ତମ ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ୧୮ ତାରିଖ ଠାରୁ ଆରମ୍ଭ ହୋଇ ୨୬ ତାରିଖ ସୋମବାର ପବିତ୍ର ସାବିତ୍ରୀ ଅମାବାସ୍ୟା ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ନବ ଦିନ ବ୍ୟାପୀ ଦୈନନ୍ଦିନ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବାଳକୃଷ୍ଣ ବେହେରା ଓ ନିଳୀମା ବେହେରା କର୍ତ୍ତାକର୍ତ୍ତୀଭାବେ କାର୍ଯ୍ୟରେ ବସିଥିବା ଦେଖିବାକୁ ମିଳିଥିଲା ।ପୂର୍ଣ୍ଣ ଆହୁତି ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକ ଓ ସମାଜସେବୀ ଉମାକାନ୍ତ ନନ୍ଦ ମୁଖ୍ୟ ଅତିଥି,ପ୍ରବକ୍ତା ମହାସଂଘର ରାଜ୍ୟ ସମ୍ପାଦକ ପ୍ରମୋଦ ପଣ୍ଡା ମୁଖ୍ୟ ବକ୍ତା ସମ୍ମାନିତ ଅତିଥି ଭାବେ କଟକ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ଓମ୍ ପ୍ରକାଶ ମହାନ୍ତି ,ପ୍ରବଚକ ପଣ୍ଡିତ ରବି ନାରାୟଣ ପଣ୍ଡା,ପାଲା ଗାୟକ ଯୁଧିଷ୍ଠିର ପରିଜା,ମୂରଲୀଧର ପଣ୍ଡା,ବ୍ୟାସ ପଣ୍ଡିତ ହରିଚରଣ ଦାସ,ବଂଶୀଧର ଭୋଳ ଯୋଗ ଦେଇ ପ୍ରଭୁ ଶ୍ରୀରାମ ଚରିତ ଉପରେ ବକ୍ତବ୍ୟ ରଖିଥିଲେ । ଦୀର୍ଘ ୨୮ ବର୍ଷ ଧରି ଏହି କାର୍ଯ୍ୟକ୍ରମକୁ ବାଳକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ କରାଯାଉଛି ବୋଲି ଭୂୟସି ପ୍ରଶଂସା କରିଥିଲେ । ସମସ୍ତ ଅତିଥି ଓ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ପୁଷ୍ପମାଲ୍ୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ସାମ୍ବାଦିକ ସନାତନ ପରିଜା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ବେହେରା,ପ୍ରମିଳା ବେହେରା,ଭିକାରୀ ସାହୁ,ଲକ୍ଷ୍ମୀଧର ପାତ୍ର,ଅଜୟ କୁମାର ପରିଡ଼ା,ନନ୍ଦିତା ପରିଡ଼ା, ଡ.ଦିଲ୍ଲୀପ କୁମାର ଦାସ,ନମିତା ଦାସ,ଅର୍ଜୁନ ବେହେରା ଓ ଅନିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ମେ' ୨୮ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ

# ଋତୁସ୍ରାବ ପରିଚ୍ଛନ୍ନତା ସଚେତନତା ଅଭିଯାନ : 'ଚାଲ ପିରିୟଡ୍ସ ବିଷୟରେ କଥା ହେବା'

ଭୁବନେଶ୍ୱର, (ସବ୍ୟୁ): ମାସିକ ଋତୁସ୍ରାବ ବା ପିରିୟଡ୍ସ ଜଣେ କିଶୋରୀ ଓ ନାରୀ ଜୀବନର ଏକ ପ୍ରାକୃତିକ ତଥା ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଏହାକୁ ନେଇ ଏବେ ବି ମହିଳାଙ୍କ ଭିତରେ ଲାଜ ଓ ସଙ୍କୋଚ ରହିଛି । ଏପରିକି ଅନେକ କ୍ଷେତ୍ରରେ ସେମାନେ ନିଜ ଘରେ ବିଭିନ୍ନ ବାସନ୍ଦର ଶିକାର ହେବା ସହ ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ତେଣୁ, ଏ ବିଷୟରେ ଡିଜିଟାଲ ମିଡିଆ ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କରାଯାଉଛି ବିଶେଷ ଅଭିଯାନ - 'ଚାଲ ପିରିୟଡ୍ସ ବିଷୟରେ କଥା ହେବା' । ପ୍ରତିବର୍ଷ ମେ' ୨୮ ତାରିଖକୁ 'ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ' ଭାବେ ପାଳନ କରାଯାଉଛି । ଏହାର ଥିମ୍ ରହିଛି 'ଟୁଗେଦର ଫର ଏ ପିରିୟଡ୍ ଫ୍ରେଣ୍ଡଲି ୱାର୍ଲ୍ଡ' । ଏହି ଅବସରରେ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ୍ ଏବଂ ଓଡ଼ିଶାଲାଇଭ୍ ପକ୍ଷରୁ ଲଗାତର ତୃତୀୟ ବର୍ଷ ପାଇଁ 'ଚାଲ ପିରିୟଡ୍ସ ବିଷୟରେ କଥା ହେବା' ଶୀର୍ଷକରେ ଏକ ମିଳିତ କ୍ୟାମ୍ପେନ କରାଯାଉଛି । ମେ' ୨୦ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୯ ତାରିଖ ଯାଏଁ ଚାଲିବ ।ଅଭିଯାନ ଅଧୀନରେ ଋତୁସ୍ରାବ ଭଳି ଏକ ସମ୍ବେଦନଶୀଳ ବିଷୟରେ ବିଭିନ୍ନ ଡାକ୍ତରଙ୍କ ସାକ୍ଷାତକାରକୁ ଆଧାରକରି ଭିଡିଓ ସିରିଜ ସୋସିଆଲ ମିଡିଆ ମାଧ୍ୟମରେ ପ୍ରସାରଣ କରାଯାଉଛି । ଏହାସହିତ ତୁସ୍ରାବକୁ ନେଇ ପ୍ରମୁଖ ସାମାଜିକ କର୍ମୀ, ସେଲିବ୍ରିଟି ତଥା ଯୁବପିର ଅନୁଭୂତି ଓ ଅଭିମତକୁ ଗୁରୁତ୍ୱ ଦିଆଯାଉଛି । ବିଶେଷକରି, ପ୍ରଥମ ଋତୁସ୍ରାବରୁ (ମେନାର୍କି) ଶେଷ ଋତୁସ୍ରାବ (ମେନୋପଜ୍) ପର୍ଯ୍ୟନ୍ତ ଜଣେ ମହିଳାଙ୍କ ଜୀବନର ବିଭିନ୍ନ ଅବସ୍ଥା ସମ୍ପର୍କରେ ଏହି ଅଭିଯାନରେ ସଚେତନତାର ବାର୍ତ୍ତା ଦିଆଯାଉଛି ।ଅଭିଯାନରେ ପ୍ରସାରିତ ବିଭିନ୍ନ ବିଷୟ ମଧ୍ୟରେ ରହିଛି ଋତୁସ୍ରାବ କ'ଣ ଓ କାହିଁକି, ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା, ଋତୁସ୍ରାବଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ତା'ର ଉପଚାର ସହିତ ବିଭିନ୍ନ ଅନ୍ଧବିଶ୍ୱାସର ମୁକାବିଲା । ସେହିପରି ସାନିଟାରି ପ୍ୟାଡଠାରୁ ଆରମ୍ଭକରି ପରିବେଶ ଉପଯୋଗୀ ପିରିୟଡ୍ କପ୍ ଏବଂ ଟାମ୍ପୁନ୍ ଭଳି ଆଧୁନିକ ପିରିୟଡ୍ ପ୍ରଡକ୍ଟ ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଉଛି । ଏଭଳି ଏକ ଜନସ୍ୱାସ୍ଥ୍ୟ ବିଷୟକୁ ନେଇ ଡିଜିଟାଲ ମିଡିଆ ମାଧ୍ୟମରେ ଆଇଏଫଆଇ ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି, କହିଛନ୍ତି କ୍ୟାମ୍ପେନର ନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟପ୍ଲସ୍ ନେଟୱର୍କର ସିଇଓ ସିଦ୍ଧାର୍ଥ ରଥ । ଆଇଏଫଆଇ ଫାଉଣ୍ଡେସନ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସକୁ ପରିଚାଳନା କରୁଥିବା ଅନ୍ତର୍ଜାତୀୟ ସଙ୍ଗଠନର ଅଫିସିଆଲ ପାର୍ଟନର ଭାବେ ଯୋଡ଼ି ହୋଇଛି । ବରିଷ୍ଠ ସାମ୍ବାଦିକ ତଥା କମ୍ୟୁନିକେସନ ସ୍ପେଶାଲିଷ୍ଟ ନୀଳାମ୍ବର ରଥ 'ଚାଲ ପିରିୟଡ୍ସ ବିଷୟରେ କଥା ହେବା' ଅଭିଯାନର ଅଧ୍ୟକ୍ଷ ଅଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୦୧)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।**
**ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ।।୧।।**

ଶ୍ରୀ ଭଗବାନ କହିଲେ–ହେ ଭାରତ ! ଅଭୟ, ଚିତ୍ତଶୁଦ୍ଧି, ଜ୍ଞାନଯୋଗରେ ଏକନିଷ୍ଠା, ଦାନ, ଦମ (ବାହ୍ୟେନ୍ଦ୍ରିୟସଂଯମ) ଯଜ୍ଞ, ସ୍ୱାଧ୍ୟାୟ (ବ୍ରହ୍ମଯଜ୍ଞାଦି), ତପ (ଜପଯଜ୍ଞ), ଆର୍ଜବ (ସରଳତା) ଅହିଂସା, ସତ୍ୟ, କ୍ରୋଧହୀନତା, ତ୍ୟାଗ, ଶାନ୍ତି, ଅପୈଶୁନ୍ୟ (ପରନିନ୍ଦାତ୍ୟାଗ), ଜୀବଗଣରେ ଦୟା, ଲୋଭହୀନତା, ମୃଦୁତା, ଅକାର୍ଯ୍ୟରେ ଲଜ୍ଜା, ଅଚାଞ୍ଚଲ୍ୟ, ତେଜ, କ୍ଷମା, ଧୈର୍ଯ୍ୟ, ବାହ୍ୟ ଓ ଆଭ୍ୟନ୍ତରିକ ଶୁଚି, ଦ୍ରୋହଶୂନ୍ୟତା, ନିରଭିମାନିତ୍ୱ, ଏହି ୨୬ଟି ଗୁଣ ଦୈବୀ ସମ୍ପଦ୍ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିଙ୍କର ହୋଇଥାଏ । ।।୧।।

# ମୋଦିଜୀଙ୍କ ପ୍ରଧାନମନ୍ତ୍ରୀତ୍ୱର ଏଗାର ବର୍ଷ ପୂର୍ତ୍ତି

## ସମ୍ପାଦକୀୟ

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର ଏଗାର ବର୍ଷ ପୂର୍ତ୍ତି ଗତ ୨୬ ମେ (୨୦୨୫)ରେ ହୋଇଯାଇଛି । ବିଗତ ଏଗାର ବର୍ଷ ମଧ୍ୟରେ ମୋଦିଜୀ ବିଭିନ୍ନ କ୍ଷେତ୍ରରେ ତାଙ୍କର ବିଚକ୍ଷଣତା ପ୍ରତିପାଦନ କରିଛନ୍ତି । ସବୁଠାରୁ ବଡ଼ କଥା ହେଲା ଯେ ଏଗାର ବର୍ଷ ତଳେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସମୟରେ ବିଭିନ୍ନ ରାଷ୍ଟ୍ରର ମୁଖ୍ୟ, ଏପରିକି ପାକିସ୍ତାନର ପ୍ରଧାନମନ୍ତ୍ରୀ ଓ ଅନ୍ୟ ପଡ଼ୋଶୀ ରାଷ୍ଟ୍ରର ମୁଖ୍ୟମାନଙ୍କ ସମେତ ଭାରତରେ ତ୍ୟାଗପୂତ ଜୀବନଯାପନ କରି ଆସୁଥିବା ସାଧୁସନ୍ଥମାନଙ୍କୁ ମଧ୍ୟ ସେହି ଉତ୍ସବକୁ ନିମନ୍ତ୍ରଣ କରିଥିଲେ । ଶପଥ ନେବା ପରେ ସେ ବିରୋଧୀ କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଓ ବିଦାୟୀ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରି ସେମାନଙ୍କ ଶୁଭେଚ୍ଛା ଓ ସହଯୋଗ କାମନା କରିଥିଲେ । ତାଙ୍କ ପୂର୍ବରୁ ଭାରତର କୌଣସି ପ୍ରଧାନମନ୍ତ୍ରୀ ଏପରି ନୀତିର ଅନୁସରଣ ହୁଏତ କରି ନ ଥିଲେ । ଆହୁରି ମଧ୍ୟ ବିଜେପି ଦଳକୁ ସଂସଦରେ ମଜଭୁତ କରି ସେହି ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ହୋଇଥିବା ଅଟଳ ବିହାରୀ ବାଜପେୟୀ, ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଓ ବିଜେପିର ବରିଷ୍ଠ ନେତା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀଙ୍କୁ ଭେଟି ମୋଦିଜୀ ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ ।

ଏ କଥା ସତ ଯେ କଂଗ୍ରେସ ଦଳ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଭାରତରେ ଶାସନ କରିବା ପରେ ପରିବର୍ତ୍ତନ ସଂଘଟିତ ହୋଇଥିଲା । ପ୍ରଥମ ଅଣ-କଂଗ୍ରେସ ସରକାରର ପ୍ରଧାନମନ୍ତ୍ରୀ ଭାବେ ମୋରାରଜୀ ଦେଶାଇ ମାତ୍ର ଦୁଇ ବର୍ଷ ପାଇଁ ୧୯୭୭ରୁ ୧୯୭୯ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ । ତାଙ୍କ ପରେ ଅଣ କଂଗ୍ରେସ ସରକାରରେ ଚରଣ ସିଂ, ଚନ୍ଦ୍ରଶେଖର, ବିଶ୍ୱନାଥ ପ୍ରତାପ ସିଂ ଓ ଆଇ. କେ. ଗୁଜରାଲ ପ୍ରଭୃତି ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ ହେଁ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଭାରତୀୟ ଜନତା ପାର୍ଟିକୁ ତଥା ଏହାର ଭାଗୀଦର ରାଜନୀତିକ ଦଳମାନଙ୍କୁ ଦୀର୍ଘ ଦିନ ଧରି ଭାରତରେ ଶାସନ କରି ଆସୁଥିବା କଂଗ୍ରେସ ଦଳକୁ ଆଉ କ୍ଷମତାରେ ରହିବାର ସୁଯୋଗ ଦେଇ ନଥିଲା । ଫଳରେ ବିରୋଧୀ ମେଣ୍ଟର ସରକାର କ୍ଷମତାସୀନ ହେବାର ପଥ ପରିଷ୍କାର ହୋଇ ଯାଇଥିଲା । ଶେଷରେ ବାଜପେୟୀଙ୍କ ନୀତି ଓ ଆଦର୍ଶକୁ ଅନୁସରଣ କରି ନିଜସ୍ୱ ଢଙ୍ଗରେ ଭାରତକୁ ଆତ୍ମନିର୍ଭରଶୀଳ କରି ସମଗ୍ର ବିଶ୍ୱରେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା ଲାଗି ନରେନ୍ଦ୍ର ମୋଦିଙ୍କ ପଣ ହିଁ ତାଙ୍କୁ ସଫଳତା ଆଣି ଦେଇଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

୧୯୯୯ ଲୋକସଭା ନିର୍ବାଚନ ସମୟରେ ବାଜପେୟୀଙ୍କ ନେତୃତ୍ୱରେ ଯେଉଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଗଠିତ ହୋଇଥିଲା, ତାହାର ନିର୍ବାଚନ ଇସ୍ତାହାରରେ ଉଲ୍ଲେଖ କରାଯାଇଥିଲା–'ବିଂଶ ଶତାବ୍ଦୀର ଏହି ଶେଷ ନିର୍ବାଚନ ଭବିଷ୍ୟତ ଭାରତର ଭାଗ୍ୟ ନିର୍ଦ୍ଧାରଣ କରିବ । ଭାରତକୁ ପ୍ରଗତିର ଏକବିଂଶ ଶତାବ୍ଦୀରେ ପହଞ୍ଚାଇବା ପାଇଁ ଏପରି ଜଣେ ଯୋଗ୍ୟ ଓ ଦକ୍ଷ ନେତାର ଆବଶ୍ୟକତା ରହିଛି ଯେ ତା'ର ସାଧାରଣ ଜୀବନରେ ସାଧୁତା, ସଚ୍ଚୋଟତା ଓ ଦକ୍ଷତା ପ୍ରତିପାଦିତ କରିଥିବ । ଅଟଳ ବିହାରୀ ବାଜପେୟୀ ହିଁ ଯଥାର୍ଥରେ ଏପରି ନେତୃତ୍ୱର ଅଧିକାରୀ ଅଟନ୍ତି ଯେ ଦେଶର ରାଜନୀତିକ ଓ ଆର୍ଥନୀତିକ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବେ ବୋଲି ଜନସାଧାରଣଙ୍କର ଦୃଢ଼ ବିଶ୍ୱାସ ରହିଛି । ...' ବାଜପେୟୀ ମାତ୍ର ଚାରିବର୍ଷ କାଳ ୧୯୯୯ର ମହାବାତ୍ୟା ସମୟରେ ପ୍ରଧାନମନ୍ତ୍ରୀ ରହି ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ । ଦଳୀୟ କାରଣରୁ ଗୋଟିଏ ବର୍ଷ ପୂର୍ବରୁ ୨୦୦୪ରେ ସାଧାରଣ ନିର୍ବାଚନ ହେଲା । ମାତ୍ର ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଶାସନର ଅବସାନ ଘଟିଲା । ସେନିଆ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ୧୦ ବର୍ଷ ପାଇଁ କ୍ଷମତାସୀନ ହେଲା । ଏହା ପରେ କଂଗ୍ରେସ କ୍ଷମତାସୀନ ହୋଇପାରିଲା ନାହିଁ ଏବଂ ୨୦୧୪ରେ ନରେନ୍ଦ୍ର ମୋଦି ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ନେତୃତ୍ୱ ନେଇ ବାଜପେୟୀଙ୍କ ପ୍ରକୃତ ଉତ୍ତରାଧିକାରୀ ହୋଇ ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ୨୬ ମେ ୨୦୧୪ରେ । ଏହା ପୂର୍ବରୁ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ରହି ସୁନାମ ଅର୍ଜନ କରିଥିଲେ । ତା' ପୂର୍ବରୁ ୧୯୭୧ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସେ ପୂର୍ଣ୍ଣକାଳୀନ ପ୍ରଚାରକ ଥିଲେ । ଏବେ ସେ କେବଳ ଭାରତର ଜଣେ ଟାଣୁଆ ପ୍ରଧାନମନ୍ତ୍ରୀ ଭାବେ ଲୋକପ୍ରିୟତା ଅର୍ଜନ କରି ସାରା ବିଶ୍ୱରେ ଭାରତକୁ ରାଜନୀତିକ ଓ ଆର୍ଥନୀତିକ କ୍ଷେତ୍ରରେ ଉନ୍ନତ କରିବା ଲାଗି ସଂକଳ୍ପବଦ୍ଧ । ତାଙ୍କୁ ଆମେ ସ୍ୱାଗତ କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିପର୍ଯ୍ୟୟ ମୁହାଁ କୃଷି



**ସତ୍ୟ ସୁନ୍ଦର ଭଞ୍ଜ**

ଭାରତ ହେଉଛି ଏକ କୃଷିଭିତ୍ତିକ ଓ ଗ୍ରାମ ବହୁଳ ରାଷ୍ଟ୍ର । ସମୁଦାୟ ଜନସଂଖ୍ୟାର ୮୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକ ଲୋକଙ୍କ ଉପାର୍ଜନର ମାଧ୍ୟମ ହେଉଛି କୃଷି, ଅର୍ଥାତ୍ କୃଷିକୁ ନିର୍ଭର କରି ପେଟ ପୋଷୁଥିବା କୃଷକ ଓ ଶ୍ରମିକ ଶ୍ରେଣୀର । ସେମାନଙ୍କ ମଧ୍ୟରୁ ଯେଉଁମାନେ ଆଦିବାସୀ ଓ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଅଞ୍ଚଳରେ ବସବାସ କରୁଛନ୍ତି ସେମାନେ ନିଜ ନିଜ ପରମ୍ପରାକୁ ପାଥେୟ କରି ନିର୍ବାହ କରିଥାନ୍ତି ଜୀବନ ଜୀବିକା । ବିଶେଷ କରି ପାରମ୍ପରିକ ଜଳାଶୟ, ନଦୀ,ଝରଣା, ପୋଖରୀ, ବନ୍ଧ ଆଦି ସେମାନଙ୍କ କୃଷି କର୍ମ ଓ ସାମାଜିକ ଜୀବନକୁ ସହାୟତା ଦେଇଥାଏ । କିନ୍ତୁ ବ୍ୟାପକ ମାତ୍ରାରେ ଜଳବାୟୁ ପରିବର୍ତ୍ତନ ଫଳରେ ଅନିୟମିତ ବର୍ଷା, ରୌଦ୍ରତାପ ଯୋଗୁଁ ପାରମ୍ପରିକ କୃଷି କାର୍ଯ୍ୟ ଅନେକ ମାତ୍ରାରେ ପ୍ରଭାବିତ । ଅନ୍ୟପକ୍ଷରେ ପାରମ୍ପରିକ ଜଳାଶୟଗୁଡ଼ିକର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବ ରହିଯାଉଛି । କୃଷି କ୍ଷେତ୍ରକୁ ପାଣି ଯୋଗାଇ ଦିଆଯାଇ ପାରୁନାହିଁ । ଭୂତଳ ଜଳସ୍ତର ମଧ୍ୟ ନିମ୍ନଗାମୀ ହେଉଛି । ବିଭିନ୍ନ କାରଣରୁ ଜଙ୍ଗଲ ଓ ନଦୀ ନାଳର ଉପର ମୁଣ୍ଡରେ ଜଳର ଉତ୍ସଗୁଡ଼ିକ ବନ୍ଦ ହୋଇଯାଉଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ କୃଷି ଛାଡ଼ି ବିକଳ୍ପ ବ୍ୟବସ୍ଥା ବାଛୁଛନ୍ତି । ଏପରିକି କୃଷି ଶ୍ରମିକମାନେ କର୍ମସଂସ୍ଥାନ ନପାଇ ଦେଶାନ୍ତର ହେଉଥିବାର ରହିଛି ଅନେକ ଉଦାହରଣ । ବିଶେଷକରି ପ୍ରାକୃତିକ ଜଙ୍ଗଲ କ୍ଷୟ, ବ୍ୟାପକ ସହରୀକରଣ, ଶିଳ୍ପାୟନ ଓ ତତ୍‌ଜନିତ ପ୍ରଦୂଷଣ ଯୋଗୁଁ କୃଷି, ଜୀବନ ଜୀବିକା, ବନ୍ୟଜନ୍ତୁ, ସରୀସୃପଙ୍କ ଜୀବନ ବିପଦରେ ।

ବିଭିନ୍ନ ତଥ୍ୟରୁ ଜଣାପଡ଼ିଛି ଯେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳରେ ଭୂତଳ ଜଳସ୍ତର ବହୁ ମାତ୍ରାରେ ନିମ୍ନଗାମୀ । ଭୂତଳ ଜଳସ୍ତର ହ୍ରାସ ପାଇବବା ଫଳରେ ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି । ଭୂତଳ ଜଳସ୍ତର ଧୀରେ ଧୀରେ କମିବାକୁ ଲାଗିଥିବାବେଳେ ପରିବେଶ ସନ୍ତୁଳନ ମଧ୍ୟ ବିଗିଡି ଯାଉଛି, ଯାହାର ପ୍ରଭାବରେ ଅଦିନିଆ ବର୍ଷା, ଝଡ ବତାସ ତଥା କରକାପାତ ଅନେକ ସମୟରେ ହେଉଛି । ବଲାଙ୍ଗୀର ଭଳି ଶୁଷ୍କ ଜିଲ୍ଲାରେ ଗତ ୬ ବର୍ଷରେ ବିଭିନ୍ନ କାରଣରୁ ପ୍ରାୟ ୧୫ ହଜାର ଗଛ କଟାଯାଇଛି । ବିଶେଷ କରି ଲୋୟର ସୁକତେଲ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବହୁ ପରିବେଶ ଉପଯୋଗୀ ଗଛ ବିନା କାରଣରେ କଟାଯାଇଛି ।

ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ସରକାରୀ ସଂସ୍ଥା ପକ୍ଷରୁ ଗଛ କାଟିବା ଏକ ନିୟମିତ ଅଭ୍ୟାସରେ ପରିଣତ ହୋଇଛି । ଜଙ୍ଗଲ ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ଗତ ୫ ବର୍ଷରେ କେବଳ ରାସ୍ତା ପ୍ରଶସ୍ତିକରଣ ନାମରେ ୧୫ ହଜାରରୁ ଊର୍ଦ୍ଧ୍ୱ ଗଛକୁ କାଟି ଦିଆଯାଇଛି। ପଶ୍ଚିମ ଓଡିଶାର ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ସୋନପୁର,ବୌଦ୍ଧ ଆଦି ଜିଲ୍ଲାରେ ତାପମାତ୍ରା ବୃଦ୍ଧି ଯୋଗୁଁ କୃଷି କ୍ଷେତ୍ର ପ୍ରଭାବିତ । ଏହା ଉତ୍ତପ୍ତ ସହର ଭାବରେ ପରିଗଣିତ ହେବାରେ ଲାଗିଛି । ଆଗାମୀ ଦିନରେ ଏହି ଶସ୍ୟ ଶ୍ୟାମଳା ଅଞ୍ଚଳରୁ ହିଁ ଆରମ୍ଭ ହେବ କୃଷି ବିପର୍ଯ୍ୟୟ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଉଛି ।

ପଶ୍ଚିମ ଓଡ଼ିଶା ଉଷ୍ମ, ଶୁଷ୍କ ଓ ଗ୍ରୀଷ୍ମ ମଣ୍ଡଳୀୟ ଜଳବାୟୁ ଦ୍ୱାରା ପରିବେଷ୍ଟିତ ହୋଇଥିବାରୁ ସମ୍ପୂର୍ଣ୍ଣ ୬ ଋତୁ ଏଠାରେ ଅନୁଭୂତ ହୋଇଥାଏ । ଘନ ଜଙ୍ଗଲ ତଥା ବୃକ୍ଷରାଜିରେ ପଶ୍ଚିମାଞ୍ଚଳର ଅନେକ ଜିଲ୍ଲାକୁ ଆଚ୍ଛାଦିତ ରହିଥିବାରୁ ତାପମାତ୍ରା ନିୟନ୍ତ୍ରିତ ସହିତ ବିଗତ କିଛି ବର୍ଷ ପୂର୍ବେ ଭୂତଳ ଜଳସ୍ତର ମାତ୍ର ୧ ମିଟରରୁ ତଳକୁ ଥିଲା । ତେବେ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ପାଇବା ସହ ସେ ଅନୁସାରେ ଭୂତଳ ଜଳସ୍ତର ମଧ୍ୟ କମିବାରେ ଲାଗିଛି । ଦ୍ରୁତ ଜଙ୍ଗଲକ୍ଷୟ ତଥା ରାସ୍ତା ପ୍ରଶସ୍ତିକରଣ ନାଁରେ ଗଛ କଟା ଚାଲିଥିବା ବେଳେ ପରିବେଶ ସନ୍ତୁଳନ ବିଗିଡିବାକୁ ଲାଗିଛି । ସୂଚନାଯୋଗ୍ୟ ଯେ, ବିଗତ ଦିନରେ ବରଗଡ଼-ସମ୍ବଲପୁର ଜାତୀୟ ରାଜପଥ ପ୍ରଶସ୍ତିକରଣରେ କେବଳ ବରଗଡ଼ ଜିଲ୍ଲାରୁ ସମୁଦାୟ ୯୯୦୭ ଗଛ କଟାଯାଇଥିଲା । ସେହିପରି ପର୍ଯ୍ୟାୟ କ୍ରମେ ବିଭିନ୍ନ ରାସ୍ତା ପ୍ରଶସ୍ତିକରଣ ନାଁରେ ମଧ୍ୟ ଜିଲ୍ଲାରୁ ହଜାର ହଜାର ବହୁ ବଡ଼ ବଡ଼ ଗଛ ବଳି ପଡ଼ିଥିଲା । ବରଗଡ-ବୋରିଗୁମା ରାସ୍ତା ପ୍ରଶସ୍ତିକରଣ ସମୟରେ ଶତାଧିକ ବର୍ଷର ପୁରାତନ ଗଛଗୁଡିକ କଟା ଯାଇଥିଲା । ବନ ବିଭାଗ କେବଳ କାଗଜପତ୍ରରେ ବୃକ୍ଷରୋପଣ କରୁଥିବା ଅଭିଯୋଗ ମଧ୍ୟ ବିଭିନ୍ନ ମହଲରୁ ଆସିଲାଣି । **ଆଜି ଦିନରେ ପଶ୍ଚିମ ଓଡ଼ିଶାର କେବଳ ଦେବଗଡ଼କୁ ଛାଡ଼ି ଦେଲେ ଅନ୍ୟ ୯ ଜିଲ୍ଲାରେ ତାପମାତ୍ରା ୪୦ ରୁ ୪୫ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।** ପରିବେଶବିତ୍‌ମାନେ ଅଭିଯୋଗ କରୁଛନ୍ତି ଯେ ଭୂପୃଷ୍ଠ ଠାରୁ ପ୍ରାୟ ୫୦ ଫୁଟ ତଳକୁ ମାଟିର ଆର୍ଦ୍ରତା କମିଯାଇଥିବା ଜଣାପଡିଛି । ଯାହାର ପ୍ରଭାବରେ ଜିଲ୍ଲାର ସର୍ବତ୍ର ହିଟୱେଭ୍ ବୃଦ୍ଧି ପାଇଛି । ଆଉ ପରିବେଶବିତ୍‌ମାନେ ଏଥିପାଇଁ ଦ୍ରୁତ ଜଙ୍ଗଲକ୍ଷୟକୁ ଦାୟୀ କରୁଛନ୍ତି । ଗାଁ ମାନଙ୍କରେ ରହିଥିବା କୂଅଗୁଡ଼ିକ ଶୁଖି ଯାଇଥିବାବେଳେ ଗଭୀର ନଳକୂପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ତେବେ ଅନେକ ଜିଲ୍ଲାରେ ୧୪ରୁ ୩୪ ପ୍ରତିଶତ ବନାଞ୍ଚଳ ଥିବା କହୁଛନ୍ତି ।

ପାହାଡିଆ ଅଞ୍ଚଳରେ ଥିବା ବୁଦା ଏବଂ ଜଙ୍ଗଲର ସଂଜ୍ଞା ହେଉଛି ଯେଉଁଠି ବିଭିନ୍ନ ପ୍ରକାର ଗଛ, ଜୀବଜନ୍ତୁ ତଥା ସରୀସୃପ ବାସ କରନ୍ତି, ତାକୁ ଜଙ୍ଗଲ କୁହାଯାଏ । ତେବେ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପରିବେଶ ବିଗଡିବା ସହ ଆଗାମୀ ଦିନରେ ଆହୁରି ତାପମାତ୍ରା ବୃଦ୍ଧି ପାଇବ ଏବଂ ଭୂତଳ ଜଳସ୍ତର ମଧ୍ୟ ଆହୁରି କମିଯିବ ବୋଲି ଏବେଠୁ ଅନୁମାନ କରାଗଲାଣି । ଆଗାମୀ ଦିନରେ ଉତ୍ତାପ ଆହୁରି ବୃଦ୍ଧି ପାଇବା ସହ ଜଳକଷ୍ଟ ମଧ୍ୟ ସେ ତୁଳନାରେ ଭୋଗିବାକୁ ପଡିବ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେବା ପରେ ଏନେଇ ଏବେଠୁ ଆମେମାନେ ସତର୍କ ରହିବା ଜରୁରୀ ହୋଇପଡିଛି । ନଚେତ ଶ୍ୟାମଳ ବନାନୀରେ ଆଚ୍ଛାଦିତ ପଶ୍ଚିମ ଓଡ଼ିଶାରେ ଲୋକେ ପଳାୟନମୁଖୀ ହେବା ସହ ସମଗ୍ର ଅଞ୍ଚଳ ମରୁଭୂମିରେ ପରିଣତ ହେବାକୁ ବେଶି ସମୟ ଲାଗିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

ଯେଉଁଠାରେ ରାସ୍ତା ପ୍ରଶସ୍ତିକରଣ ପାଇଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ ସେଠାରେ ଗଛ କଟାଯାଇପାରେ । ବୃଦ୍ଧି ପାଉଥିବା ଉତ୍ତାପକୁ ହ୍ରାସ କରିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ସରକାରୀ ଏଜେନ୍ସି ଦ୍ୱାରା ବ୍ୟାପକ ଗଛକଟା ଯୋଗୁଁ ଉତ୍ତାପ ଦିନକୁ ଦିନ ଆହୁରି ବୃଦ୍ଧି ପାଉଛି । ଏ ଦିଗରେ ଗମ୍ଭୀରତାର ସହ ପଦକ୍ଷେପନିଆଯାଉ । ଅହେତୁକ ତାପମାନ ବୃଦ୍ଧି ସାଧାରଣ ଜୀବନଜୀବିକାକୁ ବହୁ ମାତ୍ରାରେ ପ୍ରଭାବିତ କରୁଛି । କେବଳ ଓଡ଼ିଶା କାହିଁକି ଭାରତର ୫୭ ପ୍ରତିଶତ ଜିଲ୍ଲା ଓ ୭୬ ପ୍ରତିଶତ ଜନସଂଖ୍ୟା ବର୍ତ୍ତମାନ ଅତ୍ୟଧିକ ତାପମାତ୍ରା ଦ୍ୱାରା ପେଷି ହୋଇଯାଉଛନ୍ତି ।

ଭାରତର ପ୍ରମୁଖ ସହର ଓ ଜିଲ୍ଲାଗୁଡ଼ିକ ବର୍ତ୍ତମାନ ଅନିୟମିତ ଓ ଜଟିଳ ଜଳବାୟୁ ଦ୍ୱାରା ପ୍ରଭାବିତ । ଉତ୍ତର ଭାରତରେ ଆର୍ଦ୍ରତା ବଢ଼ୁଛି, ଯାହା ତାପମାନ ବୃଦ୍ଧିକୁ ଅଧିକ ଜଟିଳ କରୁଛି । ପ୍ରଥମେ ଶୁଷ୍କ ଥିବା ଅଞ୍ଚଳରେ ଆର୍ଦ୍ରତା ୧୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଛି, ଯେଉଁଠାରେ ତାପମାନ ଅନୁଭୂତିକୁ ୩-୫ଡ଼ିଗ୍ରୀ ପର୍ଯ୍ୟନ୍ତ ବଢ଼ାଇ ଦେଉଛି । ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଗୋଆ, କେରଳ, ମହାରାଷ୍ଟ୍ର ଭଳି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସର୍ବାଧିକ ତାପମାନ ବୃଦ୍ଧିରେ କବଳିତ ହେଉଛନ୍ତି । ଦେଶର ୪୧୭ ଜିଲ୍ଲାକୁ ଅତ୍ୟଧିକ ଓ ଉଚ୍ଚ ତାପମାନର ଅଂଶୀଦାର ଭାବେ ବିବେଚନା କରାଯାଇଛି । ୨୦୧ ଜିଲ୍ଲା ମଧ୍ୟମ ଓ ୧୧୬ ତଳ ଇଣ୍ଡିକେଟର ଭାବେ ବର୍ଗୀକୃତ କରାଯାଇଛି । ଖୁବ୍ ଉଷ୍ମ ରାତିଗୁଡ଼ିକରେ ତାପମାନ ଦ୍ରୁତଗତିରେ ବଢୁଛି । ସେହିପରି ସମୁଦ୍ର କୂଳିଆ ଓ ଉତ୍ତର ଭାରତରେ ଆର୍ଦ୍ରତାର ମାତ୍ରା ଅଧିକ ପରିମାଣରେ ବଢୁଛି । ଘନ ଜନବସତିଯୁକ୍ତ ଓ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକ ମଧ୍ୟରେ ତାପମାତ୍ରା ବୃଦ୍ଧି ଅଧିକ ବୋଲି ବିଭିନ୍ନ ଘରୋଇ ପାଣିପାଗ ମଡ଼େଲ ସଂସ୍ଥାଙ୍କ ମତ ରହିଛି । ଜଳବାୟୁ ପରିବର୍ତ୍ତନର ଧାରାରେ କୃଷି ରୋଜଗାର ହାର ବହୁ ମାତ୍ରାରେ କମିଛି । ତେଣୁ ପରିବେଶ ଅନୁକୂଳ କୃଷି ଯୋଜନା କାର୍ଯ୍ୟକାରୀ ହେଲେ, ଚାଷ କାର୍ଯ୍ୟରୁ ବିମୁଖ ହୋଇଥିବା ଚାଷୀ ଦାଦନମୁହାଁ ହେବାକୁ ମନ ବଳାଇବ ନାହିଁ । ବର୍ତ୍ତମାନ ପରିସ୍ଥିତ ଏପରି ହେଲାଣି ପରବେଶ ପରିବର୍ତ୍ତନ ଧାରାରେ ମହିଳା ମଧ୍ୟ ପ୍ରଭାବିତ ହେଲେଣି । ଜିଲ୍ଲାରୁ ପୁରୁଷଙ୍କ ଭଳି ମହିଳା ଓ ଯୁବକମାନେ ମଧ୍ୟ ଦାଦନମୁହାଁ ହେଲେଣି । ହେଲେ ଏହି ଧାରା ରୋକିବାକୁ ପରିବେଶ ସୁରକ୍ଷା ଓ ଅର୍ଥନୀତି ସମାନ୍ତରାଳ ଭାବେ ଚାଲିବା ଦରକାର ବୋଲି ମତ ପ୍ରକାଶ ପାଉଛି । ବିଶେଷ କରି ପାରମ୍ପରିକ ଜଳାଶୟର ପୁନଃରୁଦ୍ଧାର, ବର୍ଷା ଜଳର ସଂରକ୍ଷଣ, ମୌସୁମୀ ସମୟରେ ଉପରମୁଣ୍ଡରୁ ବହି ଯାଉଥିବା ବର୍ଷା ଜଳକୁ ସଞ୍ଚୟ ରଖିବା ଭଳି ପଦକ୍ଷେପ ନେଲେ କୃଷି ଓ କୃଷକ ସମାଜକୁ ଜଳବାୟ ପରିବର୍ତ୍ତନ ଭଳି ବିପର୍ଯ୍ୟୟରୁ ବଞ୍ଚାଯାଇ ଯାଇପାରିବ ବୋଲି ପରିବେଶବିତ୍‌ମାନେ ମତ ପୋଷଣ କଲେଣି । ଏନେଇ ସମସ୍ତେ ବେଳହୁଁ ସଚେତନ ହେବା ଜରୁରୀ ହୋଇପଡ଼ିଛି ।

**ସହ ସମ୍ପାଦକ, ସମୟ**
**ଭୁବନେଶ୍ୱର,ମୋ-୯୪୩୭୧୫୦୬୩୨**

# ମାନସିକ ଚେତନାରେ ଶ୍ରୀମନ୍ଦିରର ବାଇଶି ପାହାଚ



**ଡାକ୍ତର ସମ୍ରାଟ କର**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଶ୍ରୀମନ୍ଦିରର ବାଇଶି ପାହାଚରେ ଭରି ରହିଛି ଅନେକ ଦିବ୍ୟମହତ୍ତ୍ୱ ଯାହା ଆମ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଭାବ ନଟେଇରେ ତେଲ ଲୁଣର ଟଣାଟଣି ଅଭାବୀ ସଂସାରକୁ ନେଇ ଯେତେବେଳେ ଜଣେ ହା' ହୁତାଶ ହୋଇପଡ଼େ ସେ ଖୋଜିଥାଏ ମହାପ୍ରଭୁଙ୍କ କରୁଣା ବାରିଟିକିଏ ଆଉ ସେଇଥିପାଇଁ ଛୁଟି ଯାଏ ଶ୍ରୀକ୍ଷେତ୍ର ପୁରୀ। ଅନେକଙ୍କ ଭିତରେ ଏହି ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇଥାଏ ଯେ ବାଇଶି ପାହାଚ ଅତିକ୍ରମ କରିବା ସହ ଭଗବାନ ଭକ୍ତଜନଙ୍କ ବାଇଶିଟି ଦୁଃଖକୁ ଯେପରି ଲାଘବ କରିଦିଅନ୍ତି । କେବଳ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଏହି ବାଇଶି ପାହାଚ କେବଳ ଅତିକ୍ରମ କରାଯାଏ, ତାହା ନୁହେଁ ବରଂ ଏହି ବାଇଶି ପାହାଚରେ ଟିକିଏ ବସିପଡ଼ିଲେ ଦେହ ଓ ମନ ଭିତରେ ଭରିଯାଏ ଅଫୁରନ୍ତ ଧୈର୍ଯ୍ୟ ଓ ଆନନ୍ଦର ଫଲଗୁ ।

ବାଇଶି ପାହାଚର ନାମକରଣକୁ ନେଇ ଅନେକ ପ୍ରସଙ୍ଗ, ଆଲେଖ୍ୟ ଓ କଥନିକା ପୁରାଣ ଓ ପୁସ୍ତକମାନଙ୍କରେ ଲିପିବଦ୍ଧ ରହିଛି । କେହି କେହି ଏହାକୁ ଭୂଃ, ଭୁବଃ, ସ୍ୱଃ, ମହ, ଜନ, ତପଃ ଓ ସତ୍ୟ ଏହି ସପ୍ତଲୋକ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ସପ୍ତତଳ ଓ କୈବଲ୍ୟ ବୈକୁଣ୍ଠ ଶ୍ରୀବୈକୁଣ୍ଠ ପରମ ବ୍ୟୋମ ବୈକୁଣ୍ଠ, ବିଶ୍ୱବେଶ ବୈକୁଣ୍ଠ, ଶେଷ ଗାୟତ୍ରୀ ବୈକୁଣ୍ଠ, କରୁଣାର୍ଣ୍ଣବ ବୈକୁଣ୍ଠ, ଗର୍ଭୋଦୟକ ଶାୟୀ ବୈକୁଣ୍ଠ, କୈଳାସ ବୈକୁଣ୍ଠ ଏହି ଅଷ୍ଟ ବୈକୁଣ୍ଠର ପ୍ରତୀକ ବୋଲି କହିଥାନ୍ତି ।

ସେହିପରି ପୁରାଣ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି ଯେ ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମଇନ୍ଦ୍ରିୟ, ପଞ୍ଚତନ୍ମାତ୍ର, ମନ ତଥା ବୁଦ୍ଧିର ସମଷ୍ଟି ହେଉଛି ଏହି ବାଇଶି ପାହାଚ । ଅନେକ ଭକ୍ତଜନ ଏହାକୁ ବାଇଶିଟି ତୀର୍ଥଭୂମିର ସ୍ୱରୂପ ବୁଝିଥିବାବେଳେ ଆଉ କେହି କେହି ବାଇଶିଟି ଭାବ ଓ ବାଇଶିଟି ତତ୍ତ୍ୱ ସମ୍ପର୍କରେ ମଧ୍ୟ ନିଜ ବିଶ୍ୱାସ ରଖନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ଏହା କେବଳ ମହାପ୍ରଭୁଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ନୁହଁ ସମସ୍ତ ମାନବ ସମାଜ ପାଇଁ ନିଜ ଭିତରୁ ପଞ୍ଚରସ, ଅଷ୍ଟ ତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରିଶକ୍ତି ଓ ତ୍ରିଗୁଣ ମିଶାଇଲେ ଯାହାର ସଂଖ୍ୟା ହେଉଛି ବାଇଶି, ଏହି ପଞ୍ଚମନ ଓ ସପ୍ତବିକାର ଭଳି ଖରାପ ଗୁଣକୁ ତ୍ୟାଗ କରି ମହାପ୍ରଭୁଙ୍କ କୃପା ପ୍ରାର୍ଥୀ ହେବା ପାଇଁ ଏହି ବାଇଶି ପାହାଚ ହିଁ ସମଗ୍ର ମଣିଷ ସମାଜକୁ ଶିକ୍ଷା ଦେଇଥାଏ ।

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତିଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା। ଭକ୍ତ ବଳରାମ ଦାସ ତାଙ୍କର 'ଗୁପ୍ତ ଗୀତା'ରେ ରଚନା କରିଛନ୍ତି ବାଇଶି ପାହାଚରେ ରହିଛି ଅନେକ ପବିତ୍ରତା ଓ ତତ୍ତ୍ୱ । ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ ନ କଲେ ଭକ୍ତ ବାଇଶି ପାହାଚକୁ ଅତିକ୍ରମ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବ ନାହିଁ ।

ଓଡ଼ିଆ ଆଧ୍ୟାତ୍ମିକ ବିଶ୍ୱାସ ସହିତ ମାନସିକତାରେ ଏହି ବାଇଶି ପାହାଚର ଚେତନା ଅତୀବ ଗୁରୁତ୍ୱପୂର୍ଣ୍ଣ । ବାଇଶି ପାହାଚରେ ଛୋଟ ପିଲାଙ୍କୁ ବିଶ୍ୱାସର ସହିତ ଗଡ଼ାଇ ଦେଲେ ସେମାନଙ୍କର ଆୟୁ ବୃଦ୍ଧି ହୋଇଥାଏ ଏବଂ ଏହି ବାଇଶି ପାହାଚରେ ରହିଥିବା ଯମଶୀଳାକୁ ଭକ୍ତଜନ ସ୍ପର୍ଶ କରି ମହାପ୍ରଭୁଙ୍କ ଦର୍ଶନ କଲେ କୌଣସି ପରିସ୍ଥିତିରେ ସେମାନଙ୍କୁ ଅକାଳ ମୃତ୍ୟୁ ହୋଇନଥାଏ । ଏହି ପାହାଚରେ ଆତଯାତ ହେଉଥିବା ଭକ୍ତଜନଙ୍କ ପବିତ୍ର ପାଦଧୂଳିକୁ ମୁଣ୍ଡରେ ସ୍ପର୍ଶ କରି ଶ୍ରୀଜିଉଙ୍କୁ ଦର୍ଶନ ଲାଭ ପରେ ସେହି ବ୍ୟକ୍ତିମାନଙ୍କର ଜୀବନରେ ପରଲୋକ ପରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ।

ସତୁରୀ ଫୁଟ ଲମ୍ବ ଛଅଫୁଟ ଓସାର ଓ ଛଅ ଇଞ୍ଚ ଉଚ୍ଚତାର ଏହି ପାହାଚ ବଉଳମାଳ ପଥରରେ ତିଆରି । ପିତୃପକ୍ଷ ଓ ଅମାବାସ୍ୟା ଦିନ ଏହି ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଇଥାଏ । ଶ୍ରୀଜିଉଙ୍କର ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାକୁ ଯିବା ପୂର୍ବରୁ ଏହି ବାଇଶି ପାହାଚରେ ଯେଉଁ ପହଣ୍ଡି ବିଜେ ହୋଇଥାଏ ତାହା ବାସ୍ତବିକ ଅବର୍ଣ୍ଣନୀୟ । ଭକ୍ତଙ୍କ ସହିତ ଟିକିଏ ମିଶି ସେମାନଙ୍କୁ କୃପା ଦର୍ଶନ ଦେବା ନିମନ୍ତେ ଶ୍ରୀଜିଉ ଆସିଥାନ୍ତି ବଡ଼ଦାଣ୍ଡ । ସର୍ବୋପରି ଓଡ଼ିଆ ବିଶ୍ୱାସ ଓ ଭାବ ଚେତନାରେ ବାଇଶି ପାହାଚର ମାହାତ୍ମ୍ୟ ଆଣିଥାଏ ଅନୁଭବର ପୁଲକ ଭାବ ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି । ସେଇଠି ନାହିଁ ମୃତ୍ୟୁର ଭୟ, ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା । ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜସ୍ୱଳ କରି ରଖେ । ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ ।

ନିଖିଳ ବିଶ୍ୱ ପାଇଁ ଆତ୍ମପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ । ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,**
**ପୁରୀଘାଟ ରୋଡ଼, କଟକ,**
**ମୋ- ୯୧୩୨୪୩୩୩୩୩**

# ସତ୍ୟ ସୁବାଟ ଦେଖାଏ

**ବୈଷ୍ଣବ ଚରଣ ଦାଶ**

ସଂସାର ସର୍ବଦା ଦୁଇଟି ତଥ୍ୟ ଉପରେ ଆଧାରିତ । ଗୋଟିଏ ସତ୍ୟ ଏବଂ ଅନ୍ୟଟି ମିଥ୍ୟା । ତେବେ ମନରେ ପ୍ରଶ୍ନ ଉଠେ ସତ୍ୟ କଣ ? ଶାସ୍ତ୍ରରେ ଉଲ୍ଲେଖ ଅଛି 'ଯତ୍ କଲ୍ୟାଣ କର ବଚନମ୍ ତଦ୍ ସତ୍ୟଂ' । ଯେଉଁ କଥା ଅନ୍ୟର ଉପକାର କରେ ତାହା ହିଁ ସତ୍ୟ । ତେଣୁ ଆମର ଉପନିଷଦରେ ବର୍ଣ୍ଣିତ ଅଛି 'ସତ୍ୟଂ ବଦ' । ପୁଣି ମହର୍ଷି ମନୁ ପରାମର୍ଶ ଦେଇଛନ୍ତି,

*'ସତ୍ୟଂ ବ୍ରୁୟାତ୍ ପ୍ରିୟଂ ବ୍ରୁୟାତ ନ ବ୍ରୂୟାତ*
*ସତ୍ୟମପ୍ରିୟମ୍/ ପ୍ରିୟଂ ଚନାନୃତମ୍ ବ୍ରୁୟାତ*
*ଏଷ ଧର୍ମଃ ସନାତନଃ' ।*

ଅର୍ଥାତ୍ ସତ୍ୟ କୁହ, ପ୍ରିୟ କଥାକୁହ, ମାତ୍ର ଯେଉଁ ସତ୍ୟ ଅପ୍ରିୟ ତାହା କୁହ ନାହିଁ ।

ପୁନଶ୍ଚ ପ୍ରିୟକଥା କହିବାକୁ ଯାଇ ଅସତ୍ୟ କୁହନାହିଁ । ସବୁବେଳେ ସତ୍ୟ ସମସ୍ତଙ୍କ ପାଇଁ ପ୍ରିୟ ନ ହୋଇପାରେ । ଏଣୁ ମନୁ ଅନ୍ୟର ସହିତ ସାଧନ କରୁଥିବା ଭଳି ସତ୍ୟ କହିବାକୁ ବାରଣ କରିଛନ୍ତି । ମାତ୍ର ଅନ୍ୟକୁ ଖୁସି କରିବା ପାଇଁ ଅସତ୍ୟ କହିବା ଲାଗି ମଧ୍ୟ ମନା କରିଛନ୍ତି । ମହାଭାରତର ବନପର୍ବରେ ସତ୍ୟର ସଂଜ୍ଞା ନିର୍ଦ୍ଧାରଣ କରି କୁହାଯାଇଛି– 'ସତ୍ୟଂ ଲୋକହିତଂ ପ୍ରୋକ୍ତଂ' ଅର୍ଥାତ୍ ଲୋକହିତ ପାଇଁ ସତ୍ୟ କୁହାଯିବା ଉଚିତ । ବ୍ୟାବହାରିକ ଜୀବନରେ ସତ୍ୟ ପରିବର୍ତ୍ତନଶୀଳ ହେଲେ ମଧ୍ୟ ମନୁ ପ୍ରିୟ କଥା କହିବାକୁ ଯାଇ ଅସତ୍ୟ କହିବାକୁ ବାରଣ କରିଛନ୍ତି । ମିଥ୍ୟାକଥନ ମଣିଷର କେବଳ ଚାରିତ୍ରିକ ଅଧଃପତନ କରେ ନାହିଁ । ତା'ର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଏ ।

ପ୍ରକୃତରେ ସତ୍ୟ କହିବା ହେଉଛି ଆମ ବ୍ୟକ୍ତିତ୍ୱର ମୌଳିକ ଧର୍ମ । ସତ୍ୟର ମୂଳଭିତ୍ତି ଉପରେ ସମାଜ ଓ ଜୀବନ ପର୍ଯ୍ୟବେସିତ ଏବଂ ସତ୍ୟ ନ୍ୟାୟ ହିଁ ମଣିଷକୁ ତଥା ବିବେକ ବୁଦ୍ଧିକୁ ନିୟନ୍ତ୍ରିତ କରେ । ଅବଧାରିତ ସତ୍ୟ ମଣିଷକୁ ସୁବାଟରେ ଚାଲିବା ପାଇଁ ମାର୍ଗଦର୍ଶକ ହୋଇଥାଏ । ତେଣୁ ଛୋଟ ଛୋଟ ପିଲାମାନଙ୍କ ଉଦ୍ଦେଶ୍ୟରେ କବି ରାମକୃଷ୍ଣ ନନ୍ଦ ଲେଖିଯାଇଛନ୍ତି –

*'ସତ କହିବାକୁ କିଆଁ ଡରିବି, ସତ କହି ପଛେ*
*ମଲେ ମରିବି' ।*

ଏହି ଉକ୍ତିର ସାର୍ଥକତା ପିଲାଟି ବଡ ହେଲା ପରେ ହିଁ ଉପଲବ୍ଧି କରେ । ସବୁ ଯୁଗରେ ଓ ସବୁ କାଳରେ ସତ୍ୟ ଓ ଧର୍ମର ଜୟ ବୋଲି ଉଦ୍‌ଘୋଷିତ ହୋଇଛି । 'ସତ୍ୟମେବ ଜୟତେ' । ସତ ମିଛ ଦୁନିଆ ଭିତରେ ମିଥ୍ୟା ବାସ୍ତବିକ କୁହେଳିକା ଓ ସତ୍ୟ ହେଉଛି ଦିବାଲୋକ ପରି ସ୍ୱଷ୍ଟ ଓ ସୂର୍ଯ୍ୟାଲୋକ ପରି ଉଜ୍ଜ୍ୱଳ । ସତ୍ୟର ନିୟମରେ ସବୁ ଠିକ୍‌ଠାକ୍ ଚାଲିଛି । ଯେମିତି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଦିନ ଓ ରାତି । ବୈଜ୍ଞାନିକଙ୍କର ଉଦ୍‌ଭାବନରେ ବି ଆମେ ତା' ଭିତରେ ସତ୍ୟତା ଖୋଜୁ । ସତ୍ୟ ସ୍ୱଚ୍ଛ ଆଉ ନିର୍ମଳ । ସଂସାରର ସ୍ଥିତି ସତ୍ୟର ସହାୟତାରେ । ବାସ୍ତବିକ ସତ୍ୟର ପରାଜୟ ନାହିଁ ।

ସତ୍ୟ ସହଜରେ ହାର ମାନେ ନାହିଁ । ଯାହା ଅସତ୍ୟ, ତାହା କେବେ ବି ମଣିଷ ହୃଦୟରେ ପ୍ରତ୍ୟୟ ଜାଗ୍ରତ କରିପାରେ ନାହିଁ । କେବଳ ସତ୍ୟ ହିଁ ମଣିଷକୁ ସଂକଳ୍ପବଦ୍ଧ କରାଏ । ସତ୍ୟ ହିଁ ବିବେକର ଜନନୀ । ସତ୍ୟ ଓ ନ୍ୟାୟର ପ୍ରତୀକ ଥିଲେ ପ୍ରଭୁ ଶ୍ରୀ ରାମଚନ୍ଦ୍ର । ଆହୁରି ଅନେକ ଉଦାହରଣ ଆମେ ପୌରାଣିକ ଗ୍ରନ୍ଥମାନଙ୍କରେ ପାଇପାରିବା । ଆମେ କେବଳ ଆମ ବଚନରେ କହିଲେ ହେବ ନାହିଁ ବରଂ ତାକୁ କାର୍ଯ୍ୟରେ ଲଗାଇବାକୁ ହେବ । ଆମ ସନ୍ତାନମାନଙ୍କୁ ଏହି ସତ୍ୟ ପଥରେ ନେଇପାରିଲେ, ଆମର ତଥା ଦେଶର ଅଭୂତପୂର୍ବ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ବିଶ୍ୱ ମଧୁମୟ ହେବ । ତେଣୁ କୁହାଯାଇଛି–

'ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମୋତେ ।'

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା ଗଞ୍ଜାମ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ...

ସମ୍ମିଳନୀରେ କହିଥିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତୀ ଯୋଗୁ ସେ ଖୁସି । ତେବେ ଦୁଇ ଦେଶ ମଧ୍ୟରେ ଥିବା ବିବାଦକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଉ । ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ତୁଟିଗଲେ ଆମେ ଖୁସି ହେବୁ । ଆମର ବିଶ୍ୱାସ ଯେ ଆଲୋଚନା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ଥିବା ବିବାଦ ସମାଧାନ ହୋଇଯିବ ।

## ଆଜିଠୁ...

ଆଗମନ ନେଇ ସ୍ଥିତି ଅନୁକୂଳ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସହ ପ୍ରାକ ମୌସୁମୀ ଜନିତ ବର୍ଷା ଲାଗି ରହିଛି । ମଙ୍ଗଳବାର ପାରାଦୀପରେ ୩୦ ମିମି ବର୍ଷା ହୋଇଥିବା ବେଳେ ଭବାନୀପାଟଣାରେ ୨୯.୮ ମିମି, ସମ୍ବଲପୁରରେ ୨୭ ମିମି, ଦାରିଙ୍ଗବାଡ଼ିରେ ୨୮ ମିମି, ସୁନ୍ଦରଗଡ଼ରେ ୨୧.୮ ମିମି, ରାୟଗଡ଼ାରେ ୧୯.୮ ମିମି, ଚାନ୍ଦବାଲିରେ ୧୬.୮ ମିମି, ଭୁବନେଶ୍ୱରରେ ୩.୮ ମିମି ଓ କଟକରେ ୩.୨ ମିମି ହୋଇଥିବା ଜଣାପଡ଼ିଛି ।

ଆସନ୍ତାକାଲି (ବୁଧବାର) ଜଗତସିଂହପୁର, ପୁରୀ, କଟକ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ବର୍ଷା ଲାଗି ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ୨୯ ରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଭୀଷଣ ବର୍ଷା ହୋଇପାରେ । ୩୦ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ନୂଆପଡ଼ା ଓ ଭଦ୍ରକ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ।

## ବିସ୍ଫୋରକ...

ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳକୁ ସରଣ୍ଡା ଜଙ୍ଗଲର ଆଭ୍ୟନ୍ତରରୁ ବିସ୍ଫୋରକବୋଝେଇ ଗାଡ଼ିର ସନ୍ଧାନ ମିଳିଥିଲା । ଅନ୍ୟପକ୍ଷରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲ ମାନଙ୍କରେ କିଛିଦିନ ଧରି ମାଓ ବିରୋଧି ଅପରେସନ୍ ଜାରିରହିଛି ।

## ଏ ବର୍ଷ...

ଭାରତରେ ଦେଖିବାକୁ ମିଳିବ । ଭାରତରେ ମୌସୁମୀ ଋତୁରେ ୮୭ ସେମି ବର୍ଷା ସାଧାରଣତଃ ହୋଇଥାଏ । ମୌସୁମୀକୁ ଦେଶର ଅର୍ଥନୀତିର ଜୀବନରେଖା ଭାବେ ବିବେଚନା କରାଯାଏ । ମୌସୁମୀ ବର୍ଷା ଉପରେ ୪ ଟ୍ରିଲିୟନ୍ ଅର୍ଥନୀତି ନିର୍ଭର କରିଥାଏ । ପ୍ରାୟ ୭୦% ବର୍ଷା ଜଳ ଉପରେ ଭାରତର କୃଷି କ୍ଷେତ୍ର ନିର୍ଭର କରିଥାଏ । ଯେଉଁଠି ଜଳସେଚନ ସୁବିଧା ନାହିଁ ସେମାନେ ବାର୍ଷିକ ଫସଲ ଉତ୍ପାଦନ ପାଇଁ ଜୁନ୍‌ରୁ ସେପ୍ଟେମ୍ବର ଭିତରେ ହେବାକୁ ଥିବା ବର୍ଷା ଉପରେ ନିର୍ଭର କରନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର, ଓଡ଼ିଶା ଓ ଏହାର ଆଖପାଖ ରାଜ୍ୟଗୁଡ଼ିକ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବ ବୋଲି ଆକଳନ କରାଯାଇଥିବାବେଳେ କେତେକ ସ୍ଥାନରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ । ତେବେ କେନ୍ଦ୍ରୀୟ ଓ ଦକ୍ଷିଣ ଭାରତରେ ସ୍ୱାଭାବିକଠୁ ଅଧିକ ବର୍ଷା ହେବ ବୋଲି ଆଇଏମଡି ମହାନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଛନ୍ତି । ତେବେ ଜୁନରେ ଅଧିକ ବର୍ଷା ହେବାକୁ ଥିବାରୁ ଅଧିକାଂଶ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରାଯାଇଛି ।

## ଗୋଟିଏ...

ପତ୍ନୀ ଓ ୩ ନାବାଳକ ମଧ୍ୟ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପ୍ରବୀଣ ମିତଲ ଯେକି ଋଣଗ୍ରସ୍ତ ଥିଲେ । ସେ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ତେବେ ବାହାରିଥିବା ବ୍ୟକ୍ତି ଜଣଙ୍କୁ ସ୍ଥାନୀୟ ଲୋକ ପଚାରିବାରୁ ସେ ସବୁ କଥା କହିଥିଲା । ତାଙ୍କ ପରିବାର ଉପରେ ଅନେକ ଋଣ ବୋଝ । ତେଣୁ ସେମାନେ ସମୁହ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ । କାର ଭିତରେ ଅନ୍ୟମାନେ ମୃତ୍ୟୁବରଣ କରିସାରିଛନ୍ତି, ଆଉ ୫ ମିନିଟ୍ ପରେ ସେ ମରିଯିବେ । ଏ କଥା ଶୁଣି ସ୍ଥାନୀୟ ଲୋକମାନେ ତୁରନ୍ତ ଥାନାକୁ ଫୋନ୍ କରିଥିଲେ । ।ପୋଲିସ ଆସି ସେମାନଙ୍କୁ ହସ୍ପିଟାଲ ନେଇଥିଲା ଓ ସେଠାରେ ସମସ୍ତଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା । ପ୍ରବୀଣ ମିତଲ୍ ବରୱାଲାର ହିସାରରେ ରହିଥାନ୍ତି । ତାଙ୍କର ଆର୍ଥିକ ଓ ଆଇନ୍‌ଗତ ସମସ୍ୟା ଥିବାରୁ ସେ ସ୍ଥାନ ପରିବର୍ତ୍ତନ କରିଥିଲେ । ତାଙ୍କର ହିମାଚଳପ୍ରଦେଶ ଓ ବାଦୀରେ ଥିବା ସ୍କ୍ରାପ୍ ଫ୍ୟାକ୍ଟ୍ରିକୁ ବ୍ୟାଙ୍କ ଜବତ କରିଥିଲା । ତା'ପରେ ସ ପରିବାର ୨୦୨୦ରେ ଡେରାଡୋନ୍ ଆସିଥିଲେ । ସେଠାରେ ପ୍ରାୟ ସମସ୍ତଙ୍କ ଠାରୁ ସମ୍ପର୍କ ଛିନ୍ନ କରି ୫ ବର୍ଷ ରହିଥିଲେ । ପ୍ରବୀଣ ଯେତେବେଳେ ବ୍ୟବସାୟ କରୁଥିଲେ ତାଙ୍କ ଉପରେ ୨୦ କୋଟି ଟଙ୍କା ଋଣ ଥିଲା । ତାଙ୍କର ଦୁଇଟି ଫ୍ଲାଟ୍, ଅନେକ ଗାଡ଼ି ଓ କାରଖାନାକୁ ବ୍ୟାଙ୍କ ଜବତ କରିଛି । ଉଧାର ନେଇଥିବା ବ୍ୟକ୍ତିଙ୍କ ଠାରୁ ସେମାନେ ବାରମ୍ବାର ଧମକ ପାଉଥିଲେ । ପ୍ରବୀଣ ଶେଷରେ କିଛିବର୍ଷ ହେବ ଟ୍ୟାକ୍ସି ଚଳାଇ ଜୀବିକା ନିର୍ବାହ କରୁଥିଲା । ଯେଉଁ ଗାଡ଼ିରେ ତା' ପରିବାରର ମୃତ୍ୟୁ ହୋଇଛି ସେହି ଗାଡ଼ି ଡେରାଡୋନ୍ ବାସୀନ୍ଦା ଜିସି ନେଗିଙ୍କ ନାମରେ ରହିଛି । ପ୍ରବୀଣ ତାଙ୍କୁ ଏନ୍‌ଜିଓ କାର୍ଯ୍ୟରେ ସାକ୍ଷାତ କରିଥିଲା ।

## ଖୋର୍ଦ୍ଧା-ବଲାଙ୍ଗିର...

ନିର୍ମାଣଧୀନ ଟନେଲ ନମ୍ବର ୪ ରେ ଢ଼ିଲା ମାଟି ଗଠନ ଏବଂ ଏହି ଅଞ୍ଚଳରେ ନିରନ୍ତର ବର୍ଷା ଯୋଗୁଁ ଏକ ହାଲୁକା ମାଟି ଧସିବାର ଘଟଣା ଘଟିଛି । କାର୍ଯ୍ୟରତ ଶ୍ରମିକ କିମ୍ବା ଯନ୍ତ୍ରପାତି ଉପରେ କୌଣସି ପ୍ରଭାବ ପଡ଼ିନାହିଁ, ଏବଂ ଏହି ଘଟଣା ପ୍ରକଳ୍ପର ସାମଗ୍ରିକ ଅଗ୍ରଗତିକୁ ପ୍ରଭାବିତ କରିବ ନାହିଁ । ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ଏବଂ ଯୋଜନା ଅନୁଯାୟୀ କାମ ଜାରି ରହିଛି ବୋଲି କୁହାଯାଇଛି ।

## ଦୁର୍ଦ୍ଦାନ୍ତ...

ଥିବା ରାୟଗଡ଼ା ଏସପି ସ୍ୱାତି ଏସ୍.କମାର ସୂଚନା ଦେଇଛନ୍ତି । ତାଙ୍କ ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ଥିଲା । ସେ ଗୋଟିଏ ୯ଏମଏମ୍ ପିସ୍ତଲ, ୮ରାଉଣ୍ଡ ଅଫୁଟା ଗୁଳି, ଓ୍ୱାକିଟକି ଓ ଘଣ୍ଟା ଜବତ କରାଯାଇଛି । ରାୟଗଡ଼ା ଜିଲ୍ଲାରେ ୨୦୦୭ରୁ ୨୦୨୪ ଯାଏ ୨୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଏସପି କହିଛନ୍ତି । ଏହା ସହିତ ଆତ୍ମସମର୍ପଣ କରିଥିବା ବିଜୟ ପୁଲେମ କନ୍ଧମାଳ ଜିଲ୍ଲା ବାନ୍ଦିପଙ୍ଗା ଗ୍ରାମର ମେଟଲା ରଇତଙ୍କ ହତ୍ୟାକାଣ୍ଡ, କୋଟଗଡ଼ ଥାନା ଅନ୍ତର୍ଗତ ମେରାଗୁଡି ଗ୍ରାମ ନିକଟସ୍ଥ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ । ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସିରଲା ଗ୍ରାମ ନିକଟସ୍ଥ ଜଙ୍ଗଲରେ ହୋଇଥିବା ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିଲା ଗୁଳି ବିନିମୟ । ଛତିଶଗଡ଼ ରାଜ୍ୟର ଗାରିଆବନ୍ଧ ଜିଲ୍ଲାର ଜୋଡେଇପାଣି ଜଙ୍ଗଲରେ ହୋଇଥିବା ଗୁଳି ବିନିମୟ । ଛତିଶଗଡ଼ର ସିକାଶାର ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ସମ୍ପୃକ୍ତ ଥିଲା । କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ଚନ୍ଦେଇପାଲି ଜଙ୍ଗଲରେ ହୋଇଥିବା ଗୁଳିବିନିମୟ । କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ କୋଡାଙ୍ଗ ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ସେ ସାମିଲ ଥିବା ସେ ସୂଚନା ଦେଇଛନ୍ତି । କୋଡାଙ୍ଗ ଜଙ୍ଗଲରେ ହୋଇଥିବା ଘଟଣାରେ ୨ ଜଣ ଏସ.ଓ.ଜି ସୁରକ୍ଷାକର୍ମୀ ଆହତ ହୋଇଥିଲେ ବୋଲି ବି ସେ କହିଛନ୍ତି । ବିଜୟ ପୁନେମ ମାଓବାଦୀଙ୍କ ତୁଙ୍ଗନେତା ମୋଡେମ ବାଲକ୍ରିଷ୍ଣାଙ୍କ ସୁରକ୍ଷା ଏବଂ ଅଙ୍ଗରକ୍ଷୀ ରୂପେ ମଧ୍ୟ କାର୍ଯ୍ୟ କରିଥିବା କହିଛନ୍ତି । ତେବେ ଆତ୍ମସମର୍ପଣ କରିଥିବା ବେଳେ ସରକାରଙ୍କ ମାଓ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସପି କହିଛନ୍ତି ।ମାଓ ନେତାଙ୍କ ବ୍ୟବହାର ଓ ଆଦର୍ଶ ବିହିନ ସଂଗଠନ ଯୋଗୁଁ ସେ ସଂଗଠନ ଉପରେ ବିମୁଖ ହୋଇ ଆତ୍ମସମର୍ପଣ କରିଥିବା ବେଳେ ଆଗକୁ ନିଜ ସ୍ତ୍ରୀ ଓ ଅନେକ ସାଥୀ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀ ବିଜୟ ସୂଚନା ଦେଇଛନ୍ତି ।

ଓଡିଶା ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ଥଇଥାନ ନୀତି ଦେଶରେ ସର୍ବୋତ୍ତମ । ଆତ୍ମ୍ ସମର୍ପଣ କରିଥିବା ମାଓବାଦୀଙ୍କୁ ଆର୍ଥିକ ସହାୟତା ସମେତ ଗୃହ ନିର୍ମାଣ, ପାଠ ପଢା, ନିଜ ପସନ୍ଦର ବୃତ୍ତିକୁ ଆପଣାଇ ସ୍ୱାବଲମ୍ବି କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯାଉଛି । ଫଳରେ ମାଓବାଦୀ ମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି ।

## ଭୁଲ୍..

ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ, ଜିଲା ମୁଖ୍ୟ ଚିକିସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଡେପୁଟି କଲେକଟର କାର୍ତ୍ତିକ ନାଥ ମଣ୍ଡଳ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବିଶେଷ କରି ଭଦ୍ରକ ସହରରେ ବେଆଇନ ଭାବରେ ଗଢ଼ି ଉଠୁଥିବା ନର୍ସିଂ ହୋମ ଓ ଅଲଟ୍ରାସାଉଣ୍ଡ ଉପରେ ଟିମ୍ ଗଠନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ମାଝୀ କହିଛନ୍ତି ।

## ପାକ୍‌ର...

୭୬ ପୋଷ୍ଟ ଓ ୪୨ ଏଫ୍‌ଡିଏଲ୍‌ଏସ୍‌କୁ ଧ୍ୱଂସ କରିଥିବା ବିଏସ୍‌ଏଫ୍‌ର ଡିଆଇଜି ଚିତର ପାଉଲ୍‌ସିଂ କହିଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନର ଆଇଏସ୍‌ଆଇର ପ୍ରମୁଖ ଆତଙ୍କୀ ଲଞ୍ଚ ପ୍ୟାଡ୍‌ରୁ ସେମାନେ ଅପରେସନ୍ କରୁଥିଲେ । ଯାହା ସୁନ୍ଦରବଣୀ ନିକଟରେ ଥିଲା, ତାକୁ ଧ୍ୱଂସ କରାଯାଇଛି । ମେ' ୯, ୧୦ ରାତିରେ ଚିକେନ୍ ନେକ୍‌ର ବିପରିତ ଦିଗରେ ଥିବା ଲସ୍କରୀ-ଇ-ତୋଇବା ଲଞ୍ଚପ୍ୟାଡ୍‌କୁ ମଧ୍ୟ ସ୍ପେଶାଲ ୱିପନ୍ ସିଷ୍ଟମ ଦ୍ୱାରା ଧ୍ୱଂସ କରାଯାଇଛି । ଏବେସୁଦ୍ଧା ଆମେ କେତେ କ୍ଷତି ହୋଇଛି ତାହାର ଆକଳନ କରୁଛୁ । ବିଭିନ୍ନ ସ୍ଥାନରେ ଥିବା ତିନୋଟି ଲଞ୍ଚପ୍ୟାଡ୍ ଓ ଅଧିକାଂଶ ପୋଷ୍ଟକୁ ଧ୍ୱଂସ କରିବାରେ ବିଏସ୍‌ଏଫ୍ ସକ୍ଷମ ହୋଇଛି । ୧୮ ରୁ ୨୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ଚେଷ୍ଟା କରୁଥିବାବେଳେ ତାହାକୁ ବିଫଳ କରାଯାଇଥିଲା ।


**AFFIDAVIT**

By virtue of an affidavit Before the court of executive magistrate Daspalla. I Hemalata Pattnayak, aged about (41). W/o- Saroj Ranjan Pattanayak, of Vill- Andharkot, Kunjabanagarh, Po/Ps- Daspalla, Dist-Nayagarh. do here by solemly affirm that my actual Name is Hemalata Pattnayak in all recordes and manner. But wrongly mentioned as my nick name Mili Pattnayak of vill-Andharkot / Goudapankalsahi, in my LIC bond bering policy No. **588479659**. That my both name Mili Pattnayak and Hemalata Pattnayak same and one person. That the fact above are true the best of my Knowledge.

Sd/- Hemalata Pattnayak

**AFFIDAVIT**

By an affidavit sworn before Executive Magistrate, Puri Dtd. 21.05.2025, I, Jitu Pradhan, S/o-Laxmidhar Pradhan, Vill.-Barabati, Po-Arisal, Ps- Delang, Puri-752016, declare that I have changed my name from Jitendra Pradhan to Jitu Pradhan. Henceforth, I shall be known as Jitu Pradhan for all purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar. I, Ranjan Soren aged about 20 years S/o- Ramachandra Soren resident of At/Po-Chakradharpur, Dist- Mayurbhanj, Pin-757077 Odisha declare by this affidavit No.46 Dtd.27/05/2025 that, my father's actual name is Ramachandra Soren. But in my Passport No.S1801379 my father's name wrongly mentioned as Rama Chandra Soren. So Ramachandra Soren and Rama Chandra Soren is belongs to one and same person. Henceforth, He will be known as Ramachandra Soren for all future purposes.

** କବଲା ହଜିଯାଇଅଛି**

ଏହା ସମସ୍ତଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ମୋର ମକ୍କେଲ ଶ୍ରୀ ଶରତ କୁମାର ସାହୁ, ପିତା- ସ୍ୱର୍ଗତ ଭୋଳାନାଥ ସାହୁ, ପ୍ଲଟ ନଂ ୨୪୦, ଉମାନଗରାଡ଼ିଆ, ରସୁଲଗଡ଼, ଥାନା -ମଞ୍ଚେଶ୍ୱର, ଭୁବନେଶ୍ୱର-୭୫୧୦୧୦ର ବାସିନ୍ଦା ଅଟନ୍ତି ଓ ସେ ଦୁଇଟି ପଞ୍ଜିକୃତ ବିକ୍ରୟ କବଲା ନଂ ୧୧୦୮୧୧୩୧୧୨୪ ତାରିଖ: ୧୯.୧୨.୨୦୧୧ ଓ ବିକ୍ରୟ କବଲା ନମ୍ବର ୧୧୦୮୧୧୨୦୬୩୬ ତାରିଖ ୧୬.୦୮.୨୦୧୧, ମୌଜା- ଭୁବନେଶ୍ୱର ସହର, ୟୁନିଟ-୩୮, ପାଞ୍ଚଳା, ଖାତା ନମ୍ବର ୧୦୧୭ ପ୍ଲଟ ନଂ ୧୨୦୬/ଟି, ବିକ୍ରୟ ହୋଇଥିବା କ୍ଷେତ୍ର ୫୦.୦୩୭ ଡିସିମିଲ ଓ ଖାତା ନଂ ୧୦୫୩, ପ୍ଲଟ ନଂ ୧୧୯୧/ଟି ବିକ୍ରୟ ହୋଇଥିବା କ୍ଷେତ୍ର ୫୦.୦୧୦ ର ଏକଦେଶୀ ଅଧାରେ ଥିବା ଖାତା ନଂ ୧୩୩୦/୯୪୧୨ ମୌଜା-ଭୁବନେଶ୍ୱର ସହର, ୟୁନିଟ-୩୮, ପାଞ୍ଚଳା କେଉଁଠାରେ ହଜିଯାଇଛି । ଏ ସମ୍ପର୍କରେ ତା ୨୩.୦୫.୨୦୨୫ ରିଖରେ ମଞ୍ଚେଶ୍ୱର, ରସୁଲଗଡ଼, ଭୁବନେଶ୍ୱରରେ ଏକ ଏଫଆଇଆର ନଂ ୦୦୨ ଦାଖଲ କରାଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ବିକ୍ରୟ କବଲା ଓ ଆଖପାଖକୁ ପାଆନ୍ତି ତେବେ ଦୟାକରି ଏଡଭୋକେଟ ଏଂଟନଚମ୍, ଇଣ୍ଡିକ୍‌ସ ଦାସ ଭୁବନେଶ୍ୱରକୁ ୧୫ ଦିନ ମଧ୍ୟରେ ଅବଗତ କରିବାକୁ ଅନୁରୋଧ କରାଯାଉଛି । ଏହି କବଲାଟି ଖେଲି ମୋର ମକ୍କେଲଙ୍କ ଏକ ଲୋକର କ୍ଷତିଗ୍ରସ୍ତ କରିପାରୁ । ଯଦି ଉକ୍ତ କବଲାକୁ ଉପରେ କେହି କିଛି ଦାବି କରନ୍ତି ତେବେ ଏଡଭୋକେଟଙ୍କ ଠାରେ ଦେବା ହେବ ନାହିଁ । ଯୋଗାଯୋଗ କରନ୍ତୁ ଏଡଭୋକେଟ ଏଂଟନଚମ୍, ଇଣ୍ଡିକ୍‌ସ ଦାସ, ଭୁବନେଶ୍ୱର ।

ବିଜୁନ କେଶରୀ ପଟ୍ଟନାୟକ,
ଅଧିବକ୍ତା ମୋବାଇଲ ନଂ-୭୯୭୮୮୦୩୭୭

**AFFIDAVIT**

By virtue of an affidavit sworn before the Executive Magistrate Baripada, Dist- Mayurbhanj.I, Manisa Mohanta, aged about 20 years, D/o – Jaykrushna Mohanta, resident of AT –Bijayramchandrapur, Ward No. 21, PO–Bhanjpur, PS – Bhanjpur, Dist – Mayurbhanj, Pin – 757002,Aadhaar – 9976-4198-2231, declare that this affidavit no. 3302, dated. 21.05.2025. That, in my Aadhaar Card, my name wrongly mentioned as Monisha Mohanata instead of the real spelling Manisa Mohanta. I now need to make a necessary correction to my Aadhaar Card. henceforth, I shall be known as Manisa Mohanta for all purposes.

Sd/- Manisa Mohanta

**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ., ଟେଣ୍ଡର ନୋଟିସ ନଂ ଓ କାର୍ଯ୍ୟର ନାମ ନିମ୍ନରେ ଦିଆଯାଇଛି : ୧. ସିକେପି-ଓ୍ୱେଷ୍ଟ-୨୫-୨୬-୦୨ । ସିନିୟର ଡିଇଏନ/ଓ୍ୱେଷ୍ଟ/ସିକେପିଙ୍କ କ୍ଷମତା ଅଧୀନରେ ଥିବା ଏଲସି ନଂ. ୨୧୯, ୨୨୦,୨୨୧,୨୨୮,୨୩୬,୨୪୨,୨୪୩,୨୫୩ ଏବଂ ଏସ୍‌ସି-୬୦ରେ ଏଲ୍‌ଏଚ୍‌ଏସ/ସବ୍‌ୱେ ଠାରେ ପମ୍ପିଂ ବ୍ୟବସ୍ଥାର ସୁବିଧା । ଟେଣ୍ଡର ମୂଲ୍ୟ : ଟ. ୨୭,୩୦,୪୪୮.୪୫ । ଇଏମଡି : ଟ. ୫୪,୭୦୦/- । ୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୪ । ଏଡିଇଏନ / ବିଏନଡିଏମ୍ (ଦ୍ୱିତୀୟ କଲ)ଙ୍କ କ୍ଷମତା ଅନ୍ତର୍ଗତ ବଣ୍ଡାମୁଣ୍ଡା-ବରସୁଆଁ-କିରିବୁରୁ ମଧ୍ୟରେ ଥିବା ସମସ୍ତ ବୃହତ / କ୍ଷୁଦ୍ର ସେତୁ ଗୁଡ଼ିକର ସୁଦୃଢ଼ିକରଣ । ଟେଣ୍ଡର ମୂଲ୍ୟ : ଟ. ୪,୪୯,୨୮,୬୪୮.୬୦ । ଇଏମଡି : ଟ. ୩,୭୪,୭୦୦/- । ୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୫ । ପିଏସସି ସ୍ଲାବ୍ ବ୍ରିଜ(ଦ୍ୱିତୀୟ କଲ) କୁ ଭାଙ୍ଗିବା ୨୦ ଫୁଟ୍ ସ୍ପାନରେ କଙ୍କ୍ରିଟ ଏବଂ ଆରସିସି ଜାକେଟିଂ ଦ୍ୱାରା ବକ୍ସ ବକ୍ସ ବ୍ରିଜ ଗୁଡ଼ିକର ସୁଦୃଢ଼ୀକରଣ । ଟେଣ୍ଡର ମୂଲ୍ୟ : ଟ. ୧,୮୦,୦୩,୬୬୪.୬୪ । ଇଏମଡି : ଟ. ୨,୪୦,୦୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ପ୍ରତ୍ୟେକଟି ପାଇଁ ଟ. ୦ । ଖୋଲା ତାରିଖ : କ୍ର. ନଂ ୧ ପାଇଁ ୧୩.୦୬.୨୦୨୫ ଏବଂ କ୍ର.ନଂ. ୨ ଓ ୩ ପ୍ରତ୍ୟେକଟି ପାଇଁ ୧୬.୦୬.୨୦୨୫ । ୱେବସାଇଟ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଅପଲୋଡ ହୋଇଥିବା ଆବଶ୍ୟକ । ସୂଚନା : ଇ-ଟେଣ୍ଡର ଫର୍ମ ସମସ୍ତ ଟେଣ୍ଡରଦାତାଙ୍କୁ ମାଗଣାରେ ଉପଲବ୍ଧ କରାଯିବ (କର୍ତ୍ତୃପକ୍ଷ-ରେଳବାଇ ବୋର୍ଡଙ୍କ ପତ୍ରାଙ୍କ ନଂ. ୨୦୨୦/ ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦) । (PR-210)



TT - 04

**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**

**କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ**

**ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତୀ ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭିପ୍ସା ସୃଷ୍ଟି କରିବା ଏବଂ ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ । ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ. ୨,୦୦,୦୦୦/-ଙ୍କାର ଅର୍ଥରାଶି ୨୦୨୫ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୪ ମସିହା ଜାନୁଆରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ । ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ ସୁପାରିସ ଗୁଡିକ ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା. ୨୦.୦୬.୨୦୨୫ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.sportsodisha.gov.in ରେ ଉପଲବ୍ଧ ଅଟେ ।

ନିର୍ଦ୍ଦେଶକ,
କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

OIPR : 29001/11/0083/2526



**GOVERNMENT OF ODISHA : OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST: KORAPUT.**

**e-Procurement Notice**

**Bid Identification No. SEUKID-01/2025-26 Dated: 22.05.2025**

**A-216 :** Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in**

| | | | |
|---|---|---|---|
| 1. | Name of the Work | : | Civil Works |
| 2. | No. of Works | : | 16 Nos |
| 3. | Estimated Cost | : | Rs.7.36 Lakhs to Rs.11.84 Lakhs |
| 4. | Period of completion | : | Two calendar months |
| 5. | Date & Time of Bidding | : | From 11.00 hours of 28.05.2025 Up to 17.00 hours of 09.06.2025 |
| 6. | Last date & time for receipt of bids in portal | : | 09.06.2025 up to 17.00hours. |
| 7. | Bids received online shall be opened on | : | 11.00 hours of 10.06.2025 |
| 8. | Name and address of the officer inviting Bid | : | Superintending Engineer, Upper Kolab Irrigation Division, Borigumma (K) |

Further details can be seen from the **www.tendersodisha.gov.in.**
Addendum/corrigendum/cancellation required, if any will be published in Govt. Website only.

Sd/- Superintending Engineer,
Upper Kolab Irrigation Division,
Borigumma (K)

OIPR : 32482/11/0010/2526



**Government of Odisha "e" procurement Notice**

**Bid Identification No. PWDK- 05/2025-26**

B-154

**No. G2/5185 Dt. 23.05.2025**
**e-mail: eepwdkeonjhar@yahoo.com**

| | | | |
|---|---|---|---|
| 1 | No. of the work | : | 01 No. Civil Work and 03 Nos. Electrical Works. |
| 2 | Estimated cost | : | From Rs. 7.49 Lakh to Rs. 35.20 Lakh |
| 3 | Period of completion | : | From 01 (One) to 04 (Four) Calendar Month. |
| 4 | Date and Time of availability of Bid document in the portal: | : | From 10.00 Hr 03.06.2025 to 17.00 Hr of 12.06.2025 |
| 5 | Last date / Time for receipt of bids in the portal | : | 17.00 Hr of 12.06.2025 |
| 6 | Date of opening of Bid from Portal | : | 10.00 Hr of 13.06.2025 |
| 7 | Name and address of the officer inviting Bid | : | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**

Sd/-Superintending Engineer
Keonjhar (R&B) Division

OIPR : 34004/11/0032/2526



**GOVT. OF ODISHA : ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA, DIST- MAYURBHANJ**
**E-PROCUREMENT NOTICE**
**BID IDENTIFICATION NO. - 02/2025-26**
**e-mail -itdakja@nic.in / itdakaranjia@gmail.com**
**No 821 Dtd. 23.5.25**

**CAD-533 :** Bid Documents consisting of Work , Estimated Costs, Cost of Tender Papers , EMD, Time of completion , Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e. www.tendersorissa.gov.in

| | | | |
|---|---|---|---|
| 1 | No. of work | : | 23 (Twenty three ) Nos. |
| 2 | Estimated cost | : | Varies from 15.00 lakh to 35.00 Lakh. |
| 3 | Period of completion | : | Varies from 4 calendar months to 6 Calendar months. |
| 4. | Date & Time of availability of the Bid documents | : | From 10 AM of 29th May 2025 to 11th June 2025 upto 5 P.M. |
| 5. | Last date & time of receipt of Bids in the portal | : | Dt. 11th Day of June 2025 upto 5 P.M. |
| 6. | Bids received online shall be opened on | : | Dt. 13th Day of June , 2025- 11 A.M. onwards |
| 7. | Name and address of the Officer inviting Bids | : | Project Administrator, ITDA, karanjia |

Further details can be seen / downloaded from the procurement portal i.e . **www.tendersorissa.gov.in**

Sd/- Project Administrator
I.T.D.A, Karanjia

OIPR : 19007/11/0007/2526



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR** E-mail ID : cebuildings_orissa@yahoo.co.in cebuildings@rediffmail.com Tel.-(0674) 2391523
**INVITATIONS FOR BIDS (IFB)**

B-156

**File No.-B-I-Tourism-15/2023 Lr. No. 20451 Bhubaneswar, the 23rd May, 2025**
**Invitation for Bids**
**Bid Identification No. C.E. (B) - 07/2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **"Infrastructure Development of Devkund in Mayurbhanj District"** as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Bid Cost | : | Rs. 10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt. 04.06.2025 to 17.00 Hours of dt. 19.06.2025 |
| 7. | Date of Opening of Bid | : | Dt. 20.06.2025 at 11.30 AM. |
| 8. | The Bidders have to participate in ONLINE bidding only. Further details can be seen from the website : **https;//tendersodisha.gov.in.** Any addendum / corrigendum / cancellation of tender can also be seen in the said website only. | | |

Sd/- Chief Engineer (Buildings-I), Odisha,
Bhubaneswar

OIPR : 34117/11/0095/2526



**OFFICE OF THE PANCHAYAT SAMITI, RANGEILUNDA,GANJAM**
**TENDER CALL NOTICE: 2024-25 DATED:**
**INVITATION FOR COMPETITIVE BIDDING**
**Bid Notice No:-05/2024-25 Datcd:23/05/2025**

**I-125 :** The Block Development Officer, Rangeilunda on behalf of Govt. Of Odisha, Invites scaled tender in confirming with the sealed tender call notice ( D.T.C.N) from the Registered contractor of the state PWD or equivalent class of CPWD /Railway/MES/Central Govt /State Govt. Undertaking for the following works to be eventually drawn up in the percent rate contract from ( P-1). Registered Contractor of Class C & B can obtain tender documents for the work either from Office of the Panchayat Samiti, Rangeilunda or from the official website (http//www.ganjam.nic.in) in all working days during office hours from 23.05.2025 to 13.06.2025. The tender will be opened by the BDO, Rangeilunda. on 16.06.2025 at 03.00 PM in the presence of the tenderer or their authorized representative. The tender will be received in the Office of the BDO, Rangeilunda, Ganjam, within the stipulated date and time by registered post /Speed Post.

| Sl No. | Name of the Wotk | Amount put to Tender (in Rs.) | EMD in Rs. (1% of tender value) | Eligibility of Contractor | Time of Completion | Cost of Tender Paper (Non-Refundable) |
|---|---|---|---|---|---|---|
| 1. | Construction of Boys' Common Room at City Junior College, Berhampur | 19,11,674.00 | 19,200.00 | Class C & B | 6 Months | Rs. 6000.00 +18% GST (Non refundable) |
| 2. | Construction of Girls' Common Room at City Junior College, Berhampur | 19,11,674.00 | 19,200.00 | Class C & B | 6 Months | Rs. 6000.00 +18% GST (Non refundable) |
| 3. | Construction of Hygienic Toilet at Gopalpur College. | 20,83,894.00 | 20,900.00 | Class C & B | 6 Months | Rs. 6000.00 +18% GST (Non refundable) |
| 4. | Construction of Additional Classroom at Gopalpur College | 36,28,963.00 | 36,300.00 | Only Class B | 6 Months | Rs. 6000.00 +18% GST (Non refundable) |

OIPR : 19424/11/0007/2526
Sd/- Block Development Officer, Rangeilunda



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE, SAMAGRA SHIKSHA, JAJPUR**
**(Dept. of School and Mass Education, Govt, of Odisha)**
**AT/PO- Baidyarajpur, Jajpur, Odisha, PIN- 755001;**
**Email- dpcjajpurssa.opepa@nic.in**

n-49

**No. 1611/Ped/ 2025** **Dated. :23 /05 / 2025**

**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

Sealed tenders under two bid systems are invited from the reputed Agency/Supplier/Manufacturer having valid PAN, GST & IT clearance, registration of firm etc for supply of Teaching Learning Materials for Sishu Vatika and for Grade I, II & III students of all Government schools for the Academic Year 2025-26. The tender papers ( bid documents ) containing detailed specification with terms and conditions, application of Technical Bid & application of Financial Bid can be obtained by downloading from the website i.e. **www.jajpur.odisha.gov.in.** and **www.osepa.odisha.gov.in.** The last date and time for receiving of tender paper is 06.06.2025 at 1.00 P.M and will be opened on 06.06.2025 at 3.00 PM in the office of the DPO, SS, Jajpur in presence of tenderers or their authorized representatives. Corrigendum/addendum if required will be uploaded in the above web sites. The authority reserves the right to reject any or all the tenders without assigning any reasons thereof.

By order of Collector-cum-Chairman, SS, Jajpur
Sd/- DEO-cum-DPC, SS, Jajpur

OIPR : 27170/11/0005/2526

# ସରକାରୀ ଜମି ଜବର ଦଖଲ ଉଚ୍ଛେଦ ଦାବି କଲେ ଗ୍ରାମବାସୀ



ଖୋର୍ଦ୍ଧା, (ସବ୍ୟୁ) : ସ୍ଥାନୀୟ ପୌରାଂଚଳ ଅନ୍ତର୍ଗତ ଜେମାଦେଇ ଠାରେ କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରିଛନ୍ତି । ଫଳରେ ଗ୍ରାମବାସୀଙ୍କ ଯାତାୟତରେ ଅସୁବିଧା ହେବାରୁ ସେମାନେ ପ୍ରତିବାଦ କରିବାରେ ଜବରଦଖଲକାରୀମାନେ ସେମାନଙ୍କୁ ଭୟବୀତ କରାଉଛନ୍ତି । ତେଣୁ ଗ୍ରାମବାସୀ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

ଖୋର୍ଦ୍ଧା ପୌରାଂଚଳ ଅନ୍ତର୍ଗତ ଜେମାଦେଇ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମର କିଛି ବ୍ୟକ୍ତି ସରକାରୀ ଜମି ତଥା ଜେମାଦେଇ ମୌଜାର ଖାତାନଂ-୨୮୯, ପ୍ଲଟ ନଂ-୭୯୨, ଏରିଆ ୦.୪୯୫ଡି, କିସମ - ପୁରାତନ ପତିତ, ପ୍ଲଟ ନଂ ୭୯୪ ଏରିଆ ଏ୦.୧୯୦ଡି, ଓ ୭୯୭ଏରିଆ ଏ୧.୫୩୫ଡି କିସମ ପୁରାତନ ପତିତ ଜମି କୁ ଗବରଦଖଲ କରି ସେଥିରେ ବର୍ତମାନ ନିଅଁ ଖୋଳି ଗୃହ ନିର୍ମାଣ କାର୍ଯ୍ୟ କରୁଛନ୍ତି ।ଉକ୍ତ ସରକାରୀ ଜମିକୁ ଗ୍ରାମବାସୀ ଜେମାଦେଇ ଗ୍ରାମବାସୀମାନେ ରାସ୍ତା ରୂପେ ବ୍ୟବହାର କରିବା ସହିତ ଗ୍ରାମର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରି ଆସୁଥିଲେ । ମାତ୍ର ଏବେ ସେଠାରେ ଗୃହନିର୍ମାଣ କାର୍ଯ୍ୟ ହେବାରୁ ଗ୍ରାମବାସୀମାନେ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ପୂର୍ବରୁ ତହସିଲଦାରଙ୍କ ତରଫରୁ ଉକ୍ତ ଜମିକୁ ଜବର ଦଖଲ ମୁକ୍ତ କରିବା ପାଇଁ ନୋଟିସ୍ ଦିଆଯାଇଥିଲା । ଯାହାର ପି.ଆର ନଂ ୫୩/୨୦୨୫ ତା୩୦.୦୧.୨୦୨୫ ରେ ହୋଇଥିଲା । କିନ୍ତୁ ତହସିଲଦାରଙ୍କ ଆଦେଶକୁ ସେମାନେ ଭ୍ରୁକ୍ଷେପ ନ କରି ଜବର ଦଖଲ କରିଅଛନ୍ତି । ସେମାନଙ୍କୁ ଉକ୍ତ ସରକାରୀ ଜମିରେ ନିର୍ମାଣ କାର୍ଯ୍ୟ କୁ ଗ୍ରମାବାସୀ ବିରୋଧ କଲେ ଜବର ଦଖଲକାରୀମାନେ ସରକାରୀ ଉଚ୍ଚପଦସ୍ତ ଅଧିକାରୀ ଥିବାରୁ ତମେ କିଛି କରିପାରିବନି ବୋଲି କହିବା ସହ ଆମ୍ଭ ବିରୁଦ୍ଧରେ କୌଣସି ଠାରେ କିଛି ଫେରାଦ୍ ହେଲେ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି । ଏପରିକି ସେମାନଙ୍କ ଧମକ ରେ ଗ୍ରାମବାସୀ ଭୟବୀତ ଥିବା କହିଛନ୍ତି । ଏଣୁ ଉକ୍ତ ସରକାରୀ ଜମିରେ ହେଉଥିବା ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହିତ ଏହାକୁ ଜବରଦଖଲ ମୁକ୍ତ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡର
## ଚତୁର୍ଥ ତ୍ରୟମାସିକରେ ରାଜସ୍ୱ ଆୟ ଚାରିଗୁଣରୁ ଅଧିକ

ଭୁବନେଶ୍ୱର (ସବ୍ୟୁ): ଭାରତରେ ପ୍ରାକୃତିକ ପଥରଗୁଡିକର ଏକ ଅଗ୍ରଣୀ ପ୍ରକ୍ରିୟାକରଣକାରୀ ଏବଂ ଟ୍ରେଡର ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ତାହାର ବ୍ୟବସାୟିକ କାର୍ଯ୍ୟକଳାପରେ ରୂପାନ୍ତରଣ ଆଣିଛି, ଏବଂ ତାହା ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକ ନିମନ୍ତେ ଆର୍ଥିକ ଫଳାଫଳରେ ପ୍ରତିଫଳିତ ହୋଇଛି। କମ୍ପାନୀ ଗତବର୍ଷ ଚତୁର୍ଥ ତ୍ରୟମାସିକରେ ୬.୪୩ କୋଟି ଟଙ୍କା କ୍ଷତି କରିଥିବାବେଳେ ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକରେ ୫.୯୭ କୋଟି ଟଙ୍କା ନେଟ ଲାଭ ଉପାର୍ଜନ କରିଛି। ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ଚାରିଗୁଣରୁ ଅଧିକ ବୃଦ୍ଧିପାଇ ୧୬.୬୬ କୋଟି ଟଙ୍କା ହୋଇଛି, ଯାହା ଆର୍ଥିକ ବର୍ଷ୨୪ର ଚତୁର୍ଥ ତ୍ରୟମାସିକରେ ୩.୦୧ କୋଟି ଟଙ୍କା ହୋଇଥିଲା, ଏବଂ ଏହାଦ୍ୱାରା ପୂର୍ବବର୍ଷର ଚତୁର୍ଥ ତ୍ରୟମାସିକ ତୁଳନାରେ ଆର୍ଥିକ ବର୍ଷ୨୫ର ସେହି ସମୟରେ କମ୍ପାନୀର ରାଜସ୍ୱ ଆୟରେ ୪୫୩% ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ନେଟ ୮.୫୩ କୋଟି ଟଙ୍କା ଲାଭ ଉପାର୍ଜନ କରିଥିବା ପ୍ରକାଶ କରିଛି, ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୩-୨୪ରେ ଏହା ୬.୪୮ କୋଟି ଟଙ୍କା ନେଟ କ୍ଷତିର ସମ୍ମୁଖୀନ ହୋଇଥିଲା। ଆର୍ଥିକ ବର୍ଷ୨୪ରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ୩.୬୪ କୋଟି ଟଙ୍କା ଥିବାବେଳେ ଆର୍ଥିକ ବର୍ଷ୨୫ରେ ତାହା ୪୭୬% ବୃଦ୍ଧିପାଇ ୨୧.୦୨ କୋଟି ଟଙ୍କା ହୋଇଛି।

## କୁଖ୍ୟାତ ଲୁଟେରା ଗିରଫ
# ୨୫ ମୋବାଇଲ ଜବତ



ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ପୋଲିସ ଜଣେ କୁଖ୍ୟାତ ଲୁଟେରାକୁ ଗିରଫ କରିବା ସହ ତା'ନିକଟରୁ ୨୫ଟି ଲୁଟ୍ ମୋବାଇଲ ଜବତ କରିଛି । ଗିରଫ ଲୁଟେରା ନାରେ ଖଣ୍ଡଗିରି, ନୟାପଲ୍ଲୀ, ଇନ୍ଫୋସିଟି ଥାନାରେ ୨୧ଟି ମାମଲା ଥିବା ପୋଲିସ କହିଛି ।

ବରମୁଣ୍ଡା ପାଇକରାୟ ସାହିର ଲୁଟେରା ମିଥୁନ ପାଇକରାୟ (୨୮)କୁ ପୋଲିସ ଗିରଫ କରିଛି ଏକ ମୋବାଇଲ ଲୁଟ୍ ଅଭିଯୋଗ ଆଧାରରେ । ରଙ୍କନିଧି ସାହୁ ନାମକ ଜଣେ ବ୍ୟକ୍ତି ୨୫ ତାରିଖରେ ଅଭିଯୋଗ କରିଥିଲେ ଯେ, ବରମୁଣ୍ଡାରୁ ରସୁଲଗଡ ଆସୁଥିବା ବେଳେ ସେହି ଅଟୋରେ ମିଥୁନ ଆସିଥିଲା । ଏତଲାକାରୀଙ୍କୁ ସେ ଅନୁରୋଧ କରି କହିଥିଲା ଯେ, ଏକ ଜରୁରୀ କଲ୍ କରିବି ଟିକେ ମୋବାଇଲ ଦେବ କି ? ଏହା ଶୁଣି ବାଙ୍କନିଧି ଫୋନ୍ ଦେଇଥିଲେ । ଅଟୋ ଟିକେ ସ୍ଲୋ ହେବା ଦେଖି ଲୁଟେରା ମିଥୁନ ଅଟୋରୁ ଖସିପଡିଥିଲେ । ସେ ଜାଣିଶୁଣି ଏପରି କରି ମୋବାଇଲ ନେଇ ଚମ୍ପଟ ହୋଇଯାଇଥିଲା ।

ପୋଲିସ ଏତଲା ପାଇବା ପରେ ମିଥୁନ ଘରେ ଚଢାଉ କରି ତାକୁ ଗିରଫ କରିବା ସହ ତା'ନିକଟରୁ ୨୫ଟି ଚୋରା ମୋବାଇଲ ଫୋନ୍ ଜବତ କରିଛି । ସେଥିମଧ୍ୟରେ ଲକ୍ଷାଧିକ ଟଙ୍କା ଲେଖାଏଁ ଦାମ୍‌ର ବହୁ ଆଇଫୋନ୍ ଥିବା ପୋଲିସ କହିଛି । ଗିରଫ ମିଥୁନକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବୃଦ୍ଧାଙ୍କ ଉଲଗ୍ନ ଅବସ୍ଥାରେ ଥିବା ରକ୍ତାକ୍ତ ମୃତ ଦେହ ଉଦ୍ଧାର ଘଟଣା
# ଡକାୟତି ପାଇଁ ହତ୍ୟା: ହତ୍ୟାକାରୀ ଗିରଫ

କଟକ,(ସବ୍ୟୁ): ବାରଙ୍ଗ ଥାନା ଠାରୁ ଅଳ୍ପ ଦୂରରେ ଥିବା ଏକ ଆଜବେଷ୍ଟସ ଘର ଭିତରୁ ଜଣେ ବୃଦ୍ଧାଙ୍କ ଉଲଗ୍ନ ଅବସ୍ଥାରେ ଥିବା ରକ୍ତାକ୍ତ ମୃତ ଦେହକୁ ପୁଲିସ ଉଦ୍ଧାର କରିଥିଲା । ବୃଦ୍ଧା ମହିଳାଙ୍କୁ କେହି ପିଟିପିଟି ହତ୍ୟା କରିଥିବା ନେଇ ଥାନାରେ ତାଙ୍କ ପୁଅ ବିଭୂତିଭୂଷଣ ବେହେରା ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ମୃତ ବୃଦ୍ଧା ଜଣକ ହେଉଛନ୍ତି, ଉତ୍ତମା ବେହେରା ଓରଫ ବାସନ୍ତୀ(୭୫) । ୬ଦିନର ତଦନ୍ତ ପରେ ମଙ୍ଗଳବାର କମିଶନରେଟ୍ ପୁଲିସ ହତ୍ୟାକାରୀକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗଣ୍ଡରପୁର ଗାଁର ଜମୁନା ରାଉତ(୨୮) ତାକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି । ବାରଙ୍ଗ ଆନନ୍ଦ ବଜାରରେ ଏକା ରହୁଥିବା ବୃଦ୍ଧା ବାସନ୍ତୀଙ୍କ ଘରୁ ଡକାୟତି କରିବାକୁ ଅଭିଯୁକ୍ତ ଜମୁନା ପୂର୍ବରୁ ରେକି କରିଥିଲା । ବାସନ୍ତୀଙ୍କ ପାଖରେ କିଛି ଟଙ୍କା ଓ ସୁନା ଅଳଙ୍କାର ରହିଥିବା ନେଇ ସେ ସୂଚନା ପାଇଥିଲା । ଯେହେତୁ ବୃଦ୍ଧାଙ୍କ ପୁଅ, ବୋହୂ ଓ ନାତି/ନାତୁଣୀ ପାଖରେ ରହୁନଥିଲେ, ତାଙ୍କୁ ଜୀବନରୁ ମାରି ଦେଇ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେବା ସହଜ ହେବ ବୋଲି ଜମୁନା ଯୋଜନା ପ୍ରସ୍ତୁତ କରିଥିଲା । ଏହି ହତ୍ୟାକାଣ୍ଡ ପାଇଁ ସେ ଛୁରୀ ବଜାରରୁ କିଣିଥିଲା । ପୂର୍ବ ପ୍ରସ୍ତୁତି ମୁତାବକ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଲୋକ ଚଳାଚଳ ତଥା ଗହଳି କମିଗଲା ପରେ ନିର୍ଜନରେ ଏକ ସାଇକେଲ୍‌ରେ ଜମୁନା ଆସି ବାସନ୍ତୀଙ୍କ ଘର ବାହାରେ ପହଞ୍ଚି ଥିଲା । କବାଟ ବାରମ୍ବାର ବାଡେଇବା ପରେ ଭିତରୁ ବୃଦ୍ଧା ଜଣକ କବାଟ ଖୋଲି ଦେଇଥିଲେ । ଏହାପରେ ଅତର୍କିତ ଭାବେ ଛୁରୀରେ ଜମୁନା ଆକ୍ରମଣ କରିଥିଲା । ପେଟ ଓ ଛାତିକୁ ବାରମ୍ବାର ଛୁରୀ ଭୁସିଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ଅଭିଯୁକ୍ତ ଘର ଭିତରେ ଥିବା ଟଙ୍କା ଓ ସୁନା ଅଳଙ୍କାର ନେଇ ଫେରାର୍ ହୋଇଯାଇଥିଲା । ଏହା ପରେ ପୁଲିସ, ସାଇଣ୍ଟିଫିକ ଓ ଡଗ୍ ସ୍କ୍ୱାର୍ଡ ଟିମ୍ ନେଇ ତଦନ୍ତ ଆରମ୍ଭ କରିଥିଲା । ମୁଖ୍ୟତଃ ସାଇବର ଏକ୍ସପର୍ଟଙ୍କ ଜରିଆରେ ତଦନ୍ତ ଆଗକୁ ବଢିଥିଲା । ସ୍ଥାନୀୟ ଅଞ୍ଚଳର ସିସିଟିଭି ଓ ଅଭିଯୁକ୍ତର କଲ୍ ଡିଟେଲ୍ସ ଯାଞ୍ଚ ପରେ ଘଟଣା ସାମ୍ନାକୁ ଆସିଥିଲା । ଡକାୟତି ଉଦ୍ଦେଶ୍ୟରେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍ଦେଓ ସୂଚନା ଦେଇଛନ୍ତି ।

## ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ
# ପ୍ରତିମାସରେ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ସଚିବଙ୍କ ପରାମର୍ଶ

ଭୁବନେଶ୍ୱର, ୨୭.୦୫.୨୦୨୫ ସଚିବସ୍ତରୀୟ ବୈଠକ ଆଜି ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ୨୦୨୫-୨୬ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ ଚଳିତ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଗତବର୍ଷ ତୁଳନାରେ ଚଳିତ ବର୍ଷ ଅପ୍ରେଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ଘଟିଛି । ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗମାନେ ନିଜ ନିଜ ସ୍ତରରେ ପ୍ରତିମାସରେ କାର୍ଯ୍ୟ ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ୍ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।



ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ଦେଓ ରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

# ତୁଳସୀରାମ ଅଗ୍ରୱାଲ ତୃତୀୟଥର ପାଇଁ ଆର୍‌ଏସ୍‌ଏଫ୍‌ଆଇର ସଭାପତି ନିର୍ବାଚିତ

ଭୁବନେଶ୍ୱର, (ସବ୍ୟୁ) : ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି ରୋଲର ସ୍କେଟିଂ ଫେଡ଼େରେସନ ଅଫ୍ ଇଣ୍ଡିଆ (ଆର୍‌ଏସ୍‌ଏଫ୍‌ଆଇ)ର ନିର୍ବାଚନ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳାହାଣ୍ଡିର କେସିଙ୍ଗାର ମୂଳ ବାସିନ୍ଦା ତୁଳସୀ ରାମ ଅଗ୍ରୱାଲଙ୍କୁ ଚାରି ବର୍ଷ ପାଇଁ ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ତୃତୀୟ ଥର ପାଇଁ ସଭାପତି ଭାବରେ ନିର୍ବାଚିତ କରାଯାଇଛି ।



ଆର୍‌ଏସ୍‌ଏଫ୍‌ଆଇ ହେଉଛି ଭାରତରେ ରୋଲର ସ୍ପୋର୍ଟସକୁ ପରିଚାଳନା କରିବା ପାଇଁ ସର୍ବୋଚ୍ଚ ସଂସ୍ଥା କ୍ରୀଡା ମହାସଂଘ, ଯାହାର ୩୦ଟି ଅନୁବନ୍ଧିତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଅଛି ଏବଂ ଏହାର ଏକ ବଡ଼ ଆଧାର ୨.୫ ଲକ୍ଷରୁ ଅଧିକ ପଞ୍ଜିକୃତ ସ୍କେଟର ଅଛନ୍ତି । ରୋଲର ସ୍ପୋର୍ଟସର ଅଧୀନରେ ୧୩ ଟି ବିଷୟ ଅଛି, ଯେପରିକି ସ୍ପିଡ୍ ସ୍କେଟିଂ, କଳାତ୍ମକ, ରୋଲର ହକି/ଇନ-ଲାଇନ୍ ହକି ଏବଂ ସ୍କେଟ ବୋର୍ଡିଂ ଯାହା ଏକ ଅଲିମ୍ପିକ ସ୍ପୋର୍ଟ ଅଟେ । ୨୦୨୩ରେ ଚୀନରେ ଅନୁଷ୍ଠିତ ଶେଷ ଏସୀୟ କ୍ରୀଡ଼ାରେ, ଭାରତ ରିଲେ ଦୌଡ଼ରେ ୨ଟି କାଂସ୍ୟ ପଦକ ଜିତିଥିଲା । ଅଗ୍ରୱାଲଙ୍କ ନେତୃତ୍ୱରେ ଏସୀଆ ସ୍ତରରେ ରୋଲର ସ୍ପୋର୍ଟସ୍ ଏକ ବଡ଼ ସଫଳତା ହାସଲ କରିବା ସହ ଗର୍ବର ସ୍ଥାନ ହାସଲ କରିପାରିଛି ଏହା ସହ ବିଶ୍ୱ କ୍ରୀଡାରେ ସ୍ପିଡ୍ ସ୍କେଟିଂ / କଳାରେ ରୌପ୍ୟ ଏବଂ ସ୍ୱର୍ଣ୍ଣ ପଦକ ଜିତି ମଧ୍ୟ ଗୌରବ ହାସଲ କରିଛି । ଓଡ଼ିଶା ଜାତୀୟ ସ୍ତରରେ ମଧ୍ୟ ନିଜର ଛାପ ସୃଷ୍ଟି କରିବା ଆରମ୍ଭ କରିଛି, ସଂଲଗ୍ନ ରାଜ୍ୟ ଆନ୍ଧ୍ର ପ୍ରଦେଶରେ ଥିବା ବିଶ୍ୱସ୍ତରୀୟ ରୋଲର ସ୍ପୋର୍ଟସ୍ ଭିତ୍ତିଭୂମି ଭଳି ଏଠାକାର ରୋଲର ସ୍ପୋର୍ଟସ୍ର ଆହୁରି ଉନ୍ନତ ଏବଂ ପ୍ରଗତି ପାଇଁ ଭଲ ଅତ୍ୟାଧୁନିକ ଅନ୍ତର୍ଜାତୀୟ ମାନକ' ରୋଲର ସ୍ପୋର୍ଟସ୍ ଭିତ୍ତିଭୂମି ଆବଶ୍ୟକ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି
# ୪୨ଟି ଅଭିଯୋଗର ତ୍ୱରିତ ସମାଧାନ ନିର୍ଦ୍ଦେଶ



କଟକ ,(ସବ୍ୟୁ)ନିଆଳି ବ୍ଲକଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଛ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୯ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୮୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୨ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଏନ୍‌ଏସି ଦାୟିତ୍ୱରେ ରହିଲେ ବିଡିଓ

ଖଣ୍ଡପଡା,(ସବ୍ୟୁ) : ନୟାଗଡ଼ଜିଲ୍ଲା ଖଣ୍ଡପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଂଜନ କୁମାର ଧଳ ଜଣେ ଠିକାଦାରଙ୍କ ଠାରୁ ୨୦ ହଜାର ଟଙ୍କା ଲାଂଚ ନେବା ବେଳେ ଗତ ୧୬ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଭିଜିଲାନ୍ସ ଟିମ ହାତରେ ଧରାପଡି ଜେଲ ଯିବା ପରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀଟି ଖାଲି ପଡିଥିଲା । ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ସୁପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଖଣ୍ଡପଡା ବିଡିଓ ଅଙ୍କୁର ଅଭିଲାଷଙ୍କୁ ଏବେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟୀତ୍ୱ ପ୍ରଦାନ କରାଯାଇଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି ।

## ଉପକୂଳ ରାଜପଥ ନିର୍ମାଣ ଟେଣ୍ଡର ବାତିଲ ରାଜ୍ୟବାସୀଙ୍କ ପାଇଁ ଏକ ଧୋକା : ବିଜେଡି
# ଚାରି ଲେନ ରାସ୍ତାରୁ ଦୁଇ ଲେନ କରିବା ଗ୍ରହଣୀୟ ନୁହେଁ

ଭୁବନେଶ୍ୱର, (ସବ୍ୟୁ): ଏନଏଚଏଆଇ ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉଚ୍ଚାଭିଳାଷୀ ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରାଯିବାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ପ୍ରକଳ୍ପର ଭିତ୍ତିପ୍ରସ୍ତରକୁ ଇତି ମଧ୍ୟରେ ଦଶ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ ଓ ଏବେ ଟେଣ୍ଡର ବାତିଲ ପରେ, ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖା ଦେଇଛି । ତେଣୁ, ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ବିଜେଡି କହିଛି ।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଥିଲେ, କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଭାରତମାଳା ପ୍ରକଳ୍ପର ଅଂଶ ଭାବେ, ଓଡ଼ିଶାରେ ପ୍ରାୟ ୪୧୩ କିଲୋମିଟର ଲମ୍ବର ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା, ଜୁଲାଇ ୯ ତାରିଖରେ, ପିପିଲି ଠାରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଘୋଷଣା କରିଥିଲେ । ଏହି ପ୍ରକଳ୍ପ ସହିତ, ରତନପୁର ଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ପ୍ରକଳ୍ପ ନିର୍ମାଣ ହେଲେ, ରାଜ୍ୟର ଭିତ୍ତିଭୂମି, ଗମନା ଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା । ପରବର୍ତ୍ତୀ ସମୟରେ, ଏହି ପ୍ରକଳ୍ପର ଦୂରତା ୪୧୩ କିମିରୁ ୩୪୬ କିମିକୁ କମାଇ ଦିଆଯାଇଥିଲା । ରାମେଶ୍ୱର ଠାରୁ ରତନପୁର ପର୍ଯ୍ୟନ୍ତ ୧୭୬ କିମି ଚାରି ଲେନ ବିଶିଷ୍ଟ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଅପରପକ୍ଷରେ, ରତନପୁର ଠାରୁ ୧୭୦ କିମି ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି ସ୍ତରରେ ଅଟକି ରହିଛି । ଏହି ପ୍ରକଳ୍ପର କାମ ଆଗେଇବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ, ଟେଣ୍ଡରକୁ ଅଚାନକ ବାତିଲ କରିବା, ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି । ଶ୍ରୀ ଦାସବର୍ମା କହିଥିଲେ, ଏହି ଟେଣ୍ଡରକୁ ବାତିଲ କରିବା ପାଇଁ ପ୍ରଶାସନିକ କାରଣ ଦର୍ଶାଯାଇଥିଲେ ମଧ୍ୟ ବିଶେଷକରି ପ୍ରକଳ୍ପର ପୁନଃଆକଳନ ପରେ ପ୍ରକଳ୍ପର ଡାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି । ଆରମ୍ଭରୁ, ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ଚାରି ଲେନ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା ଓ ସେହି ହିସାବରେ ଟେଣ୍ଡର ଆହ୍ୱାନ ମଧ୍ୟ କରାଯାଇଥିଲା । କିନ୍ତୁ, ପ୍ରକଳ୍ପର ପୁନଃଆକଳନ ପରେ, ଏହାକୁ ଦୁଇ ଲେନ କରାଯିବ ବୋଲି ସୂଚନା ମିଳିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରନ୍ତୁ ଓ ଏହି ପ୍ରକଳ୍ପ କିପରି ପୂର୍ବ ଯୋଜନା ଅନୁଯାୟୀ ଚାରି ଲେନ ବିଶିଷ୍ଟ ହେବା ସହିତ ଶୀଘ୍ର ସମ୍ପୂର୍ଣ୍ଣ ହେବ, ତାହା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଦାସବର୍ମା କହିଥିଲେ ।

## ସୁପ୍ରିମକୋର୍ଟ ଓକିଲ ଜଗତମୋହନ ସିଂହ ସମ୍ମାନିତ

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପୃଷ୍ଠପୋଷକ ତଥା ସୁପ୍ରିମକୋର୍ଟ ଓକିଲ ଜଗତମୋହନ ସିଂହଙ୍କୁ ସମ୍ମାନୀତ କରାଯାଇଛି। ଆଇନ୍‌ର ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଏକ ବିସ୍ତୃତ ଆଡ଼ଭୋକେଟ ପ୍ରାକ୍ଟିସିଂ ଭାବରେ ଆଇନ୍‌ର ଫିଲ୍ଡ ,ଉତ୍ସର୍ଗ ଓ ଅତିରିକ୍ତ ଯୋଗଦାନ ପାଇଁ ପ୍ଲେକ ଅଫ ଅନର ଶ୍ରୀସିଂହଙ୍କୁ ଅଲ୍ ଇଣ୍ଡିଆନ କାଉନସିଲ ଅଫ ଜୁରିଷ୍ଟ ଓ ଅଲ୍ ଇଣ୍ଡିଆ ବାର ଆସୋସିଏସନ ପକ୍ଷରୁ ପ୍ରଦାନ କରାଯାଇଛି। ଶ୍ରୀସିଂହ ବିଟିପୁର ଗ୍ରାମର ସ୍ୱର୍ଗତ କିଶୋରୀ ମୋହନ ସିଂହଙ୍କ ପୁଅ ଅଟନ୍ତି। ଏହି ସମ୍ମାନ ତାଙ୍କୁ ଆଗକୁ ଯିବା ପାଇଁ ଅଧିକ ସହାୟକ ହେବ ବୋଲି ଜଗତମୋହନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଓଡିଶାରେ ମାନବାଧିକାର ଉଲ୍ଲଂଘନ
# ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନା ଚକ୍ର



କଟକ,(ସବ୍ୟୁ) :ସେଣ୍ଟର୍ ଫର ଡେମୋକ୍ରାଟିକ ରାଇଟସ୍ ଆଣ୍ଡ ସିକ୍ୟୁଲାରିଜିମ ( ସିପିଡିଆରଏସ) ପକ୍ଷରୁ ଗାନ୍ଧୀ ଭବନ ଠାରେ ଓଡ଼ିଶାରେ ମାନାବାଧିକାର ଉଲ୍ଲଂଘନ ଓ ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନା ସଭା ଅନୁଷ୍ଠୀତ ହୋଇଛି । କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲ୍ ର ଅବସରପ୍ରାପ୍ତ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସିପିଡିଆରଏସ୍ ର ସର୍ବଭାରତୀୟ ଉପଦେଷ୍ଟା ଦ୍ୱାରିକାନାଥ ରଥ ମୁଖ୍ୟ ଅତିଥି ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ କ୍ଷୀରୋଦ କୁମାର ରାଉତ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ସଙ୍ଗଠନର ରାଜ୍ୟ ଆବାହକ ବିଶ୍ୱାବସୁ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଓଡ଼ିଶା ସମେତ ସମସ୍ତ ଦେଶରେ ନାଗରିକ ମାନଙ୍କର ବାକ୍ ସ୍ୱାଧୀନତା, ସାମ୍ବିଧାନିକ ଅଧିକାର ଓ ମାନବାଧିକାର ଗୁରୁତର ଭାବରେ ରାଷ୍ଟ୍ର ଦ୍ୱାରା ଉଲ୍ଲଂଘନ ହେଉଥିବାରୁ ସଭାରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ମାନବାଧିକାର ର ସୁରକ୍ଷା ଓ ଏହାର ସମ୍ପ୍ରସାରଣ ପାଇଁ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ କରିବାପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଯୁବ ଆଇନଜୀବୀ ସାଇ ସୁମନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଫ୍ଲାଗସିପ୍ ଇଲେକ୍ଟ୍ରିକ୍ ସ୍କୁଟର ପ୍ରଦର୍ଶିତ

ଭୁବନେଶ୍ୱର (ସବ୍ୟୁ): ସାରୋଗୀ ଗ୍ରୁପର ଇଲେକ୍ଟ୍ରିକ୍ ଦୁଇଚକିଆ ଓଇଏମ, ଇ-ଓ୍ୱେଂଟ୧୧ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ରେ ଅଂଶଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମରେ, ଇ-ଓ୍ୱେଂଟ ହଜାର ହଜାର ପରିଦର୍ଶକ, କ୍ରେତା ଏବଂ ଓଡ଼ିଶା ରାଜ୍ୟ ନଗରଉନ୍ନୟନ ଏବଂ ଗୃହନିର୍ମାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥିମାନଙ୍କ ଗହଣରେ କମ୍ପାନୀ ନିଜର ପ୍ରମୁଖ ଇଲେକ୍ଟ୍ରିକ୍ ସ୍କୁଟର ମଡେଲଗୁଡ଼ିକୁ ପ୍ରଦର୍ଶିତ କରିଛି। ବାଣିଜ୍ୟ ମେଳା ସ୍ୱଚ୍ଛ ଏବଂ ସବୁଜ ଗତିଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା। ଏହା ଇ-ଓ୍ୱେଂଟ ପାଇଁ ଏହାର ଇଲେକ୍ଟ୍ରିକ୍ ସ୍କୁଟର ପ୍ରଦର୍ଶନ କରିବା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। କମ୍ପାନୀ ଏହାର ଚାରୋଟି ପ୍ରମୁଖ ମଡେଲ ଲାଇଟିନିଂ, ରାବିଟର, ମାରିୟମ୍ ଏବଂ ଜେଭି ଉପସ୍ଥାପନ କରିଥିଲା। ସେଥିମଧ୍ୟରୁ ଲାଇଟିନିଂ ଏହାର ଉତ୍କୃଷ୍ଟ ବୈଶିଷ୍ଟ୍ୟ ଏବଂ ସ୍ମାର୍ଟ ଡିଜାଇନ୍ ଯୋଗୁ ମୁଖ୍ୟ ଆକର୍ଷଣ ପାଲଟିଛି। ଘଂଟା ପ୍ରତି ସର୍ବାଧିକ ୭୦ କିମି ଏବଂ ମାତ୍ର ୩.୮ ସେକେଣ୍ଡରେ ଘଂଟା ପ୍ରତି ୦-୪୦ କିମି ଦ୍ରୁତ ଗତି ସହିତ, ଲାଇଟିନିଂ ଟ୍ରାଫିକରେ ନିଜର ଯୋଗ୍ୟତା ପ୍ରମାଣିତ କରିଥିଲା। ଏହାର ବିଏଲଡିସି ହବ୍ ମୋଟର ୩୭୦୦ୱାଟର ସର୍ବାଧିକ ଆଉଟପୁଟ୍ ପ୍ରଦାନ କରେ, ଯାହା ସ୍କୁଟରକୁ ୨୫ଡିଗ୍ରୀ ପର୍ଯ୍ୟନ୍ତ ସ୍ଲୋପ୍ ଚଢ଼ିବା ପାଇଁ ଯଥେଷ୍ଟ ଟର୍କ ଦେଇଥାଏ, ଯାହା ପାହାଡ଼ି ସହରାଂଚଳ ଭୂଦୃଶ୍ୟ ପାଇଁ ଏକ ପ୍ରମୁଖ ବୈଶିଷ୍ଟ୍ୟ।

# ଭୁବନେଶ୍ୱରରେ ସ୍ମାର୍ଟ ଯାନବାହନ ସିଷ୍ଟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ସ୍ମାର୍ଟ ଭେହିକିଲ୍ ପରିଚାଳନା ସିଷ୍ଟମ ପ୍ରଦାନକାରୀ ସଂସ୍ଥା ପାର୍କ ପ୍ଲସ୍ ଭୁବନେଶ୍ୱରରେ ଏହାର ଏଆଇ ସକ୍ଷମିତ ସ୍ମାର୍ଟ ଯାନବାହନ ସିଷ୍ଟମ ଆରମ୍ଭ କରିଛି । ପାର୍କ ପ୍ଲସ୍ ଏ-ଓ୍ୱାନ୍ ସକ୍ଷମିତ ସ୍ମାର୍ଟ ପ୍ରବେଶ ନିୟନ୍ତ୍ରଣ ସିଷ୍ଟମ ଯୋଗୁ ମାନବୀୟ ପରିଚାଳନାର ଆବଶ୍ୟକତା ସର୍ବନିମ୍ନ ହେବ । ଅପେକ୍ଷାକୃତ ସମୟ ମଧ୍ୟ କମ୍ ବ୍ୟବହୃତ ହେବ ଏବଂ ଆବାସିକ ସୋସାଇଟି, ମଲ୍ ଏବଂ କର୍ପୋରେଟ୍ ପାର୍କରେ ପ୍ରବେଶ କରୁଥିବା କାର୍ ମାଲିକଙ୍କ ପାଇଁ ଏବଂ ଡିଜିଟାଲ ଅଭିଜ୍ଞତା ସୁଚିଶ୍ଚିତ କରିବ । ପାର୍କ ପ୍ଲସ୍ ଏ-ଓ୍ୱାନ୍ ସକ୍ଷମିତ ପ୍ରଣାଳି ସମଗ୍ର ଦେଶରେ ୪୦ରୁ ଅଧିକ ସହର, ୧୦ହଜାର ଆବାସିକ ସୋସାଇଟି, ୬୦୦ କର୍ପୋରେଟ୍ ପାର୍କ ଏବଂ ୧୦୦ ମଲ୍‌ରେ ଉପଲବ୍ଧ ଅଛି । ଏହି ବ୍ୟବସ୍ଥା ସ୍ୱୟଂଚାଳିତ ନମ୍ବର ପ୍ଲେଟ୍, ଚିହ୍ନଟ ପ୍ରଣାଳିରେ ସୁଗମ ପ୍ରବେଶ ଓ ପ୍ରସ୍ଥାନକୁ ସକ୍ଷମିତ କରେ । କାର୍ ମାଲିକମାନେ ପ୍ରକୃତ ସମୟ ପ୍ରବେଶ ଓ ପ୍ରସ୍ଥାନ ସୂଚନା ଯାଞ୍ଚ ପାଇଁ ପାର୍କ ପ୍ଲସ୍ ଆପ୍ ବ୍ୟବହାର କରିପାରିବେ ।



## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
# ୱାରେଣ୍ଟ ଥିଲେ, ଗିରଫ କର



ନୂଆଦିଲ୍ଲୀ: ଗିରଫଦାରୀର ନିୟମ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ୱାରେଣ୍ଟ ଉପଲବ୍ଧ ଅଛି, ତେବେ ଗିରଫଦାରୀ ପାଇଁ ଅନ୍ୟ କୌଣସି କାରଣ ଦର୍ଶାଇବାର ଆବଶ୍ୟକତା ନାହିଁ । ଜଷ୍ଟିସ ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ଏହି ନିଷ୍ପତ୍ତି ଦେଇଛନ୍ତି । କୋର୍ଟ ତାଙ୍କ ନିଷ୍ପତ୍ତିରେ କ'ଣ କହିଛନ୍ତି ଆସନ୍ତୁ ଜାଣିବା ।

ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ଯଦି ଜଣେ ବ୍ୟକ୍ତିଙ୍କୁ ୱାରେଣ୍ଟ ଆଧାରରେ ଗିରଫ କରାଯାଏ, ତେବେ ସେହି ଗିରଫଦାରୀର ଆଧାର ହେଉଛି ୱାରେଣ୍ଟ । ଯଦି ଜଣେ ବ୍ୟକ୍ତିଙ୍କୁ ଗିରଫ ପାଇଁ ୱାରେଣ୍ଟ ପଢ଼ି ଶୁଣାଯାଏ, ତେବେ ସ୍ୱୟଂଚାଳିତ ଭାବରେ ସେହି ବ୍ୟକ୍ତିଙ୍କୁ ଗିରଫର କାରଣ ବିଷୟରେ ଜଣାଇ ଦିଆଯିବା ଉଚିତ । କୋର୍ଟ କହିଛନ୍ତି ଯେ ଯଦି କୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରାଯାଏ, ତେବେ ତାଙ୍କୁ କାହିଁକି ଗିରଫ କରାଯାଇଛି ସେ ବିଷୟରେ ସୂଚନା ଦେବାକୁ ପଡିବ । ପ୍ରକୃତରେ ଜଣେ ଆବେଦନକାରୀ ତାଙ୍କ ପୁଅର କଥିତ ଅବୈଧ ଗିରଫଦାରୀକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ । ଆବେଦନକାରୀ ପୂର୍ବରୁ ଟ୍ରାଏଲ୍ କୋର୍ଟ ଏବଂ ହାଇକୋର୍ଟରୁ ନିରାଶ ହୋଇଥିଲେ । ଆବେଦନକାରୀ ଦାବି କରିଥିଲେ ଯେ ତାଙ୍କ ପୁଅର ଗିରଫଦାରୀ ସମ୍ବିଧାନର ଧାରା ୨୨(୧)ର ବାଧ୍ୟତାମୂଳକ ବ୍ୟବସ୍ଥା ପାଳନ କରୁନାହିଁ । ତେଣୁ ଏହି ଗିରଫଦାରୀ ବେଆଇନ ଥିଲା ।

# ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତକୁ କୁଏତର ସମର୍ଥନ



ନୂଆଦିଲ୍ଲୀ : ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇରେ ବିଶ୍ୱ ସମୁଦାୟର ସମର୍ଥନ ହାସଲ କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା ଗଠିତ ୭ଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରୁ ଗୋଟିଏ କୁଏତରେ ପହଞ୍ଚିଛି । ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳୀ ଚତୁଃରାଷ୍ଟ୍ରୀୟ କୂଟନୈତିକ ଗସ୍ତରେ ଥିବାବେଳେ ବାହାରିନ୍ ପରେ ଦ୍ୱିତୀୟ ରାଷ୍ଟ୍ର ଭାବେ କୁଏତରେ ପହଞ୍ଚିଥିଲା । କୁଏତ ସରକାରଙ୍କ ଶୀର୍ଷ ନେତା, ପ୍ରମୁଖ ବ୍ୟକ୍ତିବିଶେଷ ଓ ସଂଗଠନଙ୍କ ସହ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଛନ୍ତି ।

ଏହି ପ୍ରତିନିଧିମଣ୍ଡଳୀ କୁଏତର ଉପପ୍ରଧାନମନ୍ତ୍ରୀ ତଥା କ୍ୟାବିନେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶେରିଦା ଅବଦୁଲ୍ଲା ସାଦ୍ ଅଲ ମୌଶେର୍ଜିଙ୍କ ସହ ଫଳପ୍ରଦ ଆଲୋଚନା କରିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ସମେତ ଭାରତ ବିରୋଧରେ ଚାଲିଥିବା ସୀମାପାର ଆତଙ୍କବାଦ ସମ୍ପର୍କରେ ଭାରତର ପ୍ରତିନିଧିମାନେ କୁଏତ ଉପପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଜାମ୍ମୁକାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ସେଠାରେ ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ କରୁଛନ୍ତି । ଭାରତୀୟ ପ୍ରତିନିଧିମାନେ ଭାରତର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଏବଂ 'ନୂତନ ବାସ୍ତବିକତା' ବିଷୟରେ ଅବଗତ କରାଇଥିଲେ । ସେମାନେ ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀ ଆଣ୍ଡା ଉପରେ ଭାରତର ସଠିକ କାର୍ଯ୍ୟାନୁଷ୍ଠାନ ବିଷୟରେ ମଧ ଜଣାଇଥିଲେ । କୁଏତ ଉପପ୍ରଧାନମନ୍ତ୍ରୀ ଭାରତର ଦୃଷ୍ଟିକୋଣ ବିଷୟରେ ସୂଚନା ଦେଇଥିବାରୁ ଭାରତୀୟ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଆତଙ୍କବାଦକୁ କୌଣସି ପ୍ରକାର ଉଚିତ ବୋଲି ଆଖ୍ୟା ଦିଆଯାଇ ପାରିବ ନାହିଁ ବୋଲି ସେ କହିଥିଲେ । ଉଭୟ ପକ୍ଷ ଆତଙ୍କବାଦର ସବୁ ସ୍ୱରୂପ ବିରୋଧରେ ଲଢ଼େଇ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଥିଲେ ।

ପ୍ରତିନିଧି ଦଳ କୁଏତରେ ଥିବା ବିଶାଳ ପ୍ରବାସୀ ଭାରତୀୟଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବା ପାଇଁ ଭାରତର ଜାତୀୟ ସହମତି ବିଷୟରେ ଜଣାଇଥିଲେ । ଆତଙ୍କବାଦ ବିରୁଦ୍ଧରେ ଭାରତର ସକାରାତ୍ମକ କାର୍ଯ୍ୟାନୁଷ୍ଠାନ, ବିଶେଷକରି ଅପରେସନ ସିନ୍ଦୂରକୁ ପ୍ରବାସୀ ଭାରତୀୟ ଦୃଢ଼ ସମର୍ଥନ କରିଥିଲେ ।

କୁଏତର ଏକ ବୁଦ୍ଧିଜୀବୀ ସଂଗଠନ ରେକନାଏସେନ୍ସ ରିସର୍ଚ୍ଚ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଦିୱାନିଆ ଶୈଳୀର ମତ ବିନିମୟ କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିନିଧିମାନେ କୁଏତ ରାଜ ପରିବାରର ସଦସ୍ୟଙ୍କ ସମେତ ନାଗରିକ ସମାଜ, ପୂର୍ବତନ ମନ୍ତ୍ରୀ, ବରିଷ୍ଠ ସମ୍ପାଦକ, ବୁଦ୍ଧିଜୀବୀ, ଜନନେତାଙ୍କ ସହ ଆଲୋଚନା କରିଥିଲେ ।

ଭାରତ-କୁଏତ ମଧ୍ୟରେ ଦୃଢ଼ ରଣନୀତିକ ସହଭାଗିତା ଉପରେ ଆଲୋଚନା ସମୟରେ, ଭାରତୀୟ ଉପମହାଦେଶର ସାମ୍ପ୍ରତିକ ପରିସ୍ଥିତି ଏବଂ ସୀମାପାର ଆତଙ୍କବାଦର ମୁକାବିଲା ପାଇଁ ଭାରତର 'ନୂତନ ବାସ୍ତବିକତା' ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା । ଆତଙ୍କବାଦ ମାନବତା ବିରୋଧୀ ଏବଂ ସମସ୍ତ ସମ୍ଭାବ୍ୟ ଉପାୟରେ ଏହାର ମୁକାବିଲା କରାଯିବା ଆବଶ୍ୟକ ବୋଲି ଅଂଶଗ୍ରହଣକାରୀମାନେ ଏକମତ ହୋଇଥିଲେ ।

# ବହିଷ୍କୃତ କର୍ମଚାରୀଙ୍କୁ ମିଳିବନି ପେନ୍‌ସନ୍

ନୂଆଦିଲ୍ଲୀ : ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ କାମ କରୁଥିବା ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କ ପାଇଁ ଏକ ବଡ଼ ଖବର । ସରକାର ପେନସନ ନିୟମରେ ପରିବର୍ତ୍ତନ କରିଛନ୍ତି । କୌଣସି ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ (ପିଏସୟୁ) ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗର କୌଣସି କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା କ୍ଷେତ୍ରରେ, ତାଙ୍କୁ ଅବସରକାଳୀନ ସୁବିଧା ମିଳିବ ନାହିଁ ।

ଏହି ସୂଚନା ଦେଇ କେନ୍ଦ୍ର ସରକାର କହିଛନ୍ତି ଯେ ଏପରି ବହିଷ୍କାରର ନିଷ୍ପତ୍ତି ସମ୍ପୃକ୍ତ ପ୍ରଶାସନିକ ମନ୍ତ୍ରଣାଳୟ ଦ୍ୱାରା ସମୀକ୍ଷା କରାଯିବ । କାର୍ମିକ ମନ୍ତ୍ରଣାଳୟ ଏହି ସମ୍ବନ୍ଧରେ କେନ୍ଦ୍ରୀୟ ସିଭିଲ ସେବା (ପେନସନ) ନିୟମ, ୨୦୨୧ରେ ବଡ଼ ପରିବର୍ତ୍ତନ କରିଛି । ଅର୍ଥାତ ଯଦି ଜଣେ କର୍ମଚାରୀ ବେଆଇନ କାମରେ ଜଡିତ ବୋଲି ଜଣାପଡ଼େ ଏବଂ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଏ, ତେବେ ତାଙ୍କୁ ପେନସନ ମିଳିବ ନାହିଁ । ନିକଟରେ ଅଧିସୂଚିତ କେନ୍ଦ୍ରୀୟ ସିଭିଲ୍ ସର୍ଭିସେସ୍ (ପେନସନ୍) ସଂଶୋଧନ ନିୟମ, ୨୦୨୫ ଅନୁଯାୟୀ, ଯଦି କୌଣସି କର୍ମଚାରୀ ସରକାରୀ କମ୍ପାନୀରେ ଚାକିରି ପାଆନ୍ତି ଏବଂ କୌଣସି ଦୁର୍ନୀତି ପାଇଁ ସେହି କମ୍ପାନୀରୁ ବହିଷ୍କାର ହୁଅନ୍ତି, ତେବେ ତାଙ୍କର ଅବସରକାଳୀନ ସୁବିଧା ବାଜ୍ୟାପ୍ତ ହେବ ।

କେନ୍ଦ୍ରୀୟ ସିଭିଲ୍ ସେବା (ପେନସନ୍) ନିୟମ, ୨୦୨୧ ଡିସେମ୍ବର ୩୧, ୨୦୦୩ ରେ କିମ୍ବା ପୂର୍ବରୁ ନିଯୁକ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ । ତେବେ ଏହା ରେଳ କର୍ମଚାରୀ, କାଜୁଆଲ ଏବଂ ଦୈନିକ ମଜୁରୀ ନିଯୁକ୍ତିରେ ନିୟୋଜିତ ବ୍ୟକ୍ତି ଏବଂ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ), ଭାରତୀୟ ପୁଲିସ ସେବା (ଆଇପିଏସ) ଏବଂ ଭାରତୀୟ ବନ ସେବାର ଅଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ ।

# ବିସ୍ଫୋରଣରେ ଆତଙ୍କୀ ମୃତ

ଇସ୍‌ଲାମାବାଦ : ପାକିସ୍ତାନ ସୀମାନ୍ତରେ ଥିବା ଅମୃତସରର ନୌଶେରା ଗାଁ ନିକଟରେ ଏକ ଭୟଙ୍କର ବିସ୍ଫୋରଣ ହୋଇଛି । ଏଥିରେ ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଛି । କାମ୍ବୋ ପୁଲିସ୍ ଷ୍ଟେସନ ଅଧୀନରେ ବିସ୍ଫୋରଣ ହୋଇଥିବା ବେଳେ ସୁରକ୍ଷାକର୍ମୀ ତୁରନ୍ତ ପୂରା ଅଞ୍ଚଳକୁ କର୍ଡନ କରି ନେଇଛନ୍ତି । ବିସ୍ଫୋରଣରେ ଆହତ ହୋଇଥିବା ଆତଙ୍କୀ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ପୁଲିସ୍ ପକ୍ଷରୁ ନିଶ୍ଚିତ କରାଯାଇଛି । ଏସ୍‌ପି (ଅମୃତସର ଗ୍ରାମାଞ୍ଚଳ) ମନିନ୍ଦର ସିଂହ କହିଛନ୍ତି ଯେ ଗାଁ ନିକଟରେ ଜଣେ ବ୍ୟକ୍ତି ବୋମା ଖଞ୍ଜୁଥିବା ବେଳେ ବିସ୍ଫୋରଣ ହୋଇଛି । ପ୍ରାଣ ହରାଇଥିବା ବ୍ୟକ୍ତି ଜଣକ ଗୋଟିଏ ଆତଙ୍କବାଦୀ ସଂଗଠନର ସଦସ୍ୟ । ସେ ବିସ୍ଫୋରକ ସାମଗ୍ରୀ ଏଠାରୁ ନେବା ସହ ଗୋଟିଏ ବୋମା ଖଞ୍ଜୁ ଥିଲା । ଏହି ସମୟରେ ବିସ୍ଫୋରଣ ହୋଇଥିଲା ।

ପ୍ରାଣ ହରାଇଥିବା ବ୍ୟକ୍ତି ଜଣକ ବାବର ଖାଲସା ନାମକ ଆତଙ୍କବାଦୀ ସଂଗଠନର ସଦସ୍ୟ ଥିଲା । ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ହାତ ମିଳାଇ ଏହି ସଂଗଠନ କାମ କରିଥାଏ । ଆଇଏସଆଇ ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଏ । ସେହିପରି ବିସ୍ଫୋରକ ମଧ୍ୟ ପାକିସ୍ତାନରୁ ଆସିଥିବା ଜଣାପଡ଼ିଛି ।

ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳରେ ଆଲର୍ଟ ଜାରି କରାଯାଇଛି । କର୍ଡନ ଅଫ କରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି । ନୌଶେରା ସୀମାନ୍ତ ଗାଁ ହୋଇଥିବାରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଥିବା ସେ କହିଛନ୍ତି ।

# ଆମର ବ୍ରାଣ୍ଡ 'ମେଡ୍ ଇନ୍ ଇଣ୍ଡିଆ': ମୋଦି



ଅହମ୍ମଦାବାଦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ଗାନ୍ଧୀନଗରରେ ଗୁଜରାଟ ସହରୀ ବିକାଶ କାହାଣୀର ୨୦ ବର୍ଷ ପାଳନ ସମାରୋହରେ ଉଦବୋଧନ ଦେଇଛନ୍ତି । ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ଭଦୋଦରା, ଦାହୋଡ୍, ଭୁଜ, ଅହମ୍ମଦାବାଦ ଏବଂ ଗାନ୍ଧୀନଗର ଗସ୍ତ ସମୟରେ ସେ ଅପରେସନ ସିନ୍ଦୂରର ସଫଳତା ଶବ୍ଦଶୁଣି ଏବଂ ତ୍ରିରଙ୍ଗା ଉଡ଼ିବାର ଦେଖିବା ସହିତ ଦେଶପ୍ରେମର ଉତ୍ସାହ ଅନୁଭବ କରିଛନ୍ତି । ସେ ଆହୁରି ମଧ କହିଥିଲେ ଯେ, ଏହା ଦେଖିବା ଭଳି ଏକ ଦୃଶ୍ୟ ଥିଲା ଏବଂ ଏହି ଭାବନା କେବଳ ଗୁଜରାଟରେ ନୁହେଁ, ବରଂ ଭାରତର ପ୍ରତ୍ୟେକ କୋଣ ଏବଂ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଥିଲାଛ ଭାରତ ଆତଙ୍କବାଦର କଣ୍ଟାକୁ ଦୂର କରିବା ପାଇଁ ମନ ସ୍ଥିର କରିଥିଲା ଏବଂ ସମ୍ପୂର୍ଣ୍ଣ ଦୃଢ଼ତାର ସହିତ ଏହାକୁ କାର୍ଯ୍ୟକାରୀ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

୧୯୪୭ ମସିହାରେ ଭାରତକୁ ତିନୋଟି ଭାଗରେ ବିଭାଜିତ କରାଯିବା ପରେ ଭାରତ ଉପରେ ହୋଇଥିବା ପ୍ରଥମ ଆତଙ୍କବାଦୀ ଆକ୍ରମଣକୁ ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ, ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇ ଗୋଟିଏ ଅଂଶ ହଡ଼ପ କରିଥିଲା । ସେ ସର୍ଦ୍ଦାର ପଟେଲଙ୍କ ଦୃଷ୍ଟିକୋଣକୁ ମନେ ପକାଇଥିଲେ ଏବଂ କହିଥିଲେ ଯେ ପାକିସ୍ତାନ ଅଧିକୃତ କାଶ୍ମୀର ( ପିଓକେ ) ପୁନରୁଦ୍ଧାର ନହେବା ପର୍ଯ୍ୟନ୍ତ ଭାରତୀୟ ସେନା ଅଟକିବା ଉଚିତ ନୁହେଁ । ତଥାପି ପଟେଲଙ୍କ ପରାମର୍ଶ ପାଳନ କରାଯାଇ ନଥିଲାବୋଲି ସେ କହିଥିଲେ । ଶ୍ରୀ ମୋଦି ଗୁରୁତ୍ୱାରୋପ କରି କହିଥିଲେ ଯେ, ଆତଙ୍କବାଦର ଏହି ଐତିହ୍ୟ ଗତ ୭୫ ବର୍ଷ ଧରି ଜାରି ରହିଛି ଏବଂ ପହଲଗାଓଁରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏହାର ଆଉ ଏକ ଭୟଙ୍କର ରୂପ ଥିଲା । ସେ ଦୃଢ଼ତାର ସହିତ କହିଥିଲେ ଯେ କୂଟନୈତିକ ଖେଳ ଖେଳିବା ସତ୍ତ୍ୱେ, ପାକିସ୍ତାନ ବାରମ୍ବାର ଯୁଦ୍ଧରେ ଭାରତର ସାମରିକ ଶକ୍ତିର ସମ୍ମୁଖୀନ ହୋଇଛି । ସେ ଉଲ୍ଲେଖ କରିଥିଲେ ଯେ , ତିନି ଥର ଭାରତର ସଶସ୍ତ୍ର ବାହିନୀ ପାକିସ୍ତାନକୁ ନିର୍ଣ୍ଣାୟକ ଭାବରେ ପରାସ୍ତ କରିଥିଲା, ଯାହା ସ୍ପଷ୍ଟ କରେ ଯେ, ପାକିସ୍ତାନ ସିଧାସଳଖ ସାମରିକ ସଂଘର୍ଷରେ ବିଜୟୀ ହୋଇପାରିବ ନାହିଁ । ପାକିସ୍ତାନ ତାର ସୀମାସମ୍ପର୍କରେ ଜାଣିଛି ବୋଲି ସ୍ୱୀକାର କରି ଶ୍ରୀ ମୋଦୀ କହିଥିଲେ ଯେ , ପଡ଼ୋଶୀ ଦେଶ ଛାୟା ଯୁଦ୍ଧ ଆରମ୍ଭ କରିଛି ।

ସେ ବ୍ୟାଖ୍ୟା କରିଥିଲେ ଯେ, ପ୍ରଶିକ୍ଷିତ ଆତଙ୍କବାଦୀମାନଙ୍କୁ ରୀତିମତ ସାମରିକ ତାଲିମ ମାଧ୍ୟମରେ ଭାରତରେ ଅନୁପ୍ରବେଶ କରାଯାଉଥିଲା, ଯାହାର ଲକ୍ଷ୍ୟ ଥିଲା ଶାନ୍ତିପୂର୍ଣ୍ଣ ତୀର୍ଥଯାତ୍ରା କରୁଥିବା ଲୋକଙ୍କ ସମେତ ନିରୀହ ଏବଂ ନିରସ୍ତ୍ର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା ।

## ବିଦେଶୀ ସାମଗ୍ରୀ ବର୍ଜନ କର

ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟମାନଙ୍କୁ ନିବେଦନ କରିଛନ୍ତି । ଗୁଜରାଟ ଗସ୍ତ କାଳରେ ଏକ ସାଧାରଣ ସଭାରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯଦି ଦେଶର ବିକାଶ ଚାହୁଁଛ, ତେବେ ବିଦେଶୀ ଉତ୍ପାଦିତ ସାମଗ୍ରୀ ବ୍ୟବହାରକୁ ବନ୍ଦ କର । ଚୀନ୍ ଉତ୍ପାଦିତ ସାମଗ୍ରୀ ବ୍ୟବହାରକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗଣେଶ ମୂର୍ତ୍ତି ହେଉପଛେ ଯଦି ଏହା ବିଦେଶରେ ତିଆରି ହୋଇ ଆସୁଛି, ତେବେ ଏହାକୁ ବି ଖରିଦ୍ କରନାହିଁ । ଆମର ଗଣେଶ ମୂର୍ତ୍ତିକୁ ସେମାନେ ବିକୃତ ଭାବରେ ତିଆର କରି ଆମକୁ ବିକ୍ରି କରିବାକୁ ଚାହୁଁଛନ୍ତି । ଏହା ଦୁର୍ଭାଗ୍ୟ ଯେ ଠାକୁର ଗଣେଶଙ୍କର ଆଖି ଛୋଟ । ଏହା ଆମେ ମାନୁଛୁ। କିନ୍ତୁ ଏହା ଖୋଲାଥାଏ । ମାତ୍ର ବିଦେଶରୁ ଆସୁଥିବା ଗଣେଶ ମୂର୍ତ୍ତିର ଆଖି ବନ୍ଦ ଥିବା ଆମେ ଦେଖିବାକୁ ପାଉଛୁ । ଏପରିସ୍ଥଳେ ଏଭଳି ମୂର୍ତ୍ତିକୁ କେହି ଖରିଦ୍ ନକରିବାକୁ ପ୍ରଧାନମନ୍ତ୍ରୀ ଅପିଲ କରିଛନ୍ତି ।

# ଧରାପଡ଼ିଲା ପାକ୍ ଫିଲ୍ଡ ମାର୍ଶାଲଙ୍କ କାରନାମା



ଇସ୍‌ଲାମାବାଦ : ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନିରଙ୍କ ମିଛ ନାଟକର ଏବେ ଖୁଲାସା ହୋଇଛି । ସେ ଭାରତ ବିରୋଧରେ ପାକିସ୍ତାନ କରିଥିବା ତଥାକଥିତ ଷ୍ଟ୍ରାଇକର ଗୋଟିଏ ଫଟୋକୁ ପ୍ରଧାନମନ୍ତ୍ରୀ ଶରିଫଙ୍କୁ ଦେଇଛନ୍ତି । ଏଥିରେ ଷ୍ଟ୍ରାଇକ ବେଳର ଦୃଶ୍ୟ ରହିଛି ।ଫଟୋରେ ଥିବା ଦୃଶ୍ୟ ଭଳି ପାକିସ୍ତାନ ସେନା ଭାରତ ଉପରେ ଆକ୍ରମଣ କରିଥିବା ମୁନିର ଏଥିରେ ଦର୍ଶାଇଛନ୍ତି । କିନ୍ତୁ ବାସ୍ତବରେ ଏହା ଡାହା ମିଛ । ମୁନିର ଉପହାର ଆକାରରେ ଯେଉଁ ଫଟୋକୁ ଭାରତ ବିରୋଧୀ ଷ୍ଟ୍ରାଇକ ବୋଲି କହି ଶରିଫଙ୍କୁ ଉପହାର ଦେଇଛନ୍ତି, ବାସ୍ତବରେ ତା'ହା ବହୁ ପୁରୁଣା । ସେହିପରି ଏହା ପାକିସ୍ତାନର କୌଣସି ଷ୍ଟ୍ରାଇକ ନୁହେଁ, ବରଂ ଚାଇନା ସେନା କରିଥିବା ସାମରିକ ଡ୍ରିଲର ଫଟୋ ।

୨୦୧୯ରେ ଚାଇନା ସେନା ଡ୍ରିଲ କରିବା ବେଳେ ଏହାର ଫଟୋ ଓ ଭିଡିଓ ରେକର୍ଡ କରାଯାଇଥିଲା । ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମରେ ମଧ ଏହା ପ୍ରକାଶ ପାଇଛି । କିନ୍ତୁ ମୁନିର ଏହାକୁ ଭାରତ ବିରୋଧୀ ଷ୍ଟ୍ରାଇକ କହି ପ୍ରଧାନମନ୍ତ୍ରୀଙ୍କୁ ଉପହାର ଆକାରରେ ଦେବା ସମସ୍ତଙ୍କୁ ଚକିତ କରିଛି । ସତ ସାମ୍ନାକୁ ଆସିବା ପରେ ମୁନିରଙ୍କୁ ଲୋକହସା ହେବାକୁ ପଡ଼ିଛି ।

## ୮ ଜଜ୍‌ଙ୍କୁ ବାଛିଲେ କଲେଜିୟମ

ନୂଆଦିଲ୍ଲୀ : ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟ କଲେଜିୟମ ହାଇକୋର୍ଟର ୩ ଜଣ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତକୁ ଓ ଅନ୍ୟ ୫ ଜଣଙ୍କୁ ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ ସୁପାରିଶ କରିଛନ୍ତି । ସୋମବାର ବିଚାରପତି ନିଯୁକ୍ତି ପାଇଁ ୫ ଜଣ ସଦସ୍ୟ ବିଶିଷ୍ଟ କଲେଜିୟମ ପକ୍ଷରୁ ଘନଘନ ବୈଠକ ହୋଇଥିଲା ।


ଏହାପରେ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏନଭି ଅଞ୍ଜାରିଆ, ଗୁହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିଜୟ ବିଷ୍ଣୋଇ ଓ ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ ଏଏସ୍ ଚନ୍ଦୁରକରଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଦେବାକୁ କହିଛନ୍ତି । ସୁପ୍ରିମକୋର୍ଟରେ ସର୍ବାଧିକ ୩୪ ଜଣ ବିଚାରପତି ରହିବାର ପ୍ରାବଧାନ ରହିଛି । ଏବେ ସର୍ବୋଚ୍ଚ ଅଦାଲତରେ ୩୧ ଜଣ ବିଚାରପତି ଥିବା ବେଳେ କଲେଜିୟମ ଆଉ ୩ ଜଣଙ୍କ ନାଁ ଉପରେ ମୋହର ମାରିଛନ୍ତି ।

## ୧୫ ସେପ୍ଟେମ୍ବର ସୁଦ୍ଧା ଆଇଟି ରିଟର୍ଣ୍ଣ ଫାଇଲ୍

ନୂଆଦିଲ୍ଲୀ : ଦେଶର କୋଟି କୋଟି ଆୟକରଦାତାମାନଙ୍କ ପାଇଁ ଏକ ବଡ଼ ଖବର । କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଆୟକର ରିଟର୍ଣ୍ଣ ଫାଇଲ ତାରିଖକୁ ୧୫ ସେପ୍ଟେମ୍ବରକୁ ବୃଦ୍ଧି କରାଯାଇଥିବା ଘୋଷଣା କରାଯାଇଛି । ସିବିଡିଟି ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏବେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆଇଟିଆର (ଆୟକର ରିଟର୍ଣ୍ଣ) ଫାଇଲ କରିବାର ଶେଷ ତାରିଖ ୩୧ ଜୁଲାଇ ୨୦୨୫ରୁ ୧୫ ସେପ୍ଟେମ୍ବରକୁ ବୃଦ୍ଧି କରାଯାଇଛି । ଆଇଟିଆର ଫର୍ମ, ସିଷ୍ଟମ ଡେଭଲପମେଣ୍ଟ ଆବଶ୍ୟକତା ଏବଂ ଟିଡିଏସ୍ କ୍ରେଡିଟ୍ ପ୍ରତିଫଳନରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଯୋଗୁଁ ତାରିଖକୁ ବୃଦ୍ଧି କରାଯାଇଛି । ଆୟକର ବିଭାଗ ପକ୍ଷରୁ ଏକ୍ସ (ଯାହାକି ପୂର୍ବରୁ ଟ୍ୱିଟର ଭାବରେ ଜଣାଶୁଣା ଥିଲା)ରେ ଏକ ପୋଷ୍ଟ ମାଧ୍ୟମରେ ଏହା ଘୋଷଣା କରିଛି । ପୋଷ୍ଟରେ ଲେଖାଯାଇଛି, କରଦାତାମାନେ ଧ୍ୟାନ ଦିଅନ୍ତୁ ! ଆଇଟିଆର ଫାଇଲିଂର ଶେଷ ତାରିଖକୁ ୩୧ ଜୁଲାଇରୁ ୧୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଆଇଟିଆର ଫର୍ମ, ସିଷ୍ଟମ ବିକାଶ ଆବଶ୍ୟକତା ଏବଂ ଟିଡିଏସ କ୍ରେଡିଟ୍ ପ୍ରତିଫଳନରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଯୋଗୁଁ ଏହି ସମ୍ପ୍ରସାରଣ ଅଧିକ ସମୟ ପ୍ରଦାନ କରିବ । ଏହା ସମସ୍ତଙ୍କ ପାଇଁ ଏକ ସୁଗମ ଏବଂ ସଠିକ୍ ଫାଇଲିଂ ଅଭିଜ୍ଞତା ସୁନିଶ୍ଚିତ କରେ । ପରେ ଆନୁଷ୍ଠାନିକ ବିଜ୍ଞପ୍ତି ଦିଆଯିବ ।

# ଖୋଲୁଛି ୟୁଟ୍ୟୁବର୍ ଜ୍ୟୋତିଙ୍କ ଗୁପ୍ତ ପେଡ଼ି

## ଆଇଏସ୍‌ଆଇ ଅଧିକାରୀଙ୍କ ସହ ଥିଲା ଯୋଗାଯୋଗ



ନୂଆଦିଲ୍ଲୀ : ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ୟୁଟବର ଜ୍ୟୋତି ମାଲହୋତ୍ରାଙ୍କ ସମ୍ପର୍କରେ ଆଉ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି । ପାକିସ୍ତାନର ଅନେକ ଲୋକଙ୍କ ସହ ତାଙ୍କର ବନ୍ଧୁତା ଥିଲା । ବାସ୍ତବରେ ଜ୍ୟୋତି ଯେଉଁ ସବୁ ପାକିସ୍ତାନୀ ଅଧିକାରୀଙ୍କ ଯୋଗାଯୋଗରେ ଥିଲେ ସେମାନେ ଆଇଏସଆଇ ପାଇଁ କାମ କରୁଥିଲେ ।ଏକଥା ଜ୍ୟୋତି ଭଲ ଭାବେ ଜାଣିଥିଲେ । ତଥାପି ବିନା କୌଣସି ସଙ୍କୋଚରେ ସେ ସେମାନଙ୍କ ସହ ଯୋଗାଯୋଗ କରୁଥିଲେ । ୩୩ ବର୍ଷୀୟ ଜ୍ୟୋତିଙ୍କ ପାଖରୁ ଜବତ ହୋଇଥିବା ଲ୍ୟାପଟପ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀର ଯାଞ୍ଚ ପରେ ହରିୟାଣା ପୁଲିସ୍ ଏକଥା ଜାଣିବାକୁ ପାଇଛି ।

ସୂତ୍ର ଅନୁସାରେ, ଜ୍ୟୋତି ମାଲହୋତ୍ରା ୪ ଜଣ ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟଙ୍କ ଯୋଗାଯୋଗରେ ରହିଥିଲେ ଓ ସେମାନଙ୍କ ସହ କଥା ହେଉଥିଲେ । ଏମାନଙ୍କ ମଧ୍ୟରୁ ଜଣେ ହେଲେ ଡାନିଶ । ଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନରେ ଡାନିଶ କାମ କରନ୍ତି । ଜ୍ୟୋତି ସେଠାକୁ ଯିବା ବେଳେ ତାଙ୍କର ଦେଖା ଡାନିଶଙ୍କ ସହ ହୋଇଥିଲା । ସେହିପରି ଏହଶାନ ଓ ଶାହିଦ ନାମକ ଦୁଇ ଜଣଙ୍କ ସହ ମଧ ଜ୍ୟୋତି ଯୋଗାଯୋଗରେ ଥିଲେ । ୪ର୍ଥ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ । ତଦନ୍ତକାରୀ ଅଧିକାରୀମାନେ ଏବେ ଏହି ସବୁ ଏଜେଣ୍ଟଙ୍କ ପାହ୍ୟା ଓ ପାକିସ୍ତାନରେ ଏମାନେ କେଉଁ ପ୍ରକାରର କାମ କରୁଥିଲେ, ତା'ର ତଥ୍ୟ ହାସଲ କରିବାକୁ ଉଦ୍ୟମ କରୁଛନ୍ତି । ପୁଲିସ୍ ବିଭିନ୍ନ ଉପାୟରେ ୧୨ ଟିଭିର ଡାଟାକୁ ରିକଭର କରିପାରିଛି । ଏବେ ଉକ୍ତ ତଥ୍ୟକୁ ଆଧାର କରି ପୁଲିସ୍ ମାମଲାର ଖିଅକୁ ଯୋଡ଼ିବାକୁ ଚେଷ୍ଟା କରୁଛି ।

ରିକଭର ହୋଇଥିବା ଡାଟାକୁ ଯାଞ୍ଚ କରିବା ପରେ ପୁଲିସ୍ ଜାଣିବାକୁ ପାଇଛି ଯେ ଜ୍ୟୋତି ମାଲହୋତ୍ରା ବେଶ ଭଲ ଭାବେ ଜାଣିଥିଲେ ଯେ ସେ ଆଇଏସଆଇ ଅଧିକାରୀଙ୍କ ସହ କଥା ହେଉଛନ୍ତି । କିନ୍ତୁ ଏହା ଜାଣି ମଧ ସେ ଡରି ନଥିଲେ ବରଂ ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ । ହିସାର ପୁଲିସ୍ ଜ୍ୟୋତିଙ୍କୁ ମେ' ୧୫ରେ ଗିରଫ କରିବା ପରେ ପଚରାଉଚରା ପାଇଁ ପ୍ରଥମେ ୭ ଦିନିଆ ରିମାଣ୍ଡରେ ନେଇଥିଲା । ରିମାଣ୍ଡ ଅବଧି ଶେଷ ହେବା ପରେ ମେ' ୨୨ରେ ତାଙ୍କୁ କୋର୍ଟରେ ହାଜର କରିଥିଲା ପୁଲିସ୍ । ଏହା ସହିତ ପୁଣି ଥରେ ଜ୍ୟୋତିଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ଜ୍ୟୋତିଙ୍କୁ ଆଉ ୪ ଦିନ ରିମାଣ୍ଡରେ ନେବାକୁ ପୁଲିସକୁ ଅନୁମତି ଦେଇଥିଲେ । ସେହି ଅବଧି ସୋମବାର ଶେଷ ହେବା ପରେ ତାଙ୍କୁ ପୁଣି କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ହିସାର ପୁଲିସ କହିବା ମୁତାବକ ଜ୍ୟୋତି ଭାରତୀୟ ସେନା ବା ପ୍ରତିରକ୍ଷା ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଦେଇଥିବା ନେଇ କିଛି ପ୍ରମାଣ ମିଳିନାହିଁ । ତେବେ ପାକିସ୍ତାନୀ ଗୁଇନ୍ଦା ପାଇଁ କାମ କରୁଥିବା କିଛି ବ୍ୟକ୍ତିଙ୍କ ସହିତ ସେ ଯୋଗାଯୋଗରେ ରହିଥିଲେ । ଡାନିଶଙ୍କ ସହିତ ଜ୍ୟୋତି ସଂପର୍କରେ ଥିଲେ ବୋଲି ଅଭିଯୋଗ ରହିଛି । ଡାନିଶ ୨୦୨୩ ନଭେମ୍ବରରୁ ଭାରତରେ ଥିବା ପାକିସ୍ତାନୀ ହାଇକମିଶନର କର୍ମଚାରୀ ଥିଲା । ମେ' ୧୩ ତାରିଖରେ ଭାରତ ସରକାର ତାଙ୍କୁ ଦେଶରୁ ବାହାର କରି ଦେଇଥିଲେ । ଗୁଇନ୍ଦାଗିରି କାର୍ଯ୍ୟକଳାପରେ ଜଡ଼ିତ ଥିବାରୁ ଭାରତର ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ।

ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ଗୁଜରାଟ ଆଦି ରାଜ୍ୟରୁ ଏଯାବତ ଜ୍ୟୋତିଙ୍କ ସମେତ ୧୨ ଜଣ ଗିରଫ ହୋଇସାରିଲେଣି ।

## ପ୍ରଥମ ଥର ୨୫୦ ଖଣିଜ ବ୍ଲକ ନିଲାମ
## ଓଡିଶାର ଗ୍ରାଫାଇଟ୍ ଖଣି ସାମିଲ

ନୂଆଦିଲ୍ଲୀ : ୨୮ ଜାନୁଆରୀ, ୨୦୨୫ ରେ ଆରମ୍ଭ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ବ୍ଲକର ପଞ୍ଚମ ପର୍ଯ୍ୟାୟ ନିଲାମରେ ରଖାଯାଇଥିବା ୧୫ଟି ବ୍ଲକ୍ ମଧ୍ୟରୁ ୧୦ଟି ନିଲାମ ସଫଳତାର ସହିତ ସମାପ୍ତ ହୋଇଛି । ଏହି ୧୦ଟି ବ୍ଲକରେ ଓଡିଶାର ଗ୍ରାଫାଇଟ୍ ଖଣି ସମେତ ଫସଫୋରାଇଟ୍, ଫସଫେଟ୍, ବିରଳ ମୃତ୍ତିକା ଉପାଦାନ (ଆର୍.ଇ.ଇ.), ଭାନେଡିଆମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ରହିଛି ଏବଂ ପ୍ରଥମ ଥର ପାଇଁ ପଟାଶ ଏବଂ ହାଲାଇଟ୍ ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ ବ୍ୟାପିଛି । ଏହା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଲାମ ହୋଇଥିବା ମୋଟ ଖଣି ସଂଖ୍ୟା ୩୪ରେ ପହଞ୍ଚିଛି ।

ପଞ୍ଚମ ପର୍ଯ୍ୟାୟ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଉଛି ଭାରତ ସରକାରଙ୍କ ଦ୍ୱାରା ପଟାଶ୍ ବ୍ଲକର ପ୍ରଥମ ସଫଳ ନିଲାମୀ, ଯାହା ଘରୋଇ ପଟାଶ୍ ସମ୍ବଳକୁ ଉନ୍ମୁକ୍ତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହି ପଦକ୍ଷେପ ଦେଶରେ ପଟାଶ ଖନନକୁ ତ୍ୱରାନ୍ୱିତ କରିବ, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ କୃଷି କ୍ଷେତ୍ରର ସମର୍ଥନକୁ ମଜବୁତ କରିବ ବୋଲି ଆଶା କରାଯାଉଛି । ଏହି ମାଇଲଖୁଣ୍ଟ ରାଜସ୍ଥାନ ରାଜ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ବ୍ଲକର ପ୍ରଥମ ସଫଳ ନିଲାମୀକୁ ମଧ ଚିହ୍ନିତ କରେ । ନିଲାମ ପାଇଁ ରଖାଯାଇଥିବା ୫୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ ମଧ୍ୟରୁ ଏପର୍ଯ୍ୟନ୍ତ ମୋଟ ୩୪ଟି ବ୍ଲକକୁ ୫ଟି ପର୍ଯ୍ୟାୟରେ ସଫଳତାର ସହ ନିଲାମ କରାଯାଇଛି । ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବା ଦିଗରେ ଖଣି ମନ୍ତ୍ରଣାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ପ୍ରମୁଖ ଖଣିଗୁଡିକର ନିୟମିତ ନିଲାମ । ଖଣି ମନ୍ତ୍ରଣାଳୟ ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ ଉପରେ ମଧ ଧ୍ୟାନ ଦେଉଛି ଏବଂ ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ୟବସ୍ଥାର ବିକାଶ ପାଇଁ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ ଆରମ୍ଭ କରିଛି । ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବା ଦିଗରେ ନିଲାମ ତଥା ଅନ୍ୟାନ୍ୟ ପଦକ୍ଷେପରେ ଶିଳ୍ପ ଅଂଶୀଦାରଙ୍କ ମୂଲ୍ୟବାନ ଅଂଶଗ୍ରହଣକୁ ମନ୍ତ୍ରଣାଳୟ ସ୍ୱୀକାର କରିଛି ।

## ଜାତୀୟ କନିଷ୍ଠ, ଉପକନିଷ୍ଠ ଶକ୍ତି ଉତ୍ତୋଳନ

# ପ୍ରତିଷ୍ଠା ସିଂ ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା

### ଓଡିଶାକୁ ୧୨ ପଦକ

ଭୁବନେଶ୍ୱର,୨୭।୫(ସବ୍ୟୁ): ଗତ ୨୦ ରୁ ୨୫ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର କୋହ୍ଲାପୁରରେ ଅନୁଷ୍ଠିତ ଜାତୀୟ କନିଷ୍ଠ ଓ ଉପକନିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡିଶାର ପ୍ରତିଯୋଗୀ ବେଶ ଭଲ ପ୍ରଦର୍ଶନ କରିଛନ୍ତି । ମହିଳା କନିଷ୍ଠ ବର୍ଗରେ ୬୯ କିଲୋ ବର୍ଗରେ ପ୍ରତିଷ୍ଠା ସିଂ ସ୍ୱର୍ଣ ପଦକ ହାସଲ କରିବା ସହ ବେଞ୍ଚ ପ୍ରେସରେ ଜାତୀୟ ରେକର୍ଡ କରିଛନ୍ତି । ଏତଦ ବ୍ୟତୀତ ସେ ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା ପୁରସ୍କାରରେ ସମ୍ମାନୀତ ହୋଇଛନ୍ତି । ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କିଲୋ କନିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିବା ସହ ବେଞ୍ଚପ୍ରେସରେ ଜାତୀୟ ରେକର୍ଡ କରିଛନ୍ତି । ବ୍ୟକ୍ତିଗତ ଲିଫ୍ଟ ଦେଖିବାକୁ ଗଲେ ସୋମେନ ବେଞ୍ଚପ୍ରେସ ଓ ଡେଡଲିଫ୍ଟ ରେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ , ପ୍ରିୟାନ୍‌ଶୁ ପଟନାୟକ ୮୩ କିଲୋ କନିଷ୍ଠ ବର୍ଗରେ ସ୍କ୍ୱାଟରେ କାଂସ୍ୟ, ପ୍ରଜ୍ଞାନ ପ୍ରଧାନ ଉପକନିଷ୍ଠ ୧୦୫ କିଲୋ ବର୍ଗରେ ସ୍କ୍ୱାଟ ଓ ଡେଡଲିଫ୍ଟରେ ରୌପ୍ୟ ଏବଂ କାଂସ୍ୟ ପଦକ ହାସଲ କରିଛନ୍ତି ।




ମହିଳା ବର୍ଗରେ ପ୍ରତିଷ୍ଠା ସିଂ ସ୍କ୍ୱାଟରେ ରୌପ୍ୟ, ବେଞ୍ଚପ୍ରେସରେ ସ୍ୱର୍ଣ୍ଣ, ଡେଡଲିଫ୍ଟରେ ରୌପ୍ୟ, ଜ୍ୟୋତି ଖୋରା କନିଷ୍ଠ ୫୭ କିଲୋ ବର୍ଗରେ ଡେଡଲିଫ୍ଟରେ କାଂସ୍ୟ ଓ ଅନନ୍ୟା ଅନନ୍ଦିତା ଗିରି ଡେଡଲିଫ୍ଟ ରେ କାଂସ୍ୟ ପଦକ ହାସଲ କରିଛନ୍ତି । ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡିଶା ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଏବଂ ସଂଘର ଅଧକ୍ଷ ଇଂ ଚିତ୍ତ ରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ଆଇପିଏଲ୍ ମହାସମର

# ଶେଷ ଲିଗ୍ ମ୍ୟାଚ୍ ଜିତିଲା ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): ଆଇପିଏଲ୍‌ର ଶେଷ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ୬ ୱିକେଟରେ ପରାଜିତ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୨୦ ଓଭରରେ ୩ ୱିକେଟ ହରାଇ ୨୨୭ ରନ କରିଥିଲା । ଜବାବରେ ବେଙ୍ଗାଲୁରୁ ୧୮.୪ ଓଭର ୪ ୱିକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା । ଏହା ବେଙ୍ଗାଲୁରୁର ୯ମ ବିଜୟ।

ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକ୍‌ନା କ୍ରିକେଟ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟକ ଜିତେଶ ଶର୍ମା ଟସ୍ ଜିତି ଲକ୍ଷ୍ନୌକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ଲକ୍ଷ୍ନୌ ପାଇଁ ଏହି ମ୍ୟାଚ୍ କେବଳ ଔପଚାରିକତା ଥିଲା । ଦଳ ବିଜୟୀ ହେଲେ ପଏଣ୍ଟ ଟେବୁଲର ଉପରକୁ ଉଠିବ । ତେଣୁ ପରାଜୟର ଭୟ ଓ ବିଜୟର ଖୁସି ବିନା ଚାପରେ ଲକ୍ଷ୍ନୌ ଖେଳାଳି ଖେଳ ଦେଖାଇଥିଲେ । ଦୁଇ ଓପନର ମିଚେଲ ମାର୍ସ ଓ ମାଥ୍ୟୁ ବ୍ରିଟ୍‌କେ ପାଳି ଆରମ୍ଭ କରିଥିଲେ । ମାଥ୍ୟୁ ୧୨ ବଲ୍‌ରୁ ୧୪ରନ କରି ନୁଆନ ତୁଷାରଙ୍କ ଶିକାର ହୋଇଥିଲେ । ଚଳିତ ସିଜନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖରାପ ଫର୍ମ ପାଇଁ ସମାଲୋଚିତ ହୋଇ ଆସୁଥିବା ଲକ୍ଷ୍ନୌ ଅଧିନାୟକ ରିଷଭ ପନ୍ତ ଏହି ମ୍ୟାଚ୍‌ରେ ଚୌକା, ଛକାର ବର୍ଷା କରି ଶତକ ହାସଲ କରିଥିଲେ । ସବୁଠୁ ଦାମୀ ଖେଳାଳି ହେବାର ଗୌରବ ଅର୍ଜନ କରିଥିବା ପନ୍ତ ଏତେ ଖରାପ ଖେଳିଥିଲେ ଯେ ଦଳ ପ୍ଲେଅଫ୍‌ର ନିକଟତର ହୋଇ ମଧ୍ୟ ଲିଗ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିଥିଲା । ଏହାସତ୍ତ୍ୱେ ବେଙ୍ଗାଲୁରୁ ବିପକ୍ଷ ଶେଷ ମ୍ୟାଚ୍‌ରେ ପନ୍ତ ୬୧ ବଲ୍‌ର ସମ୍ମୁଖୀନ ହୋଇ ୧୧ଟି ଚୌକା ଓ ୮ଟି ଛକା ସହାୟତାର ୧୧୮ ରନର ଅପରାଜିତ ଇନିଂସ୍ ଖେଳିଥିଲେ । ତାଙ୍କ ବ୍ୟତୀତ ମିଚେଲ ମାର୍ସ ୩୭ ବଲ୍‌ରୁ ୪ଟି ଚୌକା ଓ ୫ଟି ଛକା ସହାୟତାରେ ୬୭ ରନ କରିଥିଲେ । ମାର୍ସ ଆଉଟ୍ ହେଲା ବେଳକୁ ଦଳୀୟ ସ୍କୋର ୧୭୭ ରନରେ ପହଞ୍ଚି ଯାଇଥିଲା । ପରେପରେ ନିକୋଲାସ ପୁରନ ୧୦ ବଲ୍‌ରୁ ୧୩ ରନ କରିଥିଲେ । କିନ୍ତୁ ପନ୍ତ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋରକୁ ୨୦ ଓଭରରେ ୨୨୭/୩ ରନରେ ପହଞ୍ଚାଇଥିଲେ । ବେଙ୍ଗାଲୁରୁର ନୁଆନ ତୁଷାର, ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୨୨୮ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଭଲ ଫର୍ମରେ ଥିବା ବିରାଟ କୋହଲିଙ୍କ ଫିଲ୍ ସଲ୍ଟ ଇନିଂସ ଓପନ୍ କରିଥିଲେ । ପ୍ରଥମ ୱିକେଟ ପାଇଁ ଦୁହେଁ ୫.୪ ଓଭରରେ ୬୧ ରନ ସଂଗ୍ରହ କରିଥିଲେ । ସଲ୍ଟ ୧୯ ବଲ୍‌ରୁ ୬ଟି ଚୌକା ସହାୟତାରେ ୩୦ ରନ କରି ଆଉଟ ହୋଇଥିଲେ । କୋହଲିଙ୍କ ବ୍ୟାଟ୍‌ରୁ ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଦେଖିବାକୁ ମିଳିଥିଲା । ସେ ୩୦ ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ସହାୟତାରେ ୫୪ ରନ କରିଥିଲେ । ରଜତ ପାଟିଦାର ୭ ବଲ୍‌ରୁ ୧୪ ରନ କରି ଆଉଟ୍ ହୋଇଥିବାବେଳେ ମୟଙ୍କ ଅଗ୍ରୱାଲ ଓ ଜିତେଶ ଶର୍ମା ଦଳକୁ ବିଜୟ ଆଡ଼େ ଆଗେଇ ନେଇଥିଲେ । ଜିତେଶ ଶର୍ମା ୨୫ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ଅର୍ଦ୍ଧଶତକ ପୂରଣ କରିଥିଲେ । ତେଣୁ ୧୭ ଓଭରରେ ଦଳ ୪ ୱିକେଟ୍ ହରାଇ ୨୦୦ ରନ ସଂଗ୍ରହ କରିଥିଲା । ଜିତେଶ ୬ଟି ଛକା ଓ ୮ଟି ଚୌକା ସହାୟତାରେ ଅପରାଜିତ ୮୫ ରନ କରି ବିଜୟ ମୁଣ୍ଡି ମାରିଥିଲେ ।



### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୧୮ |
| ବେଙ୍ଗାଲୁରୁ | ୧୪ | ୯ | ୪ | ୧୮ |
| ପଞ୍ଜାବ | ୧୩ | ୮ | ୪ | ୧୭ |
| ମୁମ୍ବାଇ | ୧୩ | ୮ | ୫ | ୧୬ |
| ଦିଲ୍ଲୀ | ୧୪ | ୭ | ୬ | ୧୫ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୩ | ୬ | ୭ | ୧୨ |
| ସନ୍‌ରାଇଜର୍ସ | ୧୩ | ୫ | ୭ | ୧୧ |
| ରାଜସ୍ଥାନ | ୧୪ | ୪ | ୧୦ | ୮ |
| ଚେନ୍ନାଇ | ୧୪ | ୪ | ୧୦ | ୮ |

## ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ସାଉଥବଲଣ୍ଡା, ୨୭।୫ (ସବ୍ୟୁ) : ତାଳଚେର ବ୍ଲକ ବିକ୍ରମପୁର ଭଞ୍ଜ ମଣ୍ଡପ ପରିସରରେ ଚାଲିଥିବା ୧୩ତମ ଅନୁଗୋଳ ଜିଲ୍ଲା କିରୋଗି ଓ ଷଷ୍ଠ ପୁମ୍‌ସେ ତାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଅନୁଗୋଳ ଜିଲ୍ଲା ତାଇକୋଣ୍ଡୋ ସଂଘର ସମ୍ପାଦକ ପ୍ରମୋଦ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତାଳଚେର ତାଇକୋଣ୍ଡୋ ଏକାଡେମୀର ୫୦ ଜଣ ପ୍ରତିଯୋଗୀ, ଦାନିସ୍ ତାଇକୋଣ୍ଡୋ ଏକାଡେମୀର ୧୫ ଜଣ ଓ ଇକୋ ରେଲୱେ ତାଇକୋଣ୍ଡୋ ଏକାଡେମୀର ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କିରୋଗି ଓ ପୁମ୍‌ସେ ତାଇକୋଣ୍ଡୋ ପ୍ରତିଯୋଗିତାରେ ଜିଲ୍ଲାର ୮୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଓଡିଶା ତାଇକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କିରୋଗି ପ୍ରତିଯୋଗିତାରେ ତାଳଚେର ତାଇକୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ଓ ଦାନିସ୍ ତାଇକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ଏବଂ ପୁମ୍‌ସେ ପ୍ରତିଯୋଗିତାରେ ତାଳଚେର ତାଇକୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ଓ ଇକୋ ରେଲୱେ ତାଇକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ହୋଇଥିଲେ । ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ତାଳଚେର ଭାରୀ ଜଳ କାରଖାନାର ବରିଷ୍ଠ ଅଧିକାରୀ ଜୈତୁଲ ହକ୍ ଓ ସମ୍ମାନିତ ଅତିଥି ଏକେ ରଥ, ଓଡିଶା ତାଇକୋଣ୍ଡୋ ଆସୋସିଏନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ଅନୁଗୋଳ ଜିଲ୍ଲା ତାଇକୋଣ୍ଡୋ ସଂଘର ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୋଚ୍ ଶୁଶାନ୍ତ ପ୍ରଧାନ ଓ ପ୍ରଦୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଫ୍ରେଞ୍ଚ ଓପନ : ଓସାକାଙ୍କ ଅଭିଯାନ ଶେଷ

ପ୍ୟାରିସ, ୨୭।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ଆରମ୍ଭରୁ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଜାପାନର ମହିଳା ଟେନିସ ଖେଳାଳି ନାଓମି ଓସାକା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ଫ୍ରେଞ୍ଚ ଓପନ୍ ଅଭିଯାନ ଶେଷ କରିଛନ୍ତି । ୪ଥର ଗ୍ରାଣ୍ଡସ୍ଲାମ ବିଜେତା ଓସାକା ସ୍ପେନ୍‌ର ପୌଲା ବାଡୋସାଙ୍କ ନିକଟରୁ ୭-୬, ୧-୬, ୪-୬ ସେଟ୍‌ରେ ପରାଜିତ ହୋଇ ପ୍ରଥମ ରାଉଣ୍ଡ ହର୍ଡ଼ଲ୍ସ ଅତିକ୍ରମ କରିପାରି ନାହାନ୍ତି ।

୨୭ ବର୍ଷୀୟା ଓସାକା ୩୬ଟି ମ୍ୟାଚ୍ ଖେଳି ବିଜୟୀ ହୋଇଥିଲାବେଳେ ତନ୍ମଧ୍ୟରୁ ୧୧ଟି ମ୍ୟାଚ୍ ନିର୍ଣ୍ଣାୟକ ଥିଲା । ଭଲ ଲୟରେ ଥିବା ଓସାକା ଫ୍ରେଞ୍ଚ ଓପନ୍‌ରୁ ଏତେଶୀଘ୍ର ଅଭିଯାନ ଶେଷ କରିବେ ବୋଲି କେହି କଳ୍ପନା କରିନଥିଲେ । ତଥାପି ସେ ୩ ରାଉଣ୍ଡ ମ୍ୟାଚ୍‌ରେ ୨ଘଣ୍ଟା ୨୦ ମିନିଟ୍ କଡ଼ା ସଂଘର୍ଷ କରିଥିଲେ । ପ୍ରଥମ ସେଟ୍‌କୁ ୭-୬ ଜିତି ଆଧିପତ୍ୟ ବିସ୍ତାର କରିଥିଲେ । କିନ୍ତୁ ପରବର୍ତ୍ତୀ ଦୁଇଟି ସେଟ୍‌ରେ ବାଡୋସା ୬-୧, ୬-୪ ସେଟ୍‌ରେ ବିଜୟଲାଭ କରି ଓସାକାଙ୍କୁ ପ୍ରତ୍ୟାବର୍ତ୍ତନର ଆଦୌ ସୁଯୋଗ ଦେଇ ନଥିଲେ ।



ପୁରୁଷ ବର୍ଗର ପ୍ରଥମ ରାଉଣ୍ଡରେ ତୃତୀୟ ସିଡ୍ ଆଲେକ୍‌ଜାଣ୍ଡାର ଭିର୍ଭ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ସେ ୬-୩, ୬-୩, ୬-୪ ସେଟ୍‌ରେ ତିଏନଙ୍କୁ ଧରାଶାୟୀ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ୧୧ତମ ସିଡେଡ୍ ମେଡଭେଡେଭଙ୍କୁ ମାରାଥନ ୭-୬, ୬-୩, ୪-୬, ୧-୬, ୭-୫ ସେଟ୍‌ରେ ଇଂଲଣ୍ଡର ନୋରି ପରାଜିତ କରି ବିପର୍ଯ୍ୟୟ ଘଟାଇଛନ୍ତି । ୧ନମ୍ବର ସିଡେଡ୍ ଜାନିକ୍ ସିନର ୬-୪, ୬-୩, ୭-୫ ସେଟ୍‌ରେ ରିଣ୍ଡେରନିଚ୍‌ଙ୍କୁ ହରାଇଥିଲେ ।

## ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗୋପବନ୍ଧୁ ହାଇସ୍କୁଲ ବିଜୟୀ

କେନ୍ଦୁଝର, ୨୭।୫ (ସବ୍ୟୁ) : ମଙ୍ଗଳବାର ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ଅଷ୍ଟମ ଦିବସ ଗ୍ରୁପ-ବି'ର ଏକ ଲିଗ୍ ପର୍ଯ୍ୟାୟ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) କେନ୍ଦୁଝରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ମିଳିତ) ବିପକ୍ଷରେ ୯୩ ରନରେ ଏକ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଏଥିସହ ଲିଗ୍‌ର ୩ୟ ମ୍ୟାଚରୁ ସବୁଥିରେ ବିଜୟ ଲାଭ କରି ୬ ପଏଣ୍ଟ ହାସଲ କରିବା ସହ ଫାଇନାଲରେ ପ୍ରବେଶ କରିଛି ।



ଗୁରୁବାର ଫାଇନାଲ ଖେଳରେ ଗୋପବନ୍ଧୁ ହାଇସ୍କୁଲ କେନ୍ଦୁଝରର ସେଣ୍ଟ ଜାଭିଆର ହାଇସ୍କୁଲକୁ ଭେଟିବାର କାର୍ଯ୍ୟକ୍ରମ ଥିବାବେଳେ ଆସନ୍ତାକାଲି ହେବାକୁଥିବା ଅନ୍ତିମ ଲିଗ ମ୍ୟାଚର କୌଣସି ଗୁରୁତ୍ୱ ନାହିଁ । ଆଜିର ଖେଳରେ ଗୋପବନ୍ଧୁ ହାଇସ୍କୁଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ୨୦.୫ ଓଭର ବ୍ୟାଟିଂ କରି ୧୭୨ ରନରେ ସମସ୍ତ ୱିକେଟ ହରାଇଥଲା । ଦଳ ପକ୍ଷରୁ ଯୋଗେଶ୍ୱର ମହାନ୍ତ ଅତି ଚମତ୍କାର ବ୍ୟାଟିଂ କରି ୪୨ ବଲର ସମ୍ମୁଖୀନ ହୋଇ ୧୦ ଚୌକା ଏବଂ ୨ ଛକା ସହାୟତାରେ ୧୭୧.୪୩ ଷ୍ଟ୍ରାଇକ ରେଟ ସହ ୭୨ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଅଧିନାୟକ ଆଶୁତୋଷ ନାୟକ ୨୦ ବଲର ସମ୍ମୁଖୀନ ହୋଇ ୬ ଚୌକା ସହାୟତାରେ ୩୧ ରନ ସଂଗ୍ରହ କରିଥିଲେ ।

ଜବାବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ୟାଟିଂ କରିବାକୁ ଆସି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଏବଂ ନିୟମିତ ବ୍ୟବଧାନରେ ୱିକେଟର ପତନ ଘଟିଥିଲା । ସେମାନେ ୨୦.୧ ଓଭର ବ୍ୟାଟିଂ କରି ୭୯ ସମସ୍ତ ୱିକେଟ ହରାଇଥିଲା । ଦଳ ପକ୍ଷରୁ କ୍ରିଷ୍ଣାଜିତ ସାହୁ ୨୨ ବଲର ସମ୍ମୁଖୀନ ହୋଇ ୩ଟି ଚୌକା ସହାୟତାରେ ସର୍ବାଧିକ ୨୦ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ଡାହାଣହାତୀ ଅଫସ୍ପିନର ଅଙ୍ଗଦ ଲୋଟିଆ ୪ ବୋଲିଂରେ ଗୋଟିଏ ମେଡନ ସହ ୮ ଦେଇ ୪ ୱିକେଟ ନେଇଥିବା ବେଳେ ଦିବ୍ୟାଂଶୁ ପୃଷ୍ଟି ୩.୧ ଓଭର ବୋଲିଂରେ ୧୧ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିଲେ । ଖେଳରେ ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ ନିଜର ଯାଦୁକରୀ ସ୍ପିନ ବୋଲିଂରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ ନାୟକ ହୋଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

# ଓଡ଼ିଶା ସିପକ୍‌ଟାକ୍ରୋ ଖେଳାଳିଙ୍କୁ ଉତ୍ସାହିତ କଲେ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, ୨୭।୫ (ସବ୍ୟୁ): ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ସିପକ୍‌ଟାକ୍ରୋ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିବାବେଳେ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାତେଇଥିଲେ । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ତିରୁପତି ପାଣିଗ୍ରାହୀ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ସମସ୍ତ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଗତ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଶେଷ ଦିନରେ ଓଡ଼ିଶାର ସିପକ୍‌ଟାକ୍ରୋ ଦଳ ପଦକ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଥିଲା । ଓଡ଼ିଶା ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିପକ୍‌ଟାକ୍ରୋ ଦଳ ଖେଲୋ ଇଣ୍ଡିଆ ଗେମ୍ସରେ ଭାଗ ନେଇଥିଲା ।



ପୁରୁଷ ଦଳରେ ଆକାଶ ରେଜ୍ଡୀ, ବିକାଶ ରେଜ୍ଡୀ, ଗୁରୁ ମାଝୀ, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଓ ଲୁଲୁ ପାତ୍ର ସ୍ଥାନ ପାଇଥିଲେ । ସୁଶାନ୍ତ ଷଡ଼ଙ୍ଗୀ ମ୍ୟାନେଜର ଓ ଲଲାଟେନ୍ଦୁ ସ୍ୱାଇଁ କୋଚ୍ ଦାୟିତ୍ୱ ତୁଲାଇଥିଲେ । ମହିଳା ଦଳରେ ଏ. ଶ୍ରାବଣୀ, ସଂଗୀତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ, ରାଇମଣି ଟୁଡୁ ଥିବାବେଳେ ଲକ୍ଷ୍ମୀପ୍ରିୟା ନାୟକ କୋଚ୍ ଏବଂ ସ୍ୱାରିକା ଦାସ ଟିମ୍ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ । ଓଡ଼ିଶା କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଶା ସିପକ୍‌ଟାକ୍ରୋ ଦଳର ରାଜ୍ୟ ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ମହମ୍ମଦ ଗୁଲ୍‌ଫାମ୍, ବିଶ୍ୱନାଥ ମିଶ୍ର, କୋଷାଧକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ୟୁଥ୍ ଲିଗ୍ ଫୁଟବଲ

# ୱାଇଏଏଫ୍‌ସି ଚୌଦ୍ୱାର ଚାମ୍ପିଅନ

ଭୁବନେଶ୍ୱର, ୨୭।୫ (ସବ୍ୟୁ): ଫୁଟବଲ୍ ଆସୋସିଏସିନ୍ ଅଫ୍ ଓଡ଼ିଶାର ଘରୋଇ ପ୍ରତିଯୋଗିତା ୧୭ ବର୍ଷରୁ କମ୍ ଫାଓ ୟୁଥ୍ ଲିଗ୍ ଫୁଟ୍‌ବଲରେ ୱାଇଏଏଫ୍‌ସି ଚୌଦ୍ୱାର ଚାମ୍ପିଅନ ହୋଇଛି । ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ କଟକ ଜୋନ୍‌ର ୱାଇଏଏଫ୍‌ସି ଚୌଦ୍ୱାର ଓ ଭୁବନେଶ୍ୱର ଜୋନ୍‌ର କିଟ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର' ରହିଥିଲା । ପେନାଲ୍ଟି ସୁଟ୍‌ଆଉଟ୍‌ରେ ଚୌଦ୍ୱାର ୩-୨ ଗୋଲ୍‌ରେ କିଟ୍‌କୁ ଧରାଶାୟୀ କରି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । କିଟ୍ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ପାଓର ଟେକ୍‌ନିକାଲ ଡାଇରେକ୍ଟର ଅକ୍ଷୟ ଦାସ, ସଦସ୍ୟ କାର୍ତ୍ତିକ ବେହେରା ଓ ମଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ ।




# କ୍ରିକେଟକୁ ଅଲବିଦା କହିଲେ ପ୍ରିୟଙ୍କ



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଭାରତୀୟ କ୍ରିକେଟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଥିରେ କୌଣସି ପ୍ରକାରର ସନ୍ଦେହ ନାହିଁ । ପ୍ରତିବର୍ଷ ଦେଶର କୋଣଅନୁକୋଣରୁ ନୂଆ ନୂଆ ପ୍ରତିଭାବାନ ଖେଳାଳି ଚିହ୍ନଟ ହେଉଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର କିଛି ହାତ ଗଣତି ଖେଳାଳି ଭାରତୀୟ କ୍ରିକେଟରେ ତିଷ୍ଠି ରହି ପାରୁଛନ୍ତି । ଭଲ ପ୍ରଦର୍ଶନ ସତ୍ତ୍ୱେ ଅନେକ ଭାରତକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଉ ନାହାନ୍ତି । ବର୍ଷ ବର୍ଷ ଧରି ସେମାନେ ଅପେକ୍ଷା କରି ରହୁଥିଲେ ହେଁ ସେମାନଙ୍କୁ ସୁଯୋଗ ମିଳିନାହିଁ । ଅନେକ ନିରାଶ ହେଉଛନ୍ତି ତ ଆଉ କିଏ ସଂପୂର୍ଣ୍ଣ ଭାଙ୍ଗି ପଡୁଛନ୍ତି ।

ଏମିତି ଜଣେ ଖେଳାଳି ହେଲେ ପ୍ରିୟଙ୍କ ପଞ୍ଚାଲ । ସେ ଘରୋଇ କ୍ରିକେଟର ଜଣେ ଭେଟରାନ ଖେଳାଳି । ପ୍ରିୟଙ୍କ ୧୨୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍, ୯୭ଟି ଲିଷ୍ଟ-ଏ ଓ ୫୯ଟି ଟି-୨୦ ଖେଳିଛନ୍ତି । ଘରୋଇ କ୍ରିକେଟର ଅନ୍ୟତମ ଦକ୍ଷ ଓ ସ୍ଥିର ପ୍ରଦର୍ଶନ କରି ଆସୁଥିବା ବ୍ୟାଟରଙ୍କ ମଧ୍ୟରୁ ପ୍ରିୟଙ୍କ ଅନ୍ୟତମ । ତାଙ୍କ ବ୍ୟାଟରୁ ବର୍ଷ ବର୍ଷ ଧରି ଅନେକ ରନ ବାହାରିଛି । କିନ୍ତୁ ସେ କେବେ ହେଲେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଲେ ନାହିଁ । ଟେଷ୍ଟ, ଦିନିକିଆ କିମ୍ବା ଟି-୨୦ କୌଣସି ଫର୍ମାଟରେ ମଧ ତାଙ୍କୁ କେବେ ହେଲେ ଚୟନ କରାଯାଇ ନାହିଁ । ଦୀର୍ଘ ବର୍ଷ ଧରି ସୁଯୋଗ ଅପେକ୍ଷାରେ ରହିବା ପରେ ଶେଷରେ ପ୍ରିୟଙ୍କ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅପ୍ରତ୍ୟାଶିତ ଅବସର ଘୋଷଣା କରିଛନ୍ତି ।

୧୯୯୦ ମସିହାରେ ଜନ୍ମ ଗ୍ରହଣ କରିଥିବା ପ୍ରିୟଙ୍କ ଭାରତ ପାଇଁ ୨୦୨୧-୨୨ରେ ଦକ୍ଷିଣ ଆଫ୍ରିକା ଟୁରରେ ଡେବ୍ୟୁ କରିବାର ଅତି ନିକଟରେ ପହଞ୍ଚି ଯାଇଥିଲେ । ଦଳ ସହ ସେ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲେ । କିନ୍ତୁ ଡେବ୍ୟୁର ଐତିହାସିକ ସୁଯୋଗ ତାଙ୍କ ହାତରୁ ଅଳ୍ପକେ ଖସି ଯାଇଥିଲା । ଏହାପରେ ତାଙ୍କୁ ଆଉ କେବେ ବି ଚୟନ ପ୍ରକ୍ରିୟାରେ ସାମିଲ କରାଯାଇ ନଥିଲା । ଆଉ ଏମିତି ହେବାର ସମ୍ଭାବନା ନଥିବା କଥା ସ୍ୱୀକାର କରି ପ୍ରିୟଙ୍କ ବେଶ ଭାବବିହ୍ୱଳ ଢଙ୍ଗରେ କ୍ରିକେଟକୁ ବାଏବାଏ କହିଛନ୍ତି । ଗୋଟିଏ ସାକ୍ଷାତକାରରେ ପ୍ରିୟଙ୍କା ନିଜର ଅବସର ସମ୍ପର୍କରେ ବେଶ କିଛି ଦିନ ହେଲା ଯୋଜନା କରୁଥିବା କଥା କହିଛନ୍ତି । ସେ କହିଛନ୍ତି, ଦୀର୍ଘ ସମୟ ହେଲାଣି ଅବସର କଥା ମୋ ମୁଣ୍ଡରେ ଚାଲିଥିଲା । କାରଣ ମୁଁ ଯେତେବେଳେ କ୍ରିକେଟ ଖେଳିବା ଆରମ୍ଭ କରିଥିଲି ସେତେବେଳେ ମୋ ଭିତରେ ଏମିତି କିଛି ଶକ୍ତି ଥିଲା ଯାହା ମୋତେ ଭାରତ ପାଇଁ ଖେଳିବାକୁ ପ୍ରେରଣ ଯୋଗାଉ ଥିଲା । ସେହି ଶକ୍ତି ସହିତ ମୋ ଭିତରେ ଶୃଙ୍ଖଳା ଓ ଉତ୍ସର୍ଗୀଗୃତ ମନୋଭାବ ବି ରହିଥିଲା ।

କିନ୍ତୁ ଗୋଟିଏ ସମୟ ଏମିତି ଆସିଲା ଯେ ଯେଉଁଠାରେ ମୁଁ ଭାବି ନେଇଥିଲେ ଯେ ଆଉ ସମ୍ଭବ ନୁହେଁ । ମୁଁ ସବୁ ପ୍ରକାରର ଚେଷ୍ଟା କରିଛି । ମୁଁ ଭାରତ ଏ ପାଇଁ ଖେଳିଥିଲି ଓ ମୁଁ ରଣଜୀ ଟ୍ରଫି ଖେଳି ଥିଲି । କିନ୍ତୁ ମୁଁ ଅନୁଭବ କରିଛି ଅବସରର ଉପଯୁକ୍ତ ସମୟ ଆସି ଯାଇଛି । ଆଉ କିଛି ହେବାର ସମ୍ଭାବନା ନାହିଁ । ଶତକ ପରେ ଶତକ ମାରିଲେ ମଧ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନ ପକ୍କା କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ପ୍ରିୟଙ୍କ କହିଛନ୍ତି । ସେ କହିଛନ୍ତି, ସ୍ଥିରତା ବହୁତ ଗୁରୁତ୍ୱପୂର୍ଣ୍ଣ ।

ଜଣେ ଖେଳାଳି ହିସାବରେ ପ୍ରଦର୍ଶନ ପାଇଁ ଏହା ଜରୁରୀ । କିନ୍ତୁ ଠିକଣା ସମୟରେ ପ୍ରଦର୍ଶନ କରିବା ମଧ ଗୁରୁତ୍ୱପୂର୍ଣ୍ଣ । ଅନ୍ତର୍ଜାତୀୟ କ୍ରିକେଟରେ ଟାଇମିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣ ଶତକ ପରେ ଶତକ ମାରୁଛନ୍ତି, ହେଲେ ଆପଣଙ୍କ ଟିମ ଜିତୁ ନାହିଁ, ତା'ହେଲେ ଏହା ଠିକ ସମୟ ନୁହେଁ । କିନ୍ତୁ ଆପଣ ୩୦ ରନ କରୁଛନ୍ତି ଓ ଆପଣଙ୍କ ଟିମ ଜିତିଛୁ, ତା'ହେଲେ ଆପଣଙ୍କ ଯୋଗଦାନର ମୂଲ୍ୟ ଅଧିକ ରହିବ । ଅନ୍ତର୍ଜାତୀୟ କ୍ରିକେଟରେ ଏହାର ଗୁରୁତ୍ୱ ରହିଛି । ମୁଁ ଏସବୁରୁ ବହୁତ କିଛି ଶିଖିଛି । ୨୦୧୬-୧୭ରେ ଗୁଜରାଟ ପ୍ରଥମଥର ପାଇଁ ରଣଜୀ ଟ୍ରଫି ଜିତିଥିଲା । ସେହି ବର୍ଷ ପଞ୍ଚାଲ ୧୩୦୦ରୁ ଅଧିକ ରନ କରିଥିଲେ । ବିଜୟ ହଜାରେ ଟ୍ରଫି ଜିତିଥିବା ଗୁଜରାଟ ଦଳରେ ମଧ ପ୍ରିୟଙ୍କ ରହିଥିଲେ । ୯୭ଟି ଲିଷ୍ଟ ଏ ମ୍ୟାଚରେ ୮ଟି ଶତକ ମାରିଛନ୍ତି । ୨୦୨୩ ଅକ୍ଟୋବର ମାସରେ ସେ ନିଜର ଶେଷ ଟି-୨୦ ମ୍ୟାଚ ଗୁଜରାଟ ପାଇଁ ଖେଳିଥିଲେ । ଭାରତ ଏ ପାଇଁ ଖେଳିଥିବା ପଞ୍ଚାଲ ଆଇପିଏଲ ଖେଳିବାର ମଧ ସୁଯୋଗ ପାଇ ନାହାନ୍ତି ।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି